
# ଧରିତ୍ରୀ
DHARITRI

ଧରିତ୍ରୀ 51 Years


ଭୁବନେଶ୍ୱର, ସୋମବାର, ଜୁନ୍ ୯/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, June 9/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୧୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 194 | ମୂଲ୍ୟ ₹୭/-




# ଅନନ୍ୟା  ନନ୍ଦିନୀ

ନନ୍ଦିନୀ ଶତପଥୀ, କେବଳ ଓଡ଼ିଶା ନୁହେଁ ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା। ଯାହାଙ୍କ ଅବଦାନରେ ଉଭୟ ରାଜନୀତି ଏବଂ ସାହିତ୍ୟ ବିଭିନ୍ନ ଭାବେ ପରିପୁଷ୍ଟ। ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀଙ୍କର ସ୍ୱପ୍ନ ଥିଲା ରାଜ୍ୟର ସାମଗ୍ରିକ ବିକାଶ। ସ୍ୱପ୍ନକୁ ବାସ୍ତବ ରୂପ ଦେବା ଲାଗି ସେ ଚଳାଇଥିଲେ ଆପ୍ରାଣ ଉଦ୍ୟମ, ଯାହାର ସୁଫଳ ଆଜି ପାଉଛନ୍ତି ରାଜ୍ୟବାସୀ। ରାଜନୀତି ଭଳି ଓଡ଼ିଆ ଭାଷାରେ ଭାରତୀୟ ସାହିତ୍ୟକୁ ସେ କରିଯାଇଛନ୍ତି ସମୃଦ୍ଧ। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ 'ଓଡ଼ିଶା ସାହିତ୍ୟ ଏକାଡେମୀ', 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ସାହିତ୍ୟ ଭାରତୀ' ସମ୍ମାନରେ ସେ ସମ୍ମାନିତା।


▲ ରାଜ କପୁରଙ୍କ ସହ ନନ୍ଦିନୀ ଓ ଦୁଇ ପୁତ୍ର (ନଚିକେତା ଓ ତଥାଗତ)।


▲ ବଲିଉଡ୍ ଅଭିନେତ୍ରୀ ବୈଜୟନ୍ତୀମାଳା ବାଲିଙ୍କ ସହ।

**ବଲିଉଡ୍ କଳାକାରଙ୍କ ସହ ନନ୍ଦିନୀ**


▲ ତାସ୍କେଣ୍ଟରେ ସ୍ୱାମୀ ଦେବେନ୍ଦ୍ର ଶତପଥୀଙ୍କ ସହ ନନ୍ଦିନୀ।


▲ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ସହ।


▲ ବଲିଉଡ୍ ଅଭିନେତ୍ରୀ ନର୍ଗିସଙ୍କ ସହ।

# ଭୁବନେଶ୍ୱରରେ ହେବ ଭୂତଳ ମେଟ୍ରୋ

## ଅକ୍ଷୁଣ୍ଣ ରହିବ ରାଜଧାନୀ ସୌନ୍ଦର୍ଯ୍ୟ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୮।୬(ରବିନାରାୟଣ ଜେନା)

ଭୁବନେଶ୍ୱରରେ ଉପରେ ନୁହେଁ, ମାଟି ତଳେ ଗଡ଼ିବ ମେଟ୍ରୋ ଟ୍ରେନ। ରାଜଧାନୀର ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିପାଇଁ ମେଟ୍ରୋ ଆଲାଇନ୍‌ମେଣ୍ଟରେ ପରିବର୍ତ୍ତନ ଅଣାଯିବ। ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୂତଳ ମେଟ୍ରୋ ପାଇଁ ନୂଆ ଆଲାଇନ୍‌ମେଣ୍ଟ ପ୍ରସ୍ତୁତ କରାଯିବ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ରବିବାର ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ କାର୍ଯ୍ୟକ୍ରମ ଅବସରରେ ଗଣମାଧ୍ୟମକୁ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ଯେ, ଏବେ ଆଉ ଏଲିଭେଟେଡ୍ ମେଟ୍ରୋ ହେବନାହିଁ। ସମ୍ପୂର୍ଣ୍ଣ ଭୂତଳ ମେଟ୍ରୋ ନିର୍ମାଣ ହେବ। ଏଲିଭେଟେଡ୍ ହେଲେ ଭୁବନେଶ୍ୱର ସହରର ଅନ୍ୟାନ୍ୟ ସୌନ୍ଦର୍ଯ୍ୟ ନଷ୍ଟହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୂତଳ ମେଟ୍ରୋ କରିବାକୁ ଯୋଜନା ପ୍ରସ୍ତୁତ ହେଉଛି। ତେବେ ରୂପରେଖ କ'ଣ ରହିବ ସେନେଇ ନଗର ଉନ୍ନୟନ ବିଭାଗ କାର୍ଯ୍ୟ ଆରମ୍ଭ କରିଛି। ଭୁବନେଶ୍ୱର ସୌନ୍ଦର୍ଯ୍ୟରେ ଯେଭଳି କୌଣସି ପ୍ରକାର ବାଧା ନ ପହଞ୍ଚିବ, ତାହାକୁ ଦୃଷ୍ଟିରେ ରଖି ନିର୍ମାଣ କାମ ଆଗକୁ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି।

ତେବେ ବହୁ ପ୍ରତୀକ୍ଷିତ ମେଟ୍ରୋ ରେଳ ପ୍ରକଳ୍ପର ଭବିଷ୍ୟତ କ'ଣ ହେବ ସେନେଇ ପ୍ରଶ୍ନ ଉଠୁଥିବାବେଳେ ପୂର୍ତ୍ତମନ୍ତ୍ରୀ ଏଭଳି ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ରାଜଧାନୀ ସହରରେ ଏଲିଭେଟେଡ୍ ମେଟ୍ରୋ ରେଳ ବ୍ୟବସ୍ଥା ନୁହେଁ ବରଂ ପ୍ରଶାସନ ବର୍ତ୍ତମାନ ମାଟିତଳେ ମେଟ୍ରୋ ରେଳ ନେଟ୍‌ୱର୍କ ସଂପ୍ରସାରଣ କରିବା ପାଇଁ ଯୋଜନା ରଖିଛି। ଏଥିଲାଗି ବିଭିନ୍ନ ଲଜିଷ୍ଟିକ୍ ଏବଂ ସହରୀ ଯୋଜନା ସମ୍ବନ୍ଧୀୟ ଚିନ୍ତା ଯୋଗୁ ଭୁବନେଶ୍ୱର ପାଇଁ ଏଲିଭେଟେଡ୍ ମେଟ୍ରୋ ରେଳକୁ ପ୍ରତ୍ୟାଖ୍ୟାନ କରାଯାଇଛି। ସହରର ଭୂଦୃଶ୍ୟ ଏବଂ ଟ୍ରାଫିକ୍ ଭିଡ଼ ଏଲିଭେଟେଡ୍ ମେଟ୍ରୋକୁ ସମର୍ଥନ କରୁନାହିଁ। ଆମେ ଏବେ ମାଟିତଳ ମେଟ୍ରୋ ରେଳ ବ୍ୟବସ୍ଥା ସହ ଆଗକୁ ବଢ଼ୁଛୁ। ପ୍ରସ୍ତାବିତ ମାଟିତଳ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ନୂତନ ରୁଟ୍ ନିର୍ଦ୍ଧାରଣ କରାଯାଇନାହିଁ। ଏଲିଭେଟେଡ୍ ମେଟ୍ରୋ କରିଡର ଭୁବନେଶ୍ୱର ଏବଂ ଏହା ଆଖପାଖର ସୌନ୍ଦର୍ଯ୍ୟକୁ କ୍ଷତି କରିବ। ତେଣୁ ସରକାରଙ୍କ ପକ୍ଷରୁ ମାଟିତଳ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା କିପରି କାର୍ଯ୍ୟକାରୀ ହେବ ସେନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ନଗର ଉନ୍ନୟନ ବିଭାଗ ଦ୍ୱାରା କେଉଁ ସର୍ଭେ କରାଯିବ ଏବଂ ପୂର୍ତ୍ତ ବିଭାଗ କେଉଁ କାର୍ଯ୍ୟ କରିବ ତାହା ସ୍ଥିର ହୋଇଛି ବୋଲି ହରିଚନ୍ଦନ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ପ୍ରସ୍ତାବିତ ମାଟିତଳ ରେଳ ପ୍ରକଳ୍ପ ପାଇଁ ସବୁଠାରୁ ଉପଯୁକ୍ତ ରୁଟ୍ ଏବଂ ଭିତ୍ତିଭୂମିର ଆବଶ୍ୟକତା ମୂଲ୍ୟାଙ୍କନ କରିବା ପାଇଁ ବୈଷୟିକ ବିଶେଷଜ୍ଞ ଏବଂ ହିତାଧିକାରୀମାନଙ୍କ ସହ ପରାମର୍ଶ ଚାଲିଛି। ଖୁବ୍‌ଶୀଘ୍ର ଏହାର ପୂର୍ଣ୍ଣାଙ୍ଗ ରୂପରେଖ ପ୍ରକାଶ ପାଇବ।

# ୨ ଛୁଆ ଜନ୍ମ ଦେଲା ଧଳା ବାଘୁଣୀ ମୌସୁମୀ

## ନନ୍ଦନକାନନରେ ବାଘ ସଂଖ୍ୟା ୨୯କୁ ବୃଦ୍ଧି

ବାରଙ୍ଗ,୮।୬(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ରାତିରେ ଧଳା ବାଘୁଣୀ ମୌସୁମୀ ଦୁଇଟି ପର୍ଯ୍ୟାୟରେ ୨ଟି ଛୁଆ ଜନ୍ମ ଦେଇଛି। ପ୍ରଥମ ଛୁଆ ଶନିବାର ରାତି ୯ଟା ୧୫ ଏବଂ ଦ୍ୱିତୀୟ ଛୁଆ ରାତି ୧୧ଟା ୩ରେ ୨୮ ବି ନଂ. ଏନ୍‌କ୍ଲୋଜରରେ ଜନ୍ମ ହୋଇଛି। ଜନ୍ମିତ ଛୁଆ ମଧ୍ୟରୁ ଗୋଟିଏ ସାଧାରଣ ରଙ୍ଗର ଏବଂ ଅନ୍ୟଟି ଧଳାରଙ୍ଗର ବୋଲି ଜଣାପଡ଼ିଛି। ମା' ସହିତ ଥିବାରୁ ଜନ୍ମିତ ଛୁଆଙ୍କ ଲିଙ୍ଗ ନିର୍ଣ୍ଣୟ ହୋଇପାରିନାହିଁ। ମା' ୨ ଛୁଆଙ୍କ ଯତ୍ନ ନେଉଥିବା ଦେଖିବାକୁ ମିଳିଛି। ୨୦୨୫ ଫେବୃଆରୀ ୨୭ ଏବଂ ୨୮ରେ ମୌସୁମୀ ଏବଂ ସାଧାରଣ ରଙ୍ଗର ବାଘ ରାଜେଶ ମଧ୍ୟରେ ମିଳନ ପରେ ମୌସୁମୀ ଦ୍ୱିତୀୟ ଥର ପାଇଁ ମା' ହୋଇଥିଲା। ଉଭୟ ମୌସୁମୀ ଓ ରାଜେଶ ନନ୍ଦନକାନନରେ ଜନ୍ମଗ୍ରହଣ କରିଥିଲେ। ମୌସୁମୀ ୨୦୧୬ ଅଗଷ୍ଟ ୫ରେ ମନୀଷ ଏବଂ ସ୍ନେହାଙ୍କ ମିଳନରୁ ଏବଂ ରାଜେଶ ୨୦୧୮ ସେପ୍ଟେମ୍ବର ୨୨ରେ ରୋଶନ ଏବଂ ବିଜୟାଙ୍କ ମିଳନରୁ ଜନ୍ମଗ୍ରହଣ କରିଥିଲେ। ଏହି ଛୁଆ ଜନ୍ମ ପରେ ନନ୍ଦନକାନନରେ ବାଘ ସଂଖ୍ୟା ବୃଦ୍ଧି ପାଇ ୨୯ରେ ପହଞ୍ଚିଛି। ସେଥିମଧ୍ୟରେ ୧୭ ଅଣ୍ଡିରା, ୧୦ ମାଈ ଏବଂ ୨ ଶାବକ ରହିଛନ୍ତି, ଯେଉଁଥିରେ ୧୯ଟି ସାଧାରଣ ରଙ୍ଗର, ୬ଟି ଧଳା ଏବଂ ୪ଟି ମେଲାନିଷ୍ଟିକ ବାଘ ଅଛନ୍ତି।



# ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଆହତ

## ଗୋଡ଼ରେ ଲାଗିଛି ଆଘାତ, ଏସ୍‌ସିବିରେ ଚିକିତ୍ସିତ ହେଲେ

କଟକ,୮।୬(ଶିଳ୍ପା ପ୍ରିୟଦର୍ଶିନୀ)

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ରବିବାର କଟକ ଗସ୍ତ ସମୟରେ ଆହତ ହୋଇଛନ୍ତି। କଟକ ଜିଲାର ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ନିମନ୍ତେ ସମୀକ୍ଷା କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ପରେ ବାଲିଯାତ୍ରା ପଡ଼ିଆକୁ ଏକ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ଥାନ ନିରୀକ୍ଷଣ କରିବା ପାଇଁ ଯାଇଥିଲେ। ସେଠାରେ ସମୀକ୍ଷା ସମୟରେ ହଠାତ୍ ତାଙ୍କ ବାମ ଗୋଡ ମୋଡ଼ିହେବାରୁ ସେ ଆହତ ହୋଇଥିଲେ। ପରେ ତାଙ୍କୁ ଏସ୍‌ସିବି ମେଡିକାଲ ନିଆଯାଇଥିଲା। ମେଡିକାଲର ଟ୍ରମା କାଜୁଆଲଟିରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେଠାରେ ଏକ୍ସ-ରେ କରାଯିବାରୁ ଗୋଡରେ ଷ୍ଟ୍ରେନ ହୋଇଥିବା ଜଣାପଡ଼ିବାରୁ କ୍ରେପ୍ ଲଗାଯାଇଥିଲା। ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀଙ୍କ ଉପସ୍ଥିତିରେ ଉପମୁଖ୍ୟମନ୍ତ୍ରୀଙ୍କ ଚିକିତ୍ସା କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

C. V. Raman Global University
ODISHA BHUBANESWAR INDIA
www.cgu-odisha.ac.in
CGU ODISHA
Home Grown World Class



ADMISSION OPEN
CGET 2025
(Computer Based Online Test)
No Application Fee/No Exam Fee
Apply ONLINE Now
(For UG, PG and Ph.D.Programs)

Ranked among Top 100 Engineering Institution in India since last 09 years by NIRF (National Institutional Ranking Framework), MHRD, Govt. of India

Engineering & Technology
B.TECH. IN :
• Computer Science (CSE, CSE & IT, CS (AI & ML), CSE (Data Sc.), IoT & Cyber Security, Robotics & AI, AI & Data Sc.
• Chemical Engg.
• Civil Engg.
• Electrical Engg.
• Electronics & Commun. Engg.
• Mechanical Engg.
• BCA (Bachelor of Computer Applications)

M TECH IN :
• Compuer Science & Engg.
• Chemical Engg.
• Civil Engg.
• Electrical Engg.
• Mechatronics Engg.
• Electronics & Commun. Engg. (Signal Processing & Commun.)
• Heat Power Engg.
• M.Sc in Computer Science
• MCA (Master of Computer Applications)

Ph.D. (DOCTORAL) PROGRAMS
• CSE • Chemical Engg.
• Civil Engg. • Electrical Engg.
• ECE • Mechanical

MARINE ENGINEERING
• B. Tech • GME
• GP Rating • High Voltage
• STCW • CCMC

DIPLOMA ENGINEERING
• Comp. Sc. • Civil
• Electrical • Mechanical
• Electronics & Telecom.

Tourism and Hospitality
• B.Sc in Hotel & Hospitality Admin.
• Bachelor of Hotel Management & Catering Technology
• M.Sc. in Hotel Administration
• Ph.D. in Tourism & Hospitality
• Diploma in Hotel Management
• Certificate Course in : Bakery & Patisserie, Food production

Humanities and Social Sc.
• M.A. in English
• Ph.D. in English

Agriculture and Allied Sc
• B.Sc. in Agriculture
• M.Sc in - Zoology, Botany, Bio-tech

Pharmacy
• Diploma in Pharmacy
• Bachelor of Pharmacy
• Bachelor of Pharmacy (LE)
• Ph.D. in Pharmacy

Management and Law
• BBA (Bachelor in Business Administration)
• MBA (Master in Business Administration)
• Ph.D. in Business Management

Physical & Mathematical Sc
• M. Sc. in : Applied Mathematics & Computing, Chemistry, Physics
• Ph.D. in : Physics, Chemistry, Mathematics

Forensic Sciences
• B.Sc. in Forensic Sciences
• M.Sc. in Forensic Sciences
• Certificates courses -
- Finger Print & Question Document
- Forensic Auditing & Accounting
- Crime Scene Management
- Digital Forensics

Scan the code to APPLY Now

CONTACT
CAMPUS :
C. V. Raman Global University
Bidyanagar, Mahura, Janla, Bhubaneswar
Odisha, INDIA. Pin - 752054
0674-6636555 +91-9040021102
+91-9040021100 / 101 / 102 / 103
admission@cgu-odisha.ac.in

# ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଜୁନ୍ ୯/୨୦୨୫ | Bhubaneswar, Monday, June 9/2025





ପ୍ରଜନନ ଋତୁକୁ ଦୃଷ୍ଟିରେ ରଖି କେରଳ ଉପକୂଳ ଜଳରାଶିରେ ଜୁନ୍ ୯ ତାରିଖ ମଧ୍ୟରାତିରୁ ଆସନ୍ତା ଜୁଲାଇ ୩୧ ମଧ୍ୟରାତି ଯାଏ ରାଜ୍ୟ ସରକାରଙ୍କ ପକ୍ଷରୁ ଟ୍ରଲିଂ ନିଷେଧ କରାଯାଇଛି। ତଦନୁଯାୟୀ କୋଝିକୋଡ଼ର ପୁଥିୟାପ୍ପା ମାଛଧରା ବନ୍ଦରରେ ରବିବାର ସରକାରଙ୍କ ପକ୍ଷରୁ ଏକ ଫିଶିଂ ବୋଟ୍‌କୁ ଟାଣି କୂଳକୁ ଅଣାଯାଉଛି। ଏହି କଟକଣା ସମୟରେ ପାରମ୍ପରିକ ମାଛମରାକୁ ଅନୁମତି ମିଳିଥିବାବେଳେ ବଡ଼ଧରଣର ବ୍ୟବସାୟିକ ମାଛ ସଂଗ୍ରହକୁ ବନ୍ଦ ରଖାଯାଉଛି।

## ଆଜି ବି ଖରା ଗୁଳୁଗୁଳି

ଭୁବନେଶ୍ୱର,୮।୬
(ଅନୁରାଧା ମହାରଣା)

ରାଜ୍ୟରୁ ମୌସୁମୀ ବର୍ଷା ଏକ ପ୍ରକାର ଉଭାନ ହୋଇଥିବାବେଳେ ଖରା ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିବାକୁ ଲାଗିଛି। ରବିବାର ସମ୍ବଲପୁର ୪୦.୬ ଡ୍ରିଗୀ ସେଲସିୟସ୍, ହୀରାକୁଦରେ ୪୦.୬, ଝାରସୁଗୁଡା ୪୦ରେ ରାଉରକେଲା ୩୮.୧, ଭୁବନେଶ୍ୱର ୩୭.୮, କେନ୍ଦୁଝର ୩୭.୩ ଓ ଚାନ୍ଦବାଲିରେ ୩୭.୩ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ସୋମବାର ବଜ୍ରପାତ ସହ ଝଡ଼କା ପବନ ଆଶଙ୍କା ରହିଥିବାରୁ ୨୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୧ ଜିଲାରେ ଉଷ୍ମ ଓ ଆର୍ଦ୍ର ଅବସ୍ଥା ଲାଗି ରହିବାର ସମ୍ଭାବନା ରହିଛି। ତେଣୁ ଏହି ସବୁ ଜିଲାକୁ ମଧ୍ୟ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ

ଅବସରରେ ଧରିତ୍ରୀ ପରିବାରର ବିନମ୍ର ପ୍ରଣତି



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
ତାରିଖ: ୦୯-୦୬-୨୦୨୫, ସକାଳ ୮ ଘଟିକା
ସ୍ଥାନ: ରାଜଭବନ ନିକଟସ୍ଥ ଏଲଆଇସି ଅଫିସ ଛକ

## ୬ ହଜାର ଟପିଲା କୋଭିଡ୍ ମାମଲା

### ୨୪ ଘଣ୍ଟାରେ ୬ ମୃତ୍ୟୁ

ନୂଆଦିଲ୍ଲୀ, ୮।୬

ଭାରତର ସକ୍ରିୟ କୋଭିଡ୍ ମାମଲା ସଂଖ୍ୟା ୬ ହଜାର ଅତିକ୍ରମ କରିଛି। ଗତ ୪୮ ଘଣ୍ଟା ମଧ୍ୟରେ ଦେଶରେ ୭୬୯ ନୂଆ କରୋନା ମାମଲା ସାମ୍ନାକୁ ଆସିଛି। ଏହାସହ ଦେଶର ସକ୍ରିୟ କୋଭିଡ୍ ମାମଲା ସଂଖ୍ୟା ବଢ଼ି ୬,୧୩୩ରେ ପହଞ୍ଚିଛି। ରବିବାର ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ପ୍ରକାଶ କରିଛି। ସମ୍ପ୍ରତି ଦେଶର ସର୍ବାଧିକ କୋଭିଡ୍ ମାମଲା ଥିବା ରାଜ୍ୟ କେରଳ ହୋଇଥିବାବେଳେ ଏହା ପଛକୁ ଯଥାକ୍ରମେ ଗୁଜରାଟ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ ରହିଛନ୍ତି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ କୋଭିଡ୍ ସମ୍ବନ୍ଧିତ ୬ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଜାନୁଆରୀଠାରୁ ଦେଶରେ ୬୫ ଜଣଙ୍କର କୋଭିଡଜନିତ ମୃତ୍ୟୁ ଘଟିଛି। କୋଭିଡ୍ ମାମଲା ବୃଦ୍ଧି ପାଉଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହାର ପ୍ରସ୍ତୁତିର ତଦାରଖ ପାଇଁ ମକ୍‌ଡ୍ରିଲ କରାଯାଉଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ସେହିପରି ଅକ୍ସିଜେନ୍, ଆଇସୋଲେଟେଡ୍ ବେଡ୍, ଭେଣ୍ଟିଲେଟର, ଅତ୍ୟାବଶ୍ୟକ ଔଷଧର ଉପଲବ୍ଧତା ସୁନିଶ୍ଚିତ କରାଇବାକୁ ସମସ୍ତ ରାଜ୍ୟକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।


ଆଜିର ସମ୍ପାଦକୀୟ
ମୂଳ ବିନ୍ଦୁ


# ବଡ଼ଦାଣ୍ଡରେ ଆମିଷ, ମଦ ବିକ୍ରି ବନ୍ଦ ହେବ

**ବିଶ୍ୱ ପ୍ରସିଦ୍ଧ ପୁରୀକୁ ତୀର୍ଥାଟନ ବା ପର୍ଯ୍ୟଟନ ସହରରେ ପରିଣତ କରାଯିବ। ଏହି ସଂସ୍କୃତିସମ୍ପନ୍ନ ସହରରେ ଲୋକମାନଙ୍କ ମଧ୍ୟରେ ଧର୍ମୀୟ ଭାବନାକୁ ଅଧିକ ଜାଗ୍ରତ ଉଦ୍ଦେଶ୍ୟରେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିରର ୨କିଲୋମିଟର ପରିଧି ମଧ୍ୟରେ ଆମିଷ ଏବଂ ମଦ ବିକ୍ରିକୁ ବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ବଡ଼ଦାଣ୍ଡରେ ଥିବା କୋଠାଗୁଡ଼ିକୁ ଯେପରି ଏକା ପ୍ରକାର ଏବଂ ସମାନ ଉଚ୍ଚର କରାଯିବ, ତା' ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏନେଇ ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ କରାଯିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।**

ଭୁବନେଶ୍ୱର/ପୁରୀ,୮।୬
(ରବି ନାରାୟଣ ଜେନା/ ଅଜିତ୍ ମହାନ୍ତି)

ପୁରୀ ଏକ ଧାର୍ମିକସ୍ଥଳ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ପର୍ଯ୍ୟଟନସ୍ଥଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଛୁଟି ଆସୁଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବା ସହ ସ୍ୱର୍ଣ୍ଣାଭ ବେଳାଭୂମିର ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିଥାନ୍ତି। ତେବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିବା ସମୟରେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଆମିଷ ବିକ୍ରି କରାଯାଉଥିବାର ଦୃଶ୍ୟ ଭକ୍ତଙ୍କ ମନକୁ ଆନ୍ଦୋଳିତ କରୁଛି। ତେଣୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ତଥା ବଡ଼ଦାଣ୍ଡକୁ ଆମିଷମୁକ୍ତ କରିବା ଲାଗି ବହୁବର୍ଷ ହେବ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ଦାବି କରିଆସୁଥିଲେ। ଖୁବଶୀଘ୍ର ବଡ଼ଦାଣ୍ଡ ଆମିଷମୁକ୍ତ ହେବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବଡ଼ଦାଣ୍ଡରେ ଖାଲି ଆମିଷ ନୁହେଁ, ମଦ ବିକ୍ରି ଉପରେ ମଧ୍ୟ ସରକାର ରୋକ୍ ଲଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଶ୍ରୀମନ୍ଦିର ଦୁଇ କିଲୋମିଟର ପରିଧି ଭିତରେ ମଦ ଦୋକାନ କି ବାର୍ ରହିବନି। ପୁରୀକୁ ପିଲିଗ୍ରିମ୍ ସିଟି ବା ପର୍ଯ୍ୟଟନ ସହର କରାଯିବା ନେଇ ସରକାର ନିଷ୍ପତ୍ତି ନେଇଥିବା ରବିବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ପ୍ରଦାନ କରି କହିଛନ୍ତି। ଆଇନମନ୍ତ୍ରୀ କହିଛନ୍ତି, ପୁରୀ ସହରକୁ ପିଲିଗ୍ରିମ ସିଟି ହିସାବରେ ବିକାଶ କରିବାକୁ ଚେଷ୍ଟା ଚାଲିଛି। ଶ୍ରୀମନ୍ଦିରର ଦୁଇ କିଲୋମିଟର ପର୍ଯ୍ୟନ୍ତ ପରିଧି ମଧ୍ୟରେ କୌଣସି ପ୍ରକାର ମଦ କୋକାନ କିମ୍ବା ବାର୍ ରହିବ ନାହିଁ। ଆମିଷ ବିକ୍ରି ମଧ୍ୟ ବନ୍ଦ ହେବ। ସେହିପରି ବଡ ଦାଣ୍ଡରେ ଥିବା ଘର ଗୁଡିକର ଯେଉଁଗୁଡ଼ିକ ବଡ଼ଦାଣ୍ଡ ପଟକୁ ରହିଛି ସେ ଘରଗୁଡିକର ସମାନ ଷ୍ଟ୍ରକ୍‌ଚର ପାଟର୍ନ ସହ ଏହାର ଉଚ୍ଚତା ଏବଂ ଲୁକ୍‌କୁ ଏକ ପ୍ରକାର କିପରି କରାଯାଇପାରିବ ସେ ନେଇ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି। ପିଲିଗ୍ରିମ୍ ସିଟି ହିସାବରେ ପୁରୀକୁ ବିକାଶ କରିବାକୁ ହେଲେ ବଡ଼ଦାଣ୍ଡରେ ଥିବା ସମସ୍ତ ଘର ତୀର୍ଥାଟନ ଶୈଳୀରେ କରିବାକୁ ହେବ। ତୀର୍ଥସ୍ଥଳୀର ଲୁକ୍ ଦେବାକୁ ସ୍ଥିର କରାଯାଇଛି ବୋଲି ଆଇନମନ୍ତ୍ରୀ କହିଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଏଭଳି ପ୍ରତିକ୍ରିୟାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ପୁରୀର ପୂର୍ବତନ କାଉନସିଲର ଭକ୍ତଚରଣ ଦାସ କହିଛନ୍ତି ପୁରୀ ଏକ ଆଧ୍ୟାତ୍ମିକ ତଥା ଧାର୍ମିକ କ୍ଷେତ୍ର। ପ୍ରତିଦିନ ଏଠାକୁ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥାନ୍ତି। ଏଣୁ ବଡ଼ଦାଣ୍ଡରେ ଆମିଷ ବିକ୍ରି ଏବଂ ମଦ ବିକ୍ରି ଯୋଗୁଁ ଧାର୍ମିକ ଭାବନା ଉପରେ ଆଘାତ ଲାଗିଥାଏ। ବଡ଼ଦାଣ୍ଡରେ ଆମିଷ ବିକ୍ରି ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ବାରମ୍ବାର ଦାବି ପରେ ଏବେ ସରକାର ନିଷ୍ପତ୍ତି ନେଇଥିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଦାସ କହିଛନ୍ତି।

## ପୁରୀ ହେବ ତୀର୍ଥାଟନ ସହର: ଆଇନମନ୍ତ୍ରୀ




## ଶ୍ରୀମନ୍ଦିର ଚାରିପଟେ ଥିବା କୋଠାବାଡ଼ିର ଉଚ୍ଚତା ଧାର୍ଯ୍ୟ ହେଉ

### ନଗର ଉନ୍ନୟନ ବିଭାଗକୁ ଚିଠିଲେଖିଲେ ମୁଖ୍ୟ ପ୍ରଶାସକ

ପୁରୀ,୮।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ଚତୁର୍ପାର୍ଶ୍ୱରେ ଅବସ୍ଥିତ ତଥା ଭବିଷ୍ୟତରେ ନିର୍ମିତ ହେବାକୁ ଥିବା କୋଠାବାଡ଼ି ପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ ନିମନ୍ତେ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରବିବାର ନଗର ଉନ୍ନୟନ ବିଭାଗକୁ ଚିଠି ଲେଖିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର ସୁରକ୍ଷା ତଥା ଏହାର ସାଂସ୍କୃତିକ ଐତିହ୍ୟକୁ ଦୃଷ୍ଟିରେ ରଖି ଏହି କୋଠାବାଡ଼ିଗୁଡ଼ିକର ଉଚ୍ଚତା ଧାର୍ଯ୍ୟ ହେବା ସହ ସମ୍ମୁଖ ଭାଗ କଳିଙ୍ଗ ସ୍ଥାପତ୍ୟ ଢାଞ୍ଚାରେ କରାଯିବା ନେଇ ଏକ ନୀତି ପ୍ରସ୍ତୁତି ହେବା ଜରୁରୀ। ସେହିପରି କୋଠାବାଡ଼ିଗୁଡ଼ିକରେ ବ୍ୟବହାର କରୁଥିବା ନାମଫଳକ ଏବଂ ବିଜ୍ଞାପନ ଉପରେ ମଧ୍ୟ ଆବଶ୍ୟକ କଟକଣା ପାଇଁ ଏଥିରେ ବ୍ୟବସ୍ଥା କରାଯାଉ। ଏହାସହ ସମଗ୍ର ☞ପୃଷ୍ଠା-୨

## ଗରମ ଡାଲି ପଡ଼ି ୭ ଭକ୍ତ ଆହତ

### ଶ୍ରୀମନ୍ଦିରରେ ଅଘଟଣ

ପୁରୀ,୮।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ରବିବାର ବଡ଼ ଅଘଟଣ ଘଟିଥିବା ଜଣାପଡ଼ିଛି। ଗରମ ଡାଲି ପଡ଼ି ୭ଜଣ ଭକ୍ତ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିହୋଇଥିବା ବେଳେ ୨ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଆହତ ଦ୍ୱୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଗୁରୁତରମାନେ ହେଲେ ନୟାଗଡ଼ ଅଞ୍ଚଳର ରିତୁନି ଜେନା(୧୭), ଯାଜ୍ଞସେନୀ ଜେନା(୩୫), ଆଶୁତୋଷ ମହାନ୍ତି(୭), ଶ୍ରୁତି ବାହାକା(୨୩) ଓ ଶୁଭଶ୍ରୀ ରାଉତ(୨୪)। ସୂଚନାଯୋଗ୍ୟ, ରବିବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ଉଠିବା ପରେ ବୋଝିଆ ଭଅଣ୍ଡ ଘରୁ ଗରମ ଡାଲି ନେଇ ଯାଉଥିବା ବେଳେ ଅସାବଧାନତା ହେତୁ ଡାଲି ହାଣ୍ଡି ବୋଝ ତଳେ ପଡ଼ିଯାଇଥିଲା। ଏହି ସମୟରେ ସେଠାରେ ଠିଆ ହୋଇଥିବା ୭ ଜଣ ଭକ୍ତଙ୍କ ଗୋଡ଼ରେ ଡାଲି ପଡ଼ି ଆହତ ହୋଇଥିଲେ। ଆହତ ହୋଇଥିବା ସମସ୍ତ ଭକ୍ତ ନୟାଗଡ଼ ଜିଲାର ବୋଲି ଜଣାପଡ଼ିଛି। ୭ ଜଣଙ୍କ ମଧ୍ୟରେ ଛୋଟ ପିଲା ଓ ମହିଳା ରହିଛନ୍ତି। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ଥିବା ଆଶୁ ଚିକିତ୍ସା କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୨ ଜଣଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ୫ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ମେଡିକାଲ୍ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରାଜମିସ୍ତ୍ରିଙ୍କ ସମେତ ୩ ମୃତ

### ପାଇଖାନା ଟାଙ୍କିରେ କାମ କରୁଥିବା ବେଳେ ଅଘଟଣ

ଖଇରା, ୮।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଝିଙ୍କିରିଆ ପଞ୍ଚାୟତ ଗଗନଧୂଳି ଗ୍ରାମରେ ରବିବାର ପାଇଖାନା ଟାଙ୍କିରେ କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ରାଜମିସ୍ତ୍ରି ଓ ୨ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ରାଜମିସ୍ତ୍ରି ହେଲେ ଖଇରା ବ୍ଲକ ବଡଜୟୀପୁର ପଞ୍ଚାୟତ ତେନ୍ତୁଳିଆ ଗ୍ରାମର ନରହରି ବେହେରା(୬୨)। ୨ ଶ୍ରମିକ ହେଲେ ଗଗନଧୂଳି ଗ୍ରାମର ବାବାଜି ମାଝୀ(୪୩) ଓ ହରେକୃଷ୍ଣ ଦାସ(୩୨)। ଏଭଳି ଦୁଃଖଦ ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ହରେକୃଷ୍ଣଙ୍କ ଘରେ ଏକ ପାଇଖାନା ଟାଙ୍କି ନିର୍ମାଣ କରାଯାଉଥିଲା। ପାଇଖାନା ଛାତ ସେଣ୍ଟ୍ରିଂ ଖୋଲିବାକୁ ୩ଜଣ ଭିତରକୁ ଯାଇଥିଲେ। ଦୈବାତ୍ ବ୍ୟବହାର କରାଯାଉଥିବା ବିଦ୍ୟୁତ କଟରର ତାର କୌଣସି କାରଣରୁ ଛିଣ୍ଡି ତଳକୁ ଖସିପଡିଥିଲା। ଟାଙ୍କି ତଳେ ୩ଫୁଟ ଉଚ୍ଚର ପାଣି ଥିବା ବେଳେ ପାଣିରେ ଛିଡା ହୋଇ କାମ କରୁଥିବା ଶ୍ରମିକମାନେ ଛିଣ୍ଡିଥିବା ତାର ସଂସ୍ପର୍ଶରେ ଆସିବାମାତ୍ରେ ଗୁରୁତର ହୋଇପଡିଥିଲେ। ଗ୍ରାମବାସୀ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ବାରାପୁରର ଏକ ଘରୋଇ କ୍ଲିନିକ ଓ ପରେ ଭଦ୍ରକ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ☞ପୃଷ୍ଠା-୨

# ମେ'ରେ ୧୨୪ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

ନୂଆଦିଲ୍ଲୀ, ୮।୬

ଚଳିତବର୍ଷ ମେ' ମାସରେ ହୋଇଥିବା ବର୍ଷା ୧୨୪ ବର୍ଷର ରେକର୍ଡ ଭାଙ୍ଗିଛି। ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ରବିବାର ଏକ ଏକ୍ସ' ପୋଷ୍ଟ ମାଧ୍ୟମରେ ସୂଚନା ଦିଆଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ସମୟ ପୂର୍ବରୁ ଭାରତ ପହଞ୍ଚିଥିବାରୁ ଏହାର ପ୍ରଭାବରେ ମେ' ମାସରେ ଦକ୍ଷିଣ ଏବଂ ପୂର୍ବ ଭାରତରେ ନିରନ୍ତର ବର୍ଷା ହୋଇଥିଲା, ଯାହାଫଳରେ ବର୍ଷା ୧୨୪ ବର୍ଷର ରେକର୍ଡ ଭାଙ୍ଗିଥିବା ଆଇଏମ୍‌ଡି କହିଛି। ମେ' ମାସରେ ସାରା ଭାରତର ହାରାହାରି ମାସିକ ବର୍ଷା ୧୨୬.୭ ମିଲିମିଟର ରହିଥିଲା, ଯାହା ମେ' ମାସର ସ୍ୱାଭାବିକ ବର୍ଷା ୬୧.୪ ମି.ମି. ଅପେକ୍ଷା ୧୦୬% ଅଧିକ ରହିଥିଲା। ୧୯୦୧ ପରଠାରୁ ଗତ ମେ' ମାସରେ ଏହା ସର୍ବାଧିକ ବର୍ଷା ରେକର୍ଡ କରାଯାଇଥିବା ଆଇଏମ୍‌ଡି କହିଛି। ସେହିପରି ମେ' ମାସରେ କେନ୍ଦ୍ରୀୟ ଭାରତରେ ୧୦୦.୯ ମି.ମି. ହାରାହାରି ବର୍ଷା ରେକର୍ଡ ହୋଇଛି, ଯାହା ମଧ୍ୟ ୧୯୦୧ଠାରୁ ସର୍ବାଧିକ। ଦକ୍ଷିଣ ଉପଦ୍ୱୀପ ଭାରତରେ ମେ' ମାସର ହାରାହାରି ବର୍ଷା ୧୯୯.୭ ମିଲିମିଟର ରହିଛି, ଯାହା ଦ୍ୱିତୀୟ ସର୍ବାଧିକ। ୧୯୯୦ ମସିହା ମେ' ମାସରେ ଦକ୍ଷିଣ ଉପଦ୍ୱୀପ ଭାରତର ହାରାହାରି ବର୍ଷା ୨୦୧.୪ ମିଲିମିଟର ରହିଥିଲା। ସେହିପରି ଗତ ମେ' ମାସରେ ଉତ୍ତର-ପଶ୍ଚିମ ଭାରତର ହାରାହାରି ବର୍ଷା ୪୮.୧୧ ମିଲିମିଟର ରହିଛି। ୨୦୦୧ ପରଠାରୁ ଉତ୍ତର-ପଶ୍ଚିମ ଭାରତରେ ଚତୁର୍ଥ ସର୍ବାଧିକ ବର୍ଷା ରେକର୍ଡ ହୋଇଥିବା ଆଇଏମ୍‌ଡି କହିଛି। ପୂର୍ବ ଏବଂ ଉତ୍ତର ପୂର୍ବ ଭାରତରେ ମେ' ମାସର ହାରାହାରି ବର୍ଷା ୨୪୨.୮ ମି.ମି. ରେକର୍ଡ ହୋଇଛି। ୨୦୦୧ ପରଠାରୁ ଏହା ମଧ୍ୟ ଚତୁର୍ଥ ସର୍ବାଧିକ ବୋଲି ଆଇଏମ୍‌ଡି କହିଛି। ସୂଚନାଯୋଗ୍ୟ, ଗତ ମେ' ୨୪ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳରେ ପହଞ୍ଚିଥିଲା, ଯାହା ସ୍ୱାଭାବିକଠାରୁ ୮ ଦିନ ଶୀଘ୍ର ଥିଲା।




Attractive scholarships to meritorious students available.
GIET UNIVERSITY, GUNUPUR
COUNSELING FROM 8th TO 9th JUNE 2025

| CITY | PLACE | CONTACT | CITY | PLACE | CONTACT |
|---|---|---|---|---|---|
| Dhenkanal | Hotel Debakanya Ganesh Bazar | 9438322226 9439895022 | Bhabanipatna | Hotel Bhagirathi Inn Ghodaghat Chowk | 8118053004 7978011300 |
| Balasore | Hotel Srihari Near Station Rd. | 8118053005 9437755019 | Nayagarh | Hotel Trinath Khandapada Road, Infront of Taxi Stand | 6370076399 9040503456 |
| Nabarangpur | Hotel Rockysaan | 8885920610 7008263506 | Sambalpur | Zonal Office, Shanti Nagar Rd., Patanjali store building | 9556072231 7504749241 |
| Malkangiri | Hotel Swagat | 9861650241 9916184505 | Bolangir | Hotel Sarojinee Residency Women's College Rd. | 8118053004 9853621190 |
| Kendrapara | Hotel Gouri Sankar, College Road | 8249848688 8118053008 | Rourkela | Zonal Office, D/79, Koel Nagar, Near Bandhan Bank | 8118053009 |
| Keonjhar | Hotel Chakradhar | 8248196042 8118053008 | Paralakhemundi | Regional Office Opp Daba Garden, Near Maharaja's Palace | 7008263506 9861650241 |
| Bhubaneswar | Corporate Office Upstairs Patra Electronics, Baramunda,BBSR | 9439895022 8118053007 | | | |

B.Tech: Computer Sc. & Engg. (AI & ML, DS, IoT), Computer Sc. & Tech. Electrical & Electronics Engg., Electrical Engg., Civil Engg., Chemical Engg.,Ele. & Comm. Engg., VLSI Design & Tech, Biotechnology Engg., Aeronautical Engg., Mechanical Engg.
M.Tech: Heat Power & Thermal Engg., Manufacturing Tech., Machine Design, Power Electronics, VLSI Design, Electronics & Comm. Engg., Computer Sc. & Engg., Structural Engg., Construction Tech. & Mgt. Biotechnology Engg., Chemical Engg., Industrial Safety Engg.
DIPLOMA CSE, EE, Mechanical & Civil
M.Sc. Agri., Phy., Chem., Math., Life Sc. & Biotech.
B.Sc. Ag. | B.Sc. Nursing | BBA | MBA | BCA | MCA | Ph.D. (IN ALL SUBJECTS)
WE ARE A HIGH GRADE UNIVERSITY, BUT OUR FEES ARE AFFORDABLE.
@gietuniversitygunupur | 8118053001 - 009 | enquiry@giet.edu

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଧରିତ୍ରୀ ପରିବାର ପକ୍ଷରୁ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ, ସ୍ଥାନ: ରାଜଭବନ ନିକଟ ଏଲ୍ଆଇସି ଅଫିସ ଛକ, ସମୟ: ସକାଳ ୮ଟା।
- ଓପିସିସି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିସିସିର ପୂର୍ବତନ ସଭାପତି ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଜଭବନ ନିକଟ ଏଲ୍ଆଇସି ଅଫିସ ଛକ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା।
- ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## କଟକ

- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ବଡ଼ମ୍ବା, ସମୟ: ସକାଳ ୮ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭୋଗରାଇ, ସମୟ: ସକାଳ ୭ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ସକାଳ ୭ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ଧରିତ୍ରୀ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ରାଜନଗର, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଛେନାପଦି, ହାଟଡିହୀ, ସମୟ: ସକାଳ ୬ଟା।
- ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା, ସ୍ଥାନ: ମରେଇଗାଁ ଉଚ୍ଚ ବିଦ୍ୟାଳୟ, ଛେନାପଦି, ସମୟ: ସକାଳ ୮ଟା।
- ଅଷ୍ଟମପ୍ରହରୀ ନାମଯଜ୍ଞ ଶୁଭାଧିବାସ, ସ୍ଥାନ: ଶାସଙ୍ଗ, ଛେନାପଦି, ସମୟ: ରାତି ୮ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ:ସକାଳ ୭ଟା।
- ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର, କରଞ୍ଜିଆ,ସମୟ: ସକାଳ ୭ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଟି-୨୦କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ ବାରିପଦା, ସମୟ: ଅପରାହ୍ନ ୫ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୭ଟା।
- 
- ନନ୍ଦିନୀ ଶତପଥୀଙ୍କର ୯୪ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ମାଉସୀ ମା' ମନ୍ଦିର, ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ବିକଶିତ କୃଷି ସଙ୍କଳ୍ପ ଅଭିଯାନ, ସ୍ଥାନ: କୋରେଇ ବ୍ଲକ ବଡବିରୁହାଁ ପଞ୍ଚାୟତର ବଡ଼ବିରୁହାଁ ଓ ବନମାଳିପୁର, ବରୁଣ୍ଡେଇ ପଞ୍ଚାୟତର ଉତ୍ତରଖଜିରା, ବରୁହାଁପଦା, ବାଙ୍ଗରକୋଟ ଓ ଖଜୁରିବିଧ ଗ୍ରାମ, ସମୟ: ପୂର୍ବାହ୍ନ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବଡ଼ଚଣା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନନ୍ଦିନୀ ଦେବୀ ସ୍ମୃତି କମିଟି ଓ ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବ ଅନୁକୂଲ୍ୟରେ ପୂର୍ବତନ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ବାଲିଚନ୍ଦ୍ରପୁର ଜଗନ୍ନାଥ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ, ସ୍ଥାନ: ବାଲିଚନ୍ଦ୍ରପୁର ଜଗନ୍ନାଥ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ଓଡଗାଁ ସରକାରୀ କଲ୍ୟାଣ ମଣ୍ଡପ, ସମୟ: ସକାଳ ୧୦ଟା।
- ରାମଲୀଳାର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ବାପୁଜୀନଗର ରଘୁନାଥ ପୀଠ, ସମୟ: ରାତି ୧୧ଟା।

## ରାୟଗଡ଼ା

- ଆରଏସଏସ୍ ପକ୍ଷରୁ ହିନ୍ଦୁ ସାମ୍ରାଜ୍ୟ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର, ସମୟ: ସକାଳ ୮ଟା।
- ବ୍ରାହ୍ମଣ ସମାଜ ପକ୍ଷରୁ ସାମୁହିକ ବ୍ରତୋପନୟନର ଯଜ୍ଞ ପବିତ ଧାରଣ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଭେଙ୍କେଟେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗୁଣପୁର, ସମୟ: ସକାଳ ୯ଟା ୩୦ ।
- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା ।
- ଜିଲାସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର, ଆମ୍ବା ସଭାଗୃହ, ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: କୋଟପାଡ଼ ବ୍ଲକ୍ ପରିସର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି, ସ୍ଥାନ: କୁମୁଲିପୁଟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ବିଭାଗ କର୍ମଚାରୀଙ୍କ କାର୍ଯ୍ୟ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର

- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ଜିଲାପ୍ରଶାସନ ଆୟୋଜିତ ଜିଲାସ୍ତରୀୟ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ନାକଟିଦେଉଳ ବ୍ଲକ ପରିସର, ସମୟ : ସକାଳ ୭ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦ ।
- ଇଦ ଅଲ ଆଦା କାର୍ଯ୍ୟକ୍ରମ, ସ୍ଥାନ : ସୋନାପାଲିସ୍ଥିତ ସୟଦ ଗାର୍ଡେନ, ସମୟ : ରାତି ୮ଟା ।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତୁରେକେଲା, ସମୟ: ସକାଳ ୭ଟା ୩୦ ମିନିଟ।

## ରାଉରକେଲା

- ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ବେଶ, ସ୍ଥାନ: ଉଦିତନଗର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ଗାରିମା ରଜ ରାଜକୁମାରୀ ଫିନାଲେ ସୂଚନା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- କଳ୍ପତରୁ ଆଶ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଆଇଟିୟୁ ପକ୍ଷରୁ ଇଏସ୍ଆଇ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ଇଏସ୍ଆଇ ହସ୍ପିଟାଲ, ସମୟ: ଅପରାହ୍ନ ୩ଟା ୩୦।
- ହିନ୍ଦୁ ସାମ୍ରାଜ୍ୟ ଦିନୋତ୍ସବ ପାଳନ, ସ୍ଥାନ: ମାହେଶ୍ୱରୀ ଭବନ, ରାଉରକେଲା, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଅଗ୍ରସେନ ଭବନ, ଅତାବିରା, ସମୟ: ସକାଳ ୮ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଜୟପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣା ସ୍ଥିତ ଜେଲ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଉତ୍କଳ ଯାଦବ ମହାସଭା ପକ୍ଷରୁ କଳସ ଯାତ୍ରା ଅବସରରେ ବାଇକ ଶୋଭାଯାତ୍ରା, ସ୍ଥାନ: ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଯାଦବ ମହାସଭା ପକ୍ଷରୁ ବୈଠକ, ସ୍ଥାନ: ପୁରୁଣା କଚେରି, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣୀ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ଧାନ ମଣ୍ଡି ପରିଦର୍ଶନ, ସ୍ଥାନ: ସୋନପୁର ବ୍ଲକର କଳାପଥର ପାକ୍ସ, ସମୟ: ସକାଳ ୮ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁ, ସମୟ: ପ୍ରାତଃ ୫ ଟା ୧୩।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋମନା, ସମୟ: ସକାଳ ୭ ଟା।
- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଚେସ ପ୍ରଶିକ୍ଷଣ ଶିବିର ସପ୍ତମ ଦିବସ, ସ୍ଥାନ: କେଏନ କିଡସ ପବ୍ଲିକ୍ ସ୍କୁଲ, ନୂଆପଡା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ଖଡିଆଳ, ସମୟ: ସକାଳ ୮ ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:କୋମନା ବ୍ଲକ ସିଲଭା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା।

# ପ୍ରଥମ ପୃଷ୍ଠାରୁ...

## ବିଦ୍ୟୁତ୍ ସଂସ୍ପର୍ଶରେ ...

ଘୋଷଣା କରିଥିଲେ। ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ସାମନ୍ତରାୟ, ତହସିଲଦାର ଅମିତ ରଞ୍ଜନ ହୋତା, ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ଖଇରା ବିଡିଓ ନାରାୟଣ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁପୂର୍ବତନବିଧାୟକଜ୍ୟୋତିପ୍ରକାଶପାଣିଗ୍ରାହୀଦାବିକରିଛନ୍ତି।

## ଶ୍ରୀମନ୍ଦିର ଚାରିପଟେ ...

ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣକୁ ବଜାୟ ରଖିବା ପାଇଁ ସୌନ୍ଦର୍ଯ୍ୟକରଣ ତଥା ଖାଲି ସ୍ଥାନ ବ୍ୟବହାର ନେଇ ମଧ୍ୟ ସେହି ନୀତିରେ ବିଚାର କରିବାକୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି। ଗତ ମେ' ୨୬ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ଉଚ୍ଚସ୍ତରୀୟ ପ୍ରଶାସନିକ କମିଟି ବୈଠକରେ ଏନେଇ ଆଲୋଚନା ହେବା ସହ ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୂର ଲୋକ ପୁର ଖାଏ
ପାଖ ଲୋକ ବାସନା ପାଏ।**

ଯେଉଁ ବ୍ୟକ୍ତି ଦୂରରେ ରହିଥାଏ, କଦବା କ୍ୱଚିତ ଘରକୁ ଆସିଥାଏ ସେହି ବ୍ୟକ୍ତି ଭଲ ଚର୍ଚ୍ଚା ପାଇଥାଏ। ପରନ୍ତୁ ଯିଏ ଆଖପାଖରେ ରହିଥାଏ, ବରାବର ଯିବା ଆସିବା କରୁଥାଏ ସେହି ବ୍ୟକ୍ତି ସେତେଟା ଆଦର ସମ୍ମାନ ପାଇ ନ ଥାଏ। ସାନ୍ନିଧ୍ୟ ହେତୁ ଅଭ୍ୟର୍ଥନାରେ ଅବହେଳା। ଅତି ଗୋଡ଼ ଘୋଷରା ହେଲେ ସମ୍ମାନହାନି ଘଟିବାର ଆଶଙ୍କା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିଆକୁ ଦିଆ
ଅଦିଆକୁ ଦୁଆର ଦିଆ।**

ଦେବା ଲୋକକୁ ସମସ୍ତେ ସ୍ୱାଗତ କରିଥାନ୍ତି। କିଛି ଅସୁବିଧାରେ ସମ୍ମୁଖୀନ ହେଲେ ଦେଉଥିବା ବ୍ୟକ୍ତି ପ୍ରତି ସମବେଦନା ଜ୍ଞାପନ କରିଥାନ୍ତି। ଭଲରେ ମନ୍ଦରେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି। କିନ୍ତୁ ଯିଏ କେବେ ଦିଏ ନାହିଁ, ଦେବାକଥା ପଡ଼ିଲେ ମୁହଁ ବୁଲାଇଦିଏ ତାକୁ କେହି କେବେ ପସନ୍ଦ କରି ନ ଥାନ୍ତି। ପରୋପକାରୀ ହୋଇ ନ ଥିବା ହେତୁ ତାଙ୍କ ପ୍ରତି କେହି ସହାନୁଭୂତି ଦେଖାଇବାକୁ ଉଚିତ ମଣୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମଣିପୁରରେ ସାନି ହିଂସା




ମଣିପୁରର ଇମ୍ଫାଲ ଇଷ୍ଟ ଜିଲାରେ ବିକ୍ଷୋଭକାରୀମାନେ କେନ୍ଦ୍ରୀୟ ସୁରକ୍ଷାବଳର ଏକ ବସ୍‌କୁ ଜାଳି ଦେଇଛନ୍ତି।

**ଇମ୍ଫାଲ,୮।୬(ପି.ଟି.)**

ମେଇତି ସଂଗଠନ ଆରାମ୍ବାଇ ଟେଙ୍ଗୋଲର ନେତା କାନନ ସିଂଙ୍କ ଗିରଫଦାରିର ପ୍ରତିବାଦରେ ମଣିପୁରରେ ବିକ୍ଷୋଭ ହିଂସାତ୍ମକ ରୂପ ନେଇଛି। କଳା ପୋଷାକ ପରିହିତ ବିକ୍ଷୋଭକାରୀମାନେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମଦାହ କରିବାକୁ ଧମକ ଦେଉଥିବା ଅନ୍‌ଲାଇନରେ ପ୍ରସାରିତ ଏକ ଭିଡିଓରେ ଦେଖିବାକୁ ମିଳିଛି। ଉତ୍ତେଜନା ଜାରି ରହିଥିବାରୁ ପ୍ରଶାସନ ପକ୍ଷରୁ ଇମ୍ଫାଲ ଉପତ୍ୟକାର ୫ ଜିଲାରେ ୫ ଦିନ ପାଇଁ କର୍ଫ୍ୟୁ ଜାରି କରାଯିବା ସହ ଇଣ୍ଟରନେଟ୍ ସେବା ବନ୍ଦ ରହିଛି।

ରାଜଧାନୀ ଇମ୍ଫାଲର ବିଭିନ୍ନ ସ୍ଥାନରେ ସୁରକ୍ଷା ବଳ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ ଘଟିଛି। ପୂର୍ବ ଇମ୍ଫାଲର ଖୁରାଇ ଲାମଲଙ୍ଗ ଅଞ୍ଚଳରେ ଉତ୍ୟକ୍ତ ଲୋକେ ଏକ ବସ୍ ଜାଳିଦେଇଛନ୍ତି। ରାଜଭବନଠାରୁ ମାତ୍ର ୨୦୦ ମିଟର ଦୂର କଙ୍ଗଲା ଗେଟ୍ ନିକଟରେ ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ଅନେକ ରାଉଣ୍ଡ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। କ୍ୱାକେଇଖେଲଠାରେ ଏକାଧିକ ଗୁଳିମାଡ଼ ଶବ୍ଦ ଶୁଣାଯାଇଥିଲେ ମଧ୍ୟ ଏଥିପାଇଁ କିଏ ଦାୟୀ ଜଣାପଡ଼ିନାହିଁ। ବିକ୍ଷୋଭକାରୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷରେ ୩ ଜଣ ଆହତ ହୋଇଛନ୍ତି। ସବୁ ପ୍ରକାର ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

### କର୍ଫ୍ୟୁ ଜାରି, ଇଣ୍ଟରନେଟ୍ ସେବା ବନ୍ଦ

ସିବିଆଇ ଶନିବାର କାନନ ସିଂଙ୍କୁ ଇମ୍ଫାଲ ବିମାନବନ୍ଦରରୁ ଗିରଫ କରିବା ପରେ ମଣିପୁରରେ ସାନି ହିଂସା ମୁଣ୍ଡ ଟେକିଛି। ୨୦୨୩ ହିଂସାକାଣ୍ଡ ବେଳେ କାନନ ଅନେକ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ସିବିଆଇ କହିଛି। ତାଙ୍କୁ ସିବିଆଇ ଅଧିକାରୀମାନେ ନେବାବେଳେ ଅବରୋଧର ସମ୍ମୁଖୀନ ହୋଇଥିଲେ। କାନନଙ୍କୁ ଇମ୍ଫାଲରୁ ଗୁଆହାଟୀ ଅଣାଯାଇଥିବାବେଳେ ଅଦାଲତରେ ହାଜର କରାଯାଇ ରିମାଣ୍ଡରେ ନିଆଯିବ ବୋଲି ସିବିଆଇ କହିଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଇମ୍ଫାଲ, ଇମ୍ଫାଲ ଇଷ୍ଟ, ଇମ୍ଫାଲ ୱେଷ୍ଟ, ଥୋଉବାଲ, ବିଷ୍ଣୁପୁର ଏବଂ କାକ୍‌ଚିଙ୍ଗ୍ ଜିଲାରେ କର୍ଫ୍ୟୁ ଜାରି କରାଯିବା ସହ ଇଣ୍ଟରନେଟ୍ ଏବଂ ମୋବାଇଲ ଡେଟା ସେବା ବନ୍ଦ ରହିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ର ଉପଧାରା ୨ ଅନୁଯାୟୀ, ୫ କିମ୍ବା ତଦୂର୍ଦ୍ଧ୍ୱ ଲୋକ ଏକାଠି ହେବା ଉପରେ କଟକଣା ଜାରି ହେବା ସହ ଲାଠି, ଟେକାପଥର, ବନ୍ଧୁକ ଓ ଧାରୁଆ ଅସ୍ତ୍ର ପାଖରେ ରଖିବାକୁ ବେଆଇନ ଘୋଷଣା କରାଯାଇଛି। ଉକ୍ତ ଜିଲାଗୁଡ଼ିକରେ ଆଇନ ଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଥିବାବେଳେ କେତେଜଣ ଅସାମାଜିକ ତତ୍ତ୍ୱ ସୋସିଆଲ ମିଡିଆରେ ଘୃଣା ସୃଷ୍ଟିକାରୀ ଭାଷଣ ଓ ଭିଡିଓ ବାର୍ତ୍ତା ପ୍ରସାର କରି ଲୋକଙ୍କୁ ଉତ୍ତେଜିତ କରୁଥିବା ଜଣେ ଅଧିକାରୀ କହିଛନ୍ତି। ଶନିବାର ରାତି ୧୧ଟା ୪୫ରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଲୋକଙ୍କୁ ଘରେ ରହିବା ପାଇଁ କୁହାଯାଇଛି।

ଇତିମଧ୍ୟରେ ଆରାମ୍ବାଇ ଟେଙ୍ଗୋଲ ସଂଗଠନ ପକ୍ଷରୁ ୧୦ ଦିନିଆ ବନ୍ଦ ଡାକରା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୩ ମେ'ରୁ ମଣିପୁରରେ ମେଇତି ଏବଂ କୁକି-ଜୋ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଉଗ୍ର ରୂପ ନେବା ସହ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ୬୦ ହଜାର ଲୋକ ଘରଦ୍ୱାର ହରାଇଥିଲେ। ଏହି ହିଂସାକାଣ୍ଡରେ ଆରାମ୍ବାଇ ଟେଙ୍ଗୋଲ ସଂଗଠନର ପ୍ରମୁଖ ଭୂମିକା ରହିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାଶିରେ ଶୁକ୍ର ରହିଥିବା ଯୋଗୁ ଶ୍ରୁତିମଧୁର ବାକ୍ୟାଳାପରେ ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ଶନି ମୃଦୁ ମନ୍ଦ ଗତିରେ କର୍ମପ୍ରବାହକୁ ଆଗକୁ ଗଡ଼ାଇନେବାରେ ସାହାଯ୍ୟ କରିପାରନ୍ତି। ବନ୍ଧୁଙ୍କ ସହ କୌଣସି ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବୃଦ୍ଧି ପାଇବ। ବାଣିଜ୍ୟ, ପ୍ରଶାସନ, ସାହିତ୍ୟ ତଥା ସଭାସମିତିରେ ପ୍ରଶଂସିତ ହେବେ।

**ବୃଷ** ବାଣୀକାରକ ବୁଧ ଗୌରବର ପ୍ରତୀକ ବୃହସ୍ପତିଙ୍କ ସଙ୍ଗଲାଭ କରି ଶାଳୀନତା ପ୍ରଦାନ କରିପାରନ୍ତି। କର୍ମକ୍ଷେତ୍ରରେ କିଛି କାମ ଅନିଚ୍ଛା ସତ୍ତ୍ୱେ କରିବାକୁ ବାଧ ହେବେ। ବନ୍ଧୁମିଳନଜନିତ ପ୍ରଫୁଲ୍ଲିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଶିଳ୍ପ ଓ ଏଜେନ୍ସିପ, ସାମ୍ବାଦିକତା, ଯୋଗାଯୋଗ ପ୍ରଭୃତିରୁ ଖୁସି ରହିବେ।

**ମିଥୁନ** ପାପାକ୍ରାନ୍ତ ଗ୍ରହଙ୍କ ଦ୍ୱାରା କବଳିତ ରାଶି ଏକାଧାରରେ ଦୈହିକ ଓ ମାନସିକ ସୁସ୍ଥତାକୁ କ୍ଷୁଣ୍ଣ କରିପାରେ। ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ନିଜର ସ୍ୱାର୍ଥକୁ ବଳି ଦେବାକୁ ବାଧ ହେବେ। ଘରୋଇ କଥା ମନରେ ଆଲୋଡନ ସୃଷ୍ଟି କରି ଚିନ୍ତାଧାରାକୁ ବିକ୍ଷିପ୍ତ କରିଦେବ। ଆନୁଷ୍ଠାନିକ, ସାଂଗଠନିକ ତଥା ରାଜନୈତିକ କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ।

**କର୍କଟ** ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରୁ ଆପଣଙ୍କ ହସ ହସ ମୁହଁର ବିନୟପୂର୍ଣ୍ଣ ସାଦର ସମ୍ଭାଷଣ ବନ୍ଧୁଙ୍କ ହୃଦୟଗ୍ରାହୀ ହେବ। ଆତ୍ମୀୟଙ୍କ ଅକୁଣ୍ଠ ସମର୍ଥନ ଦୁଃଖକୁ ଭୁଲାଇ ନେଇପାରେ। ସଭାସମିତି, ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାହିତ୍ୟ, ଗବେଷଣା ତଥା ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ** ଆପଣଙ୍କ ରାଶି ପାଇଁ ଆଜିର ଗ୍ରହସ୍ଥିତି ନୂତନ ସମ୍ପର୍କ, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ, ସ୍ୱାଗତ ସମ୍ବର୍ଦ୍ଧନା ମଧ୍ୟରେ ପ୍ରଫୁଲ୍ଲିତ ରହିବେ। କାର୍ଯ୍ୟ ହାସଲ ପାଇଁ ଅର୍ଥାଭାବ, ଅସହଯୋଗ, ପ୍ରତିବନ୍ଧକ ବାଧକ ହେବ ନାହିଁ। କର୍ମକ୍ଷେତ୍ର ପରିସ୍ଥିତି ଜଟିଳ ହେବ ନାହିଁ। ପାରିବାରିକ କଳହକୁ ନେଇ ମାନସିକ ଶାନ୍ତି ବ୍ୟାହତ ହୋଇପାରେ।

**କନ୍ୟା** ଆଜି ପାରିବାରିକ, କର୍ମକ୍ଷେତ୍ର, ଦିନଚର୍ଯ୍ୟା, ବନ୍ଧୁ ସମ୍ପର୍କ ବିବାଦୀୟ ରହିପାରେ। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ଯାହା ପାଇବା କଥା ତାହା କଷ୍ଟସାଧ୍ୟ ହେବ। ପ୍ଲଟିଂ କାରବାର, ଯାନ୍ତ୍ରିକ ଜିନିଷ କିମ୍ବା ବିଦ୍ୟୁତ୍ ବ୍ୟବସାୟୀ ଲାଭବାନ୍ ହୋଇପାରନ୍ତି। ପିଲାମାନଙ୍କ ସ୍ୱାସ୍ଥ୍ୟ, ଉଚ୍ଚ ଶିକ୍ଷା ଓ କୌଣସି ସମସ୍ୟା ନିରାକରଣ ସକାଶେ ଆଲୋଚନା ଜାରି ରଖିବେ।

**ତୁଳା** ଅଷ୍ଟମଭାବସ୍ଥ ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ଯୁକ୍ତ ହୋଇପାରନ୍ତି। କୌଣସି ଜିନିଷର ଅଭାବ ନ ଥିଲେ ମଧ୍ୟ ନିଜର ପ୍ରିୟବ୍ୟକ୍ତିଙ୍କଠାରୁ ବହୁ ଦୂରରେ ରହି ଚିନ୍ତିତ ରହିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଯୋଗୁ ଆତ୍ମସନ୍ତୋଷ ଲାଭ କରିପାରନ୍ତି। ଆନୁଷ୍ଠାନିକ କାମରେ ପାରିବାରିକ ସମସ୍ୟାକୁ ମନ ଭିତରେ ରଖି କାମ କରିବାକୁ ବାଧ ହେବେ।

**ବିଛା** ଚନ୍ଦ୍ରଙ୍କ କୋଣଭାବସ୍ଥ ବୃହସ୍ପତି ସ୍ଥଗିତ କାର୍ଯ୍ୟକୁ ପୂରଣ କରିବେ। ଭାଙ୍ଗି ପଡିଥିବା ସମ୍ପର୍କକୁ ଯୋଡିବାକୁ ଚେଷ୍ଟାକରି ଅସଫଳ ହୋଇପାରନ୍ତି। ନିଜ ପରିସରର ବ୍ୟକ୍ତିମାନେ ଅଯଥା ଦୋଷାରୋପ କରି ମାନସିକ ସ୍ଥିତିକୁ ବିଗାଡିଦେବେ। ଈର୍ଷାପରାୟଣ ବ୍ୟକ୍ତିମାନେ ଉପର ମନରେ ଭଲ କଥା କହି ପଛରେ ବହୁତ ସମାଲୋଚନା କରିବେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ପାଲଟିବ। ଅନାବଶ୍ୟକ କଥାଗୁଡିକୁ ମନରୁ ପରିହାର କରି ବାସ୍ତବତାକୁ ଗୁରୁତ୍ୱ ଦେଇ କାମ କରିବା ଭଲ ହେବ। ବିଭିନ୍ନ ପ୍ରକାରର ସ୍ଥଗିତ କାମକୁ ନେଇ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ସଭାସମିତି କିମ୍ବା ବନ୍ଧୁ ଗହଣରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ଆଜିର ଗ୍ରହସ୍ଥିତିଜନିତ ମାନସିକ ଦୁଶ୍ଚିନ୍ତା ଲାଗିରହିବ। ବ୍ୟବସାୟ, ସଭାସମିତି ତଥା ପ୍ରଶାସନିକ ସ୍ତରରେ ପ୍ରତିବନ୍ଧକ ଦେଖାଦେବ। ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗିରହିବ କିନ୍ତୁ ସେପରି କିଛି ବିଶେଷ ଅସୁବିଧା ହେବ ନାହିଁ। ପଡୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କାମଟିକୁ ଭଣ୍ଡୁର କରି ଦେଇପାରନ୍ତି।

**କୁମ୍ଭ** ଉପଚୟଭାବସ୍ଥ ଶୁକ୍ରଙ୍କ ଯୋଗୁ ପାରିବାରିକ ସମସ୍ୟା ହେତୁ ମନ ଭଲ ରହି ନ ପାରେ। ଅବଶ୍ୟ ଅର୍ଥଲାଭ ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଆଜି ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ କିନ୍ତୁ କିଛି ବି କରିବାର ଉପାୟ ନ ଥିବ।

**ମୀନ** ଆଜିର ଚନ୍ଦ୍ରଙ୍କ ସ୍ଥିତି ମନ ଚାହୁଁଥିବା କାମ କରାଇ ଦେବନାହିଁ। ଏଣେ ଷଷ୍ଠାଧିପତିଙ୍କ ତୃତୀୟାବସ୍ଥାନ ଭାଇ, ବନ୍ଧୁ କୁଟୁମ୍ବଙ୍କ ଦ୍ୱାରା ପୀଡିତ କରାଇପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇଯିବ। ରାହୁ ସହ ବୁଧଙ୍କ ସମ୍ବନ୍ଧରୁ ଭୁଲ୍ ବୁଝାମଣାଜନିତ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହେବାର ଆଶଙ୍କା ରହିଛି।

ଆଜି ଜୁନ୍ ୯ ତାରିଖ, ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଚତୁର୍ଥୀହୋମ ଓ ସେନାପଟା ଲାଗି, ଶ୍ରୀମନ୍ଦିରରେ ବିଶ୍ୱାବସୁ ବଂଶୀୟ ଦଇତାପତିମାନଙ୍କର ସାର୍ବଭୌମାଧିକାର ତଥା ସେବା ପ୍ରବେଶ, ବିର୍ସା ମୁଣ୍ଡାଙ୍କ ଶହୀଦ ଦିବସ, ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ସୋମବାର। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା। ରାଶିନକ୍ଷତ୍ର-ବିଶାଖା/ତୁଳା, ଦିବା ଘ. ୦୮.୫୦ ଗତେ ବିଛାଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୮.୪୧ ଗତେ ଘ.୧୦.୨୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬.୪୯ ଗତେ ଘ. ୦୮.୨୮ ମଧ୍ୟେ ରାହୁ କାଳ ।

# ରୋମାଞ୍ଚ ବଢ଼ାଇବ ୭ ରେଳ ସୁଡ଼ଙ୍ଗ

ରାଜ୍ୟର ଉପକୂଳ ଅଞ୍ଚଳରୁ ପଶ୍ଚିମାଞ୍ଚଳକୁ ସଂଯୋଗ କରିବ ୩୦୧ କିଲୋମିଟର ବିଶିଷ୍ଟ ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ଲାଇନ। ଏହି ପ୍ରକଳ୍ପ ରାଜଧାନୀ ଭୁବନେଶ୍ୱରର ଅନତି ଦୂରରେ ଖୋର୍ଦ୍ଧାରୋଡ୍ ଜଙ୍କଶନ ସହ ନୟାଗଡ଼, ବୌଦ୍ଧ, ସୁବର୍ଣ୍ଣପୁର ଆଦି ଜିଲାକୁ ଏହି ପ୍ରକଳ୍ପ ସଂଯୋଗ କରିବାକୁ ଥିବାବେଳେ ଏହା ମଧ୍ୟରେ ୨୧ଟି ରେଳଷ୍ଟେଶନ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପରେ ୭୫ କିମି ମଧ୍ୟରେ ୭ଟି ସୁଡ଼ଙ୍ଗ ରହିଛି। ଦଶପଲ୍ଲା ଓ ପୁରୁଣାକଟକ ମଧ୍ୟରେ ନିର୍ମାଣାଧୀନ ଥିବା ୭ଟି ସୁଡ଼ଙ୍ଗର ମୋଟ ଲମ୍ବ ୧୨.୭୬ କିଲୋମିଟର। ବିଭିନ୍ନ ମାଟି ଘନତା ଓ ପଥର ଗଠନ ସମେତ ଜଟିଳ ଭୌଗୋଳିକ ପରିସ୍ଥିତି ପରିଚାଳନା ପାଇଁ ନ୍ୟୂନତମ କୌଶଳ ବ୍ୟବହାର କରି ସୁଡ଼ଙ୍ଗଗୁଡ଼ିକ ନିର୍ମାଣ ହେଉଛି। ପ୍ରକଳ୍ପରେ ସୁଡ଼ଙ୍ଗ ନିର୍ମାଣ ସମୟରେ ଅନେକ ଇଞ୍ଜିନିୟରିଂ ଓ ଲଜିଷ୍ଟିକ ଆହ୍ୱାନର ସାମ୍ନା କରିବାକୁ ପଡ଼ିଛି। ଶନିବାର ପୂର୍ବତଟ ରେଳପଥ ପକ୍ଷରୁ ଆୟୋଜିତ ମିଡିଆ ଟୁର୍‌ରେ ବରିଷ୍ଠ ଜନସମ୍ପର୍କ ଅଧିକାରୀ ନିହାର ରଞ୍ଜନ ମହାନ୍ତି, ନୟାଗଡ଼ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ (ନିର୍ମାଣ) ରାଜେଶ ଦାସ ଏବଂ ବୌଦ୍ଧର ଅତିରିକ୍ତ ମୁଖ୍ୟଯନ୍ତ୍ରୀ (ନିର୍ମାଣ) ରବି ପ୍ରସାଦ ଯାଦବ ସୁଡ଼ଙ୍ଗ ଖନନଠାରୁ ଆରମ୍ଭ କରି ଟ୍ରାକ୍ ବିଛାଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ବିସ୍ତୃତ ସୂଚନା ଦେଇଛନ୍ତି।

- ରିପୋର୍ଟ: ଅନୁରାଧା ମହାରଣା, ଭୁବନେଶ୍ୱର



## ଦୀର୍ଘତମ ଟନେଲ-୪

ସମଗ୍ର ୩୦୧ କିଲୋମିଟର ରେଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୨୬ କିଲୋମିଟର ନିର୍ମାଣ ସରିଛି। ପୁରୁଣା କଟକରୁ ଚାରିଛକ ମଧ୍ୟରେ ନିର୍ମାଣାଧୀନ ଥିବା ରେଳଲାଇନ୍‌ର ୧୩.୩୫ କିଲୋମିଟର ଚଳିତବର୍ଷ ଶେଷ ସୁଦ୍ଧା ସମାପ୍ତ ହେବ ବୋଲି ଆଶା କରାଯାଉଥିବାବେଳେ ଦଶପଲ୍ଲା- ପୁରୁଣାକଟକ ମଧ୍ୟରେ ୬୧.୬୫ କିଲୋମିଟର ୨୦୨୬ ପ୍ରଥମାର୍ଦ୍ଧରେ ସମାପ୍ତ ହୋଇପାରେ। ତେବେ ଏହି ପ୍ରକଳ୍ପ ମଧ୍ୟରେ ଥିବା ୭ ସୁଡ଼ଙ୍ଗ ରେଳଯାତ୍ରୀଙ୍କୁ ବେଶ୍ ରୋମାଞ୍ଚକର ଅନୁଭୂତି ପ୍ରଦାନ କରିବ। ଏହି ସବୁ ଟନେଲ ଘଞ୍ଚ ଜଙ୍ଗଲ ମଧ୍ୟରେ ପାହାଡ଼ ଭିତର ଦେଇଯାଇଛି। ବର୍ତ୍ତମାନ ସୁଦ୍ଧା ୮୦୦ ମିଟର ଦୀର୍ଘ ଟନେଲ-୧ର ଖନନ କାର୍ଯ୍ୟ ସହ ୫୧୭ ମିଟର ଲାଇନିଙ୍ଗ କାର୍ଯ୍ୟ ସରିଛି। ୧୭୭୫ ମିଟର ଦୀର୍ଘ ଟନେଲ-୨ର ମଧ୍ୟ ଖନନ ସରିଛି। ୨୭୧୮ ମିଟର ଦୀର୍ଘ ଟନେଲର ଖନନ କାର୍ଯ୍ୟ ସରିଥିବାବେଳେ ଲାଇନିଙ୍ଗ କାର୍ଯ୍ୟ ୭୪୮ ମିଟର ପର୍ଯ୍ୟନ୍ତ ଆଗେଇଛି। ୪୧୮୩ ମିଟରବିଶିଷ୍ଟ ଦୀର୍ଘତମ ଟନେଲ-୪ର ଖନନ କାର୍ଯ୍ୟ ସହ ୧୫୨୨ ମିଟର ଲାଇନିଙ୍ଗ କାର୍ଯ୍ୟ ଶେଷ ହୋଇଛି। ଏହି ଟନେଲର ଠିକ୍ ମଧ୍ୟସ୍ଥଳରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ଏକ ଏସ୍‌କେପ୍ ଟନେଲ ନିର୍ମାଣ କରାଯାଉଛି, ଯାହାର ଲମ୍ବ ୭୦୦ ମିଟର। ସେହିପରି ୩୧୭ ମିଟର ଦୀର୍ଘ ଟନେଲ- ୫ ଏବଂ ୨୯୦.୭୫ ମିଟର ବିଶିଷ୍ଟ ଟନେଲ-୬ର ଖନନ, ଲାଇନିଙ୍ଗ ସହ ବିଏଲ୍‌ଟି ସମ୍ପୂର୍ଣ୍ଣ ହୋଇଛି। ଟନେଲ-୭ର ୧୯୭୫ ମିଟର ଦୂରତା ମଧ୍ୟରୁ ୧୬୭୮ ମିଟର ଲାଇନିଙ୍ଗ କାର୍ଯ୍ୟ ସରିଛି।

## ପ୍ରାକୃତିକ ସୌନ୍ଦର୍ଯ୍ୟ ଘେରରେ ଦେଶର ଦ୍ୱିତୀୟ ଦୀର୍ଘତମ ଭାୟାଡକ୍ଟ

ଘଞ୍ଚ ଜଙ୍ଗଲ ମଧ୍ୟରେ ବୃତଙ୍ଗ ଜଳସେଚନ ପ୍ରକଳ୍ପ। ଏହାକୁ ଅତିକ୍ରମ କରି ଗଡ଼ିବ ରେଳ। ଏଥିପାଇଁ ଜାମୁସାହିରୁ ଗୁରାହ ଗାଁ ପର୍ଯ୍ୟନ୍ତ ନିର୍ମାଣ ହୋଇଛି ୪.୭୭ କିଲୋମିଟର ଦୀର୍ଘ ଭାୟାଡକ୍ଟ। ଏହା ଦେଶର ଦ୍ୱିତୀୟ ଦୀର୍ଘତମ ରେଳବ୍ରିଜ ହେବ। ଏଥିରେ ୧୮୨ଟି ଫାଉଣ୍ଡେଶନ ମଧ୍ୟରୁ ୯୮ଟିର କାର୍ଯ୍ୟ ସରିଥିବାବେଳେ ୬୨ଟି ବ୍ଲକ୍ ବେଡ୍ ଏବଂ ୪୧ ସ୍ୱାନ ଗର୍ଡର ବିଛାଯାଇଛି। ୨୦୨୬ ଅଗଷ୍ଟ ସୁଦ୍ଧା ଏହି ଭାୟାଡକ୍ଟନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ତଳେ ବିସ୍ତୃତ ଜଳରାଶି ଉପରେ ନୀଳ ଆକାଶ ଏବଂ ଉଭୟ ପାର୍ଶ୍ୱରେ ସବୁଜିମା ଘେରା ପରିବେଶ ଭିତରେ ରେଳଯାତ୍ରା କରି ଯାତ୍ରୀ ନିଆରା ଅନୁଭୂତି ସାଉଁଟିବେ। ତେବେ ଖୋର୍ଦ୍ଧାରୋଡ୍- ବଲାଙ୍ଗୀର ରେଳ ପ୍ରକଳ୍ପ ମଧ୍ୟରେ ସମୁଦାୟ ୫ଟି ଭାୟାଡକ୍ଟ ରହିଛି।

## ଆହ୍ୱାନକୁ ସରଳ କରିଛି ଅତ୍ୟାଧୁନିକ ଜ୍ଞାନ କୌଶଳ

ସୁଡ଼ଙ୍ଗ ଖନନ ଠାରୁ ଆରମ୍ଭ କରି ଟ୍ରାକ୍ ବିଛାଇବା ପର୍ଯ୍ୟନ୍ତ ଇଞ୍ଜିନିୟରିଂ ଟିମ୍ ଓ କର୍ମଚାରୀଙ୍କୁ ବିଭିନ୍ନ ଆହ୍ୱାନ ଦେଇ ଗତି କରିବାକୁ ପଡ଼ିଥିଲା। ମାତ୍ର ବିଭିନ୍ନ ବିଦେଶୀ ଜ୍ଞାନକୌଶଳର ପ୍ରୟୋଗ ଆହ୍ୱାନକୁ ସରଳ କରିଥିବା ସୁଡ଼ଙ୍ଗ ଇଞ୍ଜିନିୟରିଂ, ନିର୍ମାଣ, ଅପରେଶନ ଏବଂ ମେଣ୍ଟେନାନ୍ସ ଦାୟିତ୍ୱ ନେଇଥିବା ଛତିଶଗଡ଼ର ରାଏପୁରସ୍ଥିତ ମୋଶ୍ ବରାୟା କମ୍ପାନୀର ଅଧିକାରୀ କହିଛନ୍ତି। ପ୍ରଥମେ ଭୂତତ୍ତ୍ୱ ବିଜ୍ଞାନୀଙ୍କ ଦ୍ୱାରା ମାଟି ପରୀକ୍ଷଣ କରାଯାଇ କ୍ଲାସ୍-୧, କ୍ଲାସ୍-୨, କ୍ଲାସ୍-୩ ଓ କ୍ଲାସ୍-୪ ଭାବେ ଏଭଳି ବିଭକ୍ତ କରାଯାଏ। ମାଟି ଅଂଶ ଥିବା ପାହାଡ଼ ଧସେଇଯିବାର ଆଶଙ୍କା ରହୁଥିବାବେଳେ କେବଳ ପଥରଯୁକ୍ତ ପାହାଡ଼ ବ୍ଲାଷ୍ଟିଂ ଦ୍ୱାରା ଖନନ ସହଜ ହୋଇଥାଏ। ନ୍ୟୁ ଅଷ୍ଟ୍ରେଲିଆନ୍ ଟନେଲିଂ ମେଥଡ୍ (ଏନ୍‌ଏଟିଏମ୍) ଏବଂ କଟ୍ ଆଣ୍ଡ୍ କଭର ମେଥଡରେ ଖନନ କରାଯାଇଛି। ଜଳଜନିତ ସମସ୍ୟାରୁ ମୁକ୍ତି ପାଇଁ କଂକ୍ରିଟ୍ ପଛରେ ସ୍ୱତନ୍ତ୍ର ମେମ୍ବ୍ରେନ୍ ବ୍ୟବହାର କରାଯାଉଛି। ବିଭିନ୍ନ ବିଦେଶୀ ମେଶିନ୍ ସାହାଯ୍ୟରେ ଅନ୍ୟାନ୍ୟ କାର୍ଯ୍ୟ କରାଯାଉଛି। ତେବେ ଟ୍ରାକ୍‌କୁ ବାଲାଷ୍ଟ ବିହୀନ କରି ନୂଆ ଜ୍ଞାନକୌଶଳ ଯୁକ୍ତ ଟ୍ରାକ୍ ଲଗାଯାଇଛି। ସୁଡ଼ଙ୍ଗ ନିର୍ମାଣ ପାଇଁ କିଲୋମିଟର ପିଛା ହାରାହାରି ୭୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ସୂଚନା ରହିଛି।

## ପରିବେଶ ଓ ଜୀବଜନ୍ତୁଙ୍କୁ ଗୁରୁତ୍ୱ

୧୯୯୪-୯୫ରେ ଏହି ରେଳ ଲାଇନକୁ ଆର୍ଥିକ ଅନୁଦାନ ମିଳିଥିଲେ ମଧ୍ୟ ବିଭିନ୍ନ କାରଣରୁ କାର୍ଯ୍ୟ ଅଟକି ରହିଥିଲା। ତେବେ ଜଙ୍ଗଲ ଜମି ଅଧିଗ୍ରହଣ ପ୍ରକଳ୍ପ ବିଳମ୍ବର ପ୍ରମୁଖ କାରଣ ଥିଲା। ବର୍ତ୍ତମାନ ଘଞ୍ଚଜଙ୍ଗଲ ଦେଇ ପାହାଡ଼ କାଟି ସୁଡ଼ଙ୍ଗ ନିର୍ମାଣ ହୋଇଛି। ମାତ୍ର ଜୀବଜନ୍ତୁଙ୍କ ଚଳାଚଳ ଯେପରି ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଯେଉଁଠି ନଦୀ ଅଛି, ତାହା ଉପରେ ବ୍ରିଜ୍ ନିର୍ମାଣ କରାଯାଇଛି, ଯାହାଦ୍ୱାରା ଜଳଚର ଜୀବ କିମ୍ବା ସ୍ଥାନୀୟ ବାସିନ୍ଦା ପ୍ରଭାବିତ ହେବେ ନାହିଁ। ସେହିପରି ବନ୍ୟପ୍ରାଣୀ ଚଳାଚଳ କରୁଥିବା ପାହାଡ଼ିଆ ଅଞ୍ଚଳର ମାଟି ତଳେ ଟ୍ରେନ୍ ଗଡ଼ିବ।

# ଚନ୍ଦ୍ରଶେଖରପୁରରେ ହେବ ଓଡ଼ିଶା ମଣ୍ଡପ

## ୧୦ହଜାର ଲୋକଙ୍କ ପାଇଁ ରହିବ ବ୍ୟବସ୍ଥା

ଭୁବନେଶ୍ୱର,୮।୬(ରବିନାରାୟଣ ଜେନା)

ଓଡ଼ିଶାର ଭିତ୍ତିଭୂମି ବିକଶିତ କରାଯିବ। ୨୦୩୬ ସୁଦ୍ଧା ଓଡ଼ିଶା ବିକଶିତ ରାଜ୍ୟରେ ପରିଗଣିତ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ରବିବାର ଇଣ୍ଡିଆନ ବିଲ୍ଡିଂ କଂଗ୍ରେସ (ଆଇବିସି) କାର୍ଯ୍ୟକ୍ରମ ଅବସରରେ ପୂର୍ତ୍ତମନ୍ତ୍ରୀ କହିଛନ୍ତି ଯେ, ବିକଶିତ ଓଡ଼ିଶାକୁ ଦୃଷ୍ଟିରେ ରଖି ସରକାର ନୂଆନୂଆ ପଦକ୍ଷେପମାନ ହାତକୁ ନେଇଛନ୍ତି। ନୂଆଦିଲ୍ଲୀର 'ଭାରତ ମଣ୍ଡପମ୍' ଭଳି ଓଡ଼ିଶାରେ ମଧ୍ୟ ବିଶ୍ୱସ୍ତରୀୟ ଓଡ଼ିଶା ମଣ୍ଡପର ନିର୍ମାଣ ପାଇଁ ସରକାର ପରିକଳ୍ପନା କରିଛନ୍ତି। ବହୁମୁଖୀ ଓଡ଼ିଶା ମଣ୍ଡପ ପାଇଁ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ଜମି ଚିହ୍ନଟ ସରିଛି। ଏହି ମଣ୍ଡପରେ ଲୋକଙ୍କ ରହଣି ସହିତ ୧୦ ହଜାର ଲୋକ ବସି ପାରିଲା ଭଳି ବ୍ୟବସ୍ଥା ରହିବ। ଏତଦ୍ ବ୍ୟତୀତ ଅତ୍ୟାଧୁନିକ ବ୍ୟବସ୍ଥା ମଧ୍ୟ ଏଥିରେ ରହିବ। ଅନେକଗୁଡ଼ିଏ କାମ ଏବେ ପ୍ରାଥମିକ ପର୍ଯ୍ୟାୟରେ ରହିଛି। ଆଗକୁ ଏହାର କାର୍ଯ୍ୟ ଆରମ୍ଭ କରାଯିବ।

ମନ୍ତ୍ରୀ କହିଥିଲେ, ସରକାରଙ୍କ ବିଭିନ୍ନ ପ୍ରକଳ୍ପ ୩ବର୍ଷ ଧରି ଚାଲୁଛି ଯେ ଶେଷ ହେଉନାହିଁ। ଆଗାମୀ ଦିନରେ ନୂତନ ଜ୍ଞାନକୌଶଳ ବ୍ୟବହାର କରି କିଭଳି ନିର୍ଦ୍ଧାରିତ ସମୟସୀମା ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପାରିବ ତାକୁ ଗୁରୁତ୍ୱ ଦିଆଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୁଣା ପ୍ରକଳ୍ପକୁ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ବର୍ଷକ ମଧ୍ୟରେ ବହୁତ କିଛି କାମ ଶେଷ ହୋଇଛି। ଅବଶିଷ୍ଟ କାର୍ଯ୍ୟ ୬ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରହିଛି।

ମନ୍ତ୍ରୀ କହିଥିଲେ, ରାଜ୍ୟରେ ନୂଆକରି ଲୋକସେବା ଭବନ ଏବଂ ବିଧାନସଭା ନିର୍ମାଣ କରାଯିବା ଲାଗି ପ୍ରସ୍ତାବ ରହିଛି। ଏହାବାଦ୍ ଓଡ଼ିଶା ଏକ ବାତ୍ୟା ପ୍ରଭାବିତ ରାଜ୍ୟ ହୋଇଥିବାରୁ ଅନେକ ସ୍ଥାନରେ ବାତ୍ୟା ପ୍ରତିରୋଧ କୋଠା ନିର୍ମାଣ ହେବାର ଆବଶ୍ୟକତା ରହିଛି। ଅନେକ ଗୁଡ଼ିଏ ପ୍ରକଳ୍ପ ଏବେ ସରକାରଙ୍କ ଚିନ୍ତାଧାରା ଭିତରେ ରହିଛି। ନୂଆ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ସହିତ ଠିକ୍ ସମୟରେ ଶେଷ କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ପୂର୍ତ୍ତମନ୍ତ୍ରୀ କହିଛନ୍ତି।

# ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

ଦେବଗଡ଼,୮।୬
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ଅଧୀନ ଆଉଁଳି ଗ୍ରାମରେ ରବିବାର ଦନ୍ତାହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କଳାବତୀ ପ୍ରଧାନ(୫୦)। ପୂର୍ବାହ୍ନ ପ୍ରାୟ ୧୧ଟାରେ କଳାବତୀ ବଗିଚାକୁ କାଜୁ ସଂଗ୍ରହ ପାଇଁ ଯାଇଥିଲେ। ହେଲେ ନିକଟରେ ହାତୀପଲ ଥିବା ସେ ଜାଣିପାରି ନ ଥିଲେ। ହଠାତ୍ ହାତୀ ତାଙ୍କୁ ଶୁଣ୍ଢରେ କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ତାଙ୍କ ପୁଅ କାଜୁବଗିଚାକୁ ଖୋଜିବା ପାଇଁ ଯାଇଥିଲେ। ହାତୀ କଳାବତୀଙ୍କୁ ତଳେ କଚାଡ଼ି ମାରି ଦେଇଥିବା ସେ ଦେଖିବାକୁ ପାଇଥିଲେ। ମାତ୍ର ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ହାତୀ ରହିଥିବାରୁ ମହିଳାଙ୍କ ମୃତଦେହ ପାଖକୁ ଯିବା ସମ୍ଭବ ହୋଇ ନ ଥିଲା। ହାତୀ ଘଉଡାଇବା ପରେ ସନ୍ଧ୍ୟାରେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ବନ ବିଭାଗର ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବନବିଭାଗ ଅଧିକାରୀ ଓ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ବନ ବିଭାଗରେ ଚାକିରି, ସରକାରୀ ସହାୟତା, ଶୁଦ୍ଧିକ୍ରିୟା ପାଇଁ ସହାୟତା, ହାତୀ ଥିବା ଅଞ୍ଚଳରେ ବନ ବିଭାଗ ପକ୍ଷରୁ କଡ଼ା ପାଟ୍ରୋଲିଂ ସହିତ ସାଇରନ୍ ଯୋଗେ ଲୋକଙ୍କୁ ସଚେତନ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

# ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୯କୁ ବୃଦ୍ଧି

ଭୁବନେଶ୍ୱର,୮।୬(ବନ୍ଦନା ସେଠୀ)

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଇତିମଧ୍ୟରେ ରାଜ୍ୟରୁ ପୁଣି ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ସହ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୪୯କୁ ବୃଦ୍ଧି ପାଇଛି। ତେବେ ସଂକ୍ରମଣ ସହିତ ଆରୋଗ୍ୟ ହାର ମଧ୍ୟ ଭଲ ରହୁଥିବା ଦେଖାଯାଇଛି। ଏବେସୁଦ୍ଧା ସଂକ୍ରମିତଙ୍କ ମଧ୍ୟରୁ ୧୫ଜଣ ସୁସ୍ଥ ହୋଇସାରିଲେଣି ଏବଂ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୩୪ ରହିଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥିତିକୁ ଦେଖି କେନ୍ଦ୍ର ସରକାର ପବ୍ଲିକ୍ ଆଡଭାଇଜରି ଜାରି କରିବା ସହ ରାଜ୍ୟରେ ଅକ୍ସିଜେନ, ଆଇସୋଲେଶନ ବେଡ୍, ଭେଣ୍ଟିଲେଟର ଓ ଆବଶ୍ୟକ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅପରାଧ

# ବୃଦ୍ଧଙ୍କୁ ହତ୍ୟା କରି ପୋଡ଼ିଦେଲେ

## ୬ ମହିଳାଙ୍କ ସମେତ ୮ ଅଟକ

ମୋହନା/ପାରଳାଖେମୁଣ୍ଡି,୮।୬
(ମନ୍ମଥ ମିଶ୍ର/ଗିରିଧାରୀ ପରିଚ୍ଛା)

ଗୁଣିଗାରେଡ଼ି ସନ୍ଦେହରେ ଜଣେ ବୃଦ୍ଧଙ୍କୁ କେତେଜଣ ବ୍ୟକ୍ତି ହତ୍ୟାକରି ପୋଡ଼ି ଦେଇଛନ୍ତି। ଏଭଳି ଘଟଣା ଗଜପତି ଜିଲା ମୋହନା ଥାନା କୁଇହୁରୁ ଗାଁରେ ଘଟିଛି। ମୃତକ ହେଲେ କାମ୍ପି ମଲିକ (୬୦)। ମଙ୍ଗଳବାର ଏହି ହତ୍ୟାକାଣ୍ଡ ୬ଜଣ ମହିଳା ୨ଜଣ ପୁରୁଷ ଘଟାଇଥିବା ଜଣାପଡ଼ିଛି। ରବିବାର ଏନେଇ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଡ଼ ପାଉଁଶ ଜବତ କରିଛି। ସୂଚନାନୁଯାୟୀ, ମଙ୍ଗଳବାର କାମ୍ପି ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ସେଦିନ ରାତିରେ ତାଙ୍କୁ କେହି ହତ୍ୟା କରିଥିବା ତାଙ୍କ ଝିଅପୁଅମାନେ ଅଭିଯୋଗ କରିଛନ୍ତି। ବୁଧବାର ସକାଳେ ଝିଅପୁଅ ଘରକୁ ଫେରି ଦେଖିବାବେଳକୁ କାମ୍ପି ଘରେ ନ ଥିଲେ। ମାତ୍ର ଘର ଆଗରେ ରକ୍ତଛିଟା ପଡ଼ିଥିବା ଦେଖି ସେମାନଙ୍କ ମନରେ ସନ୍ଦେହ ଉପୁଜିଥିଲା। କାମ୍ପିଙ୍କୁ କେତେଜଣ ବ୍ୟକ୍ତି ଘର ସମ୍ମୁଖରେ ହତ୍ୟାକରି ଗାଁଠାରୁ କିଛି ଦୂର ଏକ ସ୍ଥାନରେ ପୋଡ଼ି ଦେଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ମୋହନା ପୋଲିସ ଏ ସମ୍ପର୍କରେ ରବିବାର ଖବର ପାଇ କୁଇହୁରୁ ଗାଁରେ ପହଞ୍ଚି ତଦନ୍ତ କରିଛି। କାମ୍ପିଙ୍କୁ ପୋଡ଼ାଯାଇଥିବା ସ୍ଥାନରୁ ହାଡ଼ ଓ ପାଉଁଶ ସଂଗ୍ରହ କରିଛି। କାମ୍ପି ଗାଁରେ କାହାର ଦେହ ଖରାପ ହେଲେ ଝଡ଼ାଫୁଙ୍କା କରିବା ସହ ଚେରମୂଳି ଔଷଧ ଦେଉଥିଲେ। ତେଣୁ ତାଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମର କେତେଜଣ ମହିଳାଙ୍କ ସହ କାମ୍ପିଙ୍କ କୁଆଡେ ଅନୈତିକ ସମ୍ପର୍କ ଥିଲା। କୌଣସି କଥାକୁ ନେଇ ସେମାନଙ୍କର କାମ୍ପିଙ୍କ ସହ ମନାନ୍ତର ହୋଇଥିଲା। ପରେ ସମ୍ପୃକ୍ତ ମହିଳା ଓ ୨ଜଣ ପୁରୁଷ କାମ୍ପିଙ୍କୁ ହତ୍ୟା କରିଥିବା ଆଲୋଚନା ହେଉଛି। ଗାଁର ୫ ଜଣ ମହିଳା ଓ ୨ ଜଣ ପୁରୁଷଙ୍କୁ ଧରି ନେଇ ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରି ତଦନ୍ତ କରୁଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

# ପର୍ଯ୍ୟଟକଙ୍କୁ ମାଡ଼, ଲୁଟ୍ ମାମଲାରେ ୬ ଗିରଫ

## ବ୍ୟବସାୟିକ ଶତ୍ରୁତା ଥିଲା କାରଣ

ଅନୁଗୋଳ,୮।୬(ମାନସ ବିଶାଳ)

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ସଦର ଥାନା ଅଞ୍ଚଳରେ ଗତ ମେ ୩୦ ତାରିଖ ସକାଳେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ୫ ପର୍ଯ୍ୟଟକ ଲୁଟ୍‌ର ଶିକାର ହୋଇଥିଲେ। ଦୁର୍ବୃତ୍ତମାନେ ସେମାନଙ୍କୁ ନିଛାଟିଆ ସ୍ଥାନକୁ ନେଇ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଟଙ୍କା, ସୁନା ଅଳଙ୍କାର ଲୁଟି ନେଇଥିଲେ। ଏ ନେଇ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ମାଟିଆ ଗ୍ରାମର ସୁବ୍ରୁନ କୁମାର ନାୟକ (୩୪) ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୨୮୫/ ୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଲୁଟ୍ ପଛରେ ବ୍ୟବସାୟିକ ଶତ୍ରୁତା ମୂଳ କାରଣ ଥିବାବେଳେ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲା ସଦର ଥାନା ଜରସିଂହା ଗ୍ରାମର ପ୍ରଦୀପ ବେହେରା (୩୦), ପ୍ରଦୀପ ସ୍ୱାଇଁ (୩୭), ପିଣ୍ଟୁ ସାହୁ (୩୩), ସୁସୁଡା ଗ୍ରାମର ବିଶ୍ୱଜିତ ମହାପାତ୍ର (୨୫), ନିଶା ଥାନା ପରଙ୍ଗା ଗ୍ରମର ମାନସ ରଞ୍ଜନ ପାତ୍ର (୨୬), ଜିତେନ୍ଦ୍ର ସେନାପତି (୨୯)।

ପୋଲିସ କହିଛି, ଅଭିଯୋଗକାରୀ ସୁବ୍ରୁନ କେନ୍ଦ୍ରାପଡ଼ା ଜିଲା ରାଜକନିକାରେ ଏକ ଢାବା କରିଛନ୍ତି। ସେ ଅନ୍ୟାନ୍ୟ ବ୍ୟବସାୟ ମଧ୍ୟ କରନ୍ତି। ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଥିଲା। ତେଣୁ ସୁବ୍ରୁନ ଓ ତାଙ୍କ ସାଙ୍ଗରେ ଥିବା ସରୋଜ ଜେନା (୨୮), ବିନୋଦ ସେଠୀ (୩୦), ଚିନ୍ମୟ ଦାସ (୩୦), ଦେବାଶିଷ ବିଶାଳ (୩୮)ଙ୍କୁ ଅନୁଗୋଳ ଜିଲାର ମୂଷାପାଫୁଲି ଗ୍ରାମଠାରେ ଅଭିଯୁକ୍ତମାନେ ଟାର୍ଗେଟ୍ କରିଥିଲେ। ସୁବ୍ରୁନ ଓ ସାଥୀମାନେ ଏକ ବୋଲେରୋରେ ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ଜଳଖିଆ ଖାଇବା ପାଇଁ ସଦର ଥାନା ଅଞ୍ଚଳରେ ଅଟକିଥିଲେ। ଏହି ସମୟରେ ୧୦-୧୨ ଜଣ ୪ଟି ମୋଟରସାଇକେଲ ଏବଂ ଏକ ପିକ୍‌ଅପ୍ ଗାଡ଼ିରେ ଆସି ବୋଲେରୋ ଚାବି ଛଡ଼ାଇ ନେଇଥିଲେ। ବୋଲେରୋ ଚାଳକଙ୍କୁ ଲୁହା ପାଇପ୍‌ରେ ମାଡ଼ ମାରିଥିଲେ। ପରେ ପର୍ଯ୍ୟଟକମାନଙ୍କୁ ଜଙ୍ଗଲ ଅଞ୍ଚଳକୁ ନେଇ ସୁନା ଚେନ, କଙ୍କଣ, ସୁନା ମୁଦି ଏବଂ ୨ଟି ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଏକ ଲକ୍ଷ ଟଙ୍କା ଦାବି କରିଥିଲେ। ଏହି ସମୟରେ ଏକ ପୋଲିସ ଗାଡ଼ି ଯାଉଥିବା ଦେଖି ଦୁର୍ବୃତ୍ତମାନେ ବୋଲେରୋ ନେଇ ଫେରାର ହୋଇଯାଇଥିଲେ।

# ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣଙ୍କ ଗଳାକାଟି ହତ୍ୟା

ମାଲକାନଗିରି,୮।୬(ଦୁର୍ଯ୍ୟୋଧନ ପାତ୍ର)

ପୋଲିସ ଇନ୍‌ଫର୍ମର ସନ୍ଦେହରେ ଛତିଶଗଡ଼ ବିଜାପୁର ଜିଲା ପୂର୍ବର୍ତି ଗ୍ରାମର ଜଣେ ବ୍ୟକ୍ତିଙ୍କ ଗଳାକାଟି ମାଓବାଦୀମାନେ ହତ୍ୟାକରିବା ସହ ମୃତଦେହ ଗାଁ ମୁଣ୍ଡରେ ଫୋପାଡ଼ି ଚାଲି ଯାଇଛନ୍ତି। ମାଓବାଦୀ ନେତା ହିଡ୍‌ମାଙ୍କ ଗ୍ରାମ ପୂର୍ବର୍ତିରେ ଏହି ଘଟଣା ରବିବାର ଘଟିଥିବା ଦେଖିବାକୁ ମିଳିଛି। ୧୫ ବର୍ଷ ପୂର୍ବେ ହିଡ୍‌ମାଙ୍କ ଫଟୋ ଚାରିଆଡ଼େ ଭାଇରାଲ ହୋଇଥିବାବେଳେ ବର୍ତ୍ତମାନ ତାଙ୍କର ଆଉ ଏକ ଫଟୋ ଭାଇରାଲ ହେବାରେ ଲାଗିଛି। ଏହି ଫଟୋକୁ ଆଧାର କରି ପ୍ରାୟ ୧୦ରୁ ୧୫ ସଶସ୍ତ୍ର ମାଓବାଦୀ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଅପହରଣ କରି ନେଇ ତାଙ୍କ ଗଳାକାଟି ହତ୍ୟାକରିବା ସହ ମୃତଦେହ ଗାଁମୁଣ୍ଡରେ ଫୋପାଡ଼ି ଚାଲି ଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପୂର୍ବର୍ତି ଗ୍ରାମଠାରୁ ମାତ୍ର ୨ କି.ମି.ଦୂରରେ ସିଆର୍‌ପିଏଫ୍ କ୍ୟାମ୍ପ ଥିବା ସତ୍ତ୍ୱେ ଏହା କିପରି ଘଟିଲା ବୋଲି ଚର୍ଚ୍ଚା ଜୋର ଧରିଛି।

# ସ୍ତ୍ରୀଙ୍କ ଶିଳପୁଆ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ

ଯୋଡା,୮।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ୧ନଂ. ୱାର୍ଡର ତଲକହାଟିଂରେ ସ୍ତ୍ରୀଙ୍କ ଶିଳପୁଆ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ଶନିବାର ସନ୍ଧ୍ୟାରେ ସ୍ୱାମୀ କେନ୍ଦୁଆ ଲୋହାର ତାଙ୍କ ସ୍ତ୍ରୀ ଲେମ୍ବଙ୍କୁ ମାଡ଼ ମାରିବା ସହିତ କଳହ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଲେମ୍ବ ଘରେ ଥିବା ଶିଳପୁଆ ଆଣି ସ୍ୱାମୀ କେନ୍ଦୁଆଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାତି ସମୟରେ ତାଙ୍କୁ ପ୍ରଥମେ କମାର ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଓ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନରେ କେନ୍ଦୁଆଙ୍କ ମୃତ୍ୟୁ ଘଟିଥିବା ପୋଲିସ ସୂତ୍ରରୁ ଖବର ମିଳିଛି। ଏନେଇ ଥାନାରେ କୌଣସି ଅଭିଯୋଗ ଏ ପର୍ଯ୍ୟନ୍ତ ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ମୃତକଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।



ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ- ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ

-ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା



# ମୂଳ ବିନ୍ଦୁ

କିଛିଦିନର ନୀରବତା ପରେ ମଣିପୁର ପୁଣି ଜଳିଲାଣି। ମେଇତି ସମ୍ପ୍ରଦାୟର ଅରାମ୍ବାଇ ତେଙ୍ଗୋଲ ଗ୍ରୁପ୍‌ର ନେତା କାନନ ସିଂ ଓ ତାଙ୍କ କିଛି ସମର୍ଥକଙ୍କୁ ଶନିବାର ରାତିରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଗିରଫ କରିବା ପରେ ସଦ୍ୟ ହିଂସା ଆରମ୍ଭ ହୋଇଛି। ୨୦୨୩ ମଣିପୁର ହିଂସାରେ ସମ୍ପୃକ୍ତ ଥିବା ଅଭିଯୋଗରେ କାନନଙ୍କୁ ଗିରଫ କରାଯିବାରୁ ମଣିପୁର ଉପତ୍ୟକାରେ ବିକ୍ଷୋଭ ଓ ପ୍ରତିବାଦ ଆରମ୍ଭ ହୋଇଯାଇଛି। କେତେକ ଅଞ୍ଚଳରେ ପ୍ରତିବାଦକାରୀ ସେମାନଙ୍କ ନେତାଙ୍କୁ ଛାଡ଼ି ଦେବାକୁ ଦାବି ଜୋରଦାର କରିଛନ୍ତି। ଏଥିସହିତ କେତେକେ ଆତ୍ମଦାହ ଉଦ୍ୟମ କରିଥିବା ଖବର ମିଳିଥିବା ବେଳେ ଖୁରାଇ ଲାମ୍‌ଲଙ୍ଗରେ ଏକ ବସ୍‌କୁ ଜାଳି ଦିଆଯାଇଛି। ସ୍ଥିତି ଗମ୍ଭୀର ହେବା ଆଶଙ୍କା କରି ମଣିପୁର ପ୍ରଶାସନ ଇମ୍ଫାଲ ୱେଷ୍ଟ, ଇମ୍ଫାଲ ଇଷ୍ଟ, ଥଉବାଲ, ବିଷ୍ଣୁପୁର ଓ କାକ୍‌ଚିଙ୍ଗ ଜିଲାରେ ନିଷେଧାଜ୍ଞା ଜାରି କରିବା ସହ ଇଣ୍ଟରନେଟ୍ ସେବାକୁ ବାତିଲ କରିଦେଇଛନ୍ତି।

ସଦ୍ୟ ହିଂସାର ମୂଳକୁ ଗଲେ ମେ' ୨୦୨୩ ମନେପଡ଼େ। ହିନ୍ଦୁ ମେଇତି ସମ୍ପ୍ରଦାୟକୁ ହାଇକୋର୍ଟ ଆଦିବାସୀ ମାନ୍ୟତା ସୁପାରିସ ସଂକ୍ରାନ୍ତ ଆଦେଶ ଦେବା ପରେ ଏହାକୁ ବିରୋଧ କରି ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ନାଗା ଓ କୁକି ସମ୍ପ୍ରଦାୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେବେଠାରୁ ଜାତିଆଣ ହିଂସା ଲାଗି ରହିଛି। ସରକାରୀ ତଥ୍ୟ ଅନୁଯାୟୀ ସେଥିରେ ୨୬୦ ଜଣଙ୍କ ଜୀବନ ଯାଇସାରିଥିବା ବେଳେ ୬୦ ହଜାରରୁ ଅଧିକ ଲୋକ ବାସଚ୍ୟୁତ ହୋଇଛନ୍ତି। ଭାରତରେ ସରକାରୀ ଆକଳନର ସତ୍ୟତା ସମ୍ପର୍କରେ ସମସ୍ତେ ଅଳ୍ପବହୁତେ ଅବଗତ। ଏହି ସଂଖ୍ୟା ଭିତରେ ଗଣବଳାତ୍କାର ଓ ଗୃହଦାହର କୌଣସି ତଥ୍ୟ ମିଳିବା ଅସମ୍ଭବ।

> ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିକ୍ରିୟା ରାଷ୍ଟ୍ରର ସୁରକ୍ଷା ଦୃଷ୍ଟିରୁ ଜୋରଦାର କରାଯିବା ଯେଭଳି ଗୁରୁତ୍ୱ ବହନ କରିଥାଏ, ସେହିଭଳି ଦେଶ ଭିତରେ ଏକ ରାଜ୍ୟ ଦୀର୍ଘ ୨ ବର୍ଷ ଧରି ଅଶାନ୍ତ ରହି ଆସିଥିବାରୁ ତାହାର ସମାଧାନ ସେହି ଜୋସ୍‌ରେ କରାଯିବା ଦରକାର। ଜାତିଆଣ ହିଂସାକୁ ବନ୍ଦ କରିବାକୁ ହେଲେ କେବଳ କିଛି କେନ୍ଦ୍ରୀୟ ବଳକୁ ଅଶାନ୍ତ ଅଞ୍ଚଳକୁ ପଠାଇ ମରାମତି କାମ କଲେ ଚଳିବ ନାହିଁ, ସେଥିପାଇଁ ବିଧିବଦ୍ଧ ଯୋଜନା କରି ସମସ୍ୟାର ମୂଳବିନ୍ଦୁରେ ପହଞ୍ଚିବା ଦରକାର ପଡ଼ିଲାଣି।

ଭାଜପା ପରିଚାଳିତ ସରକାରର ନେତୃତ୍ୱ ନେଉଥିବା ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ହିଂସାକୁ ନିୟନ୍ତ୍ରଣ କରିବାରେ ସେତେବେଳେ ବିଫଳ ହେବାରୁ ମଣିପୁରବାସୀ ଦୁଃଖ, ଯାତନା ଓ ଘୋର ଯନ୍ତ୍ରଣା ଦେଇ ଗତି କରିଆସିଛନ୍ତି। ଏପରି କି ମହିଳାଙ୍କୁ ସର୍ବସମ୍ମୁଖରେ ଉଲଗ୍ନ ପରେଡ୍ କରାଯିବା ପରେ ତାହା ମଧ୍ୟ ଜାତୀୟ ଲଜ୍ଜା ଆଣି ଦେଇଥିଲା। ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ବୀଭତ୍ସ ଦୃଶ୍ୟ ବିଶ୍ୱବ୍ୟାପୀ ପ୍ରକାଶ ପାଇବା ପରେ ବୀରେନ୍ ସିଂ ଇସ୍ତଫା ଦେଇଥିଲେ। ସେହି ସମୟତକ କେନ୍ଦ୍ର ଭାଜପାରୁ ତାଙ୍କୁ ସବୁ ପ୍ରକାର ସହଯୋଗ ମିଳିଥିଲା। ସ୍ଥିତି ଯେତେବେଳେ ନିୟନ୍ତ୍ରଣ କରାଯାଇପାରିବ ନାହିଁ ବୋଲି ସେଠାକାର ସରକାର ହୃଦୟଙ୍ଗମ କଲେ ସେତେବେଳେ କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ଜାରି କରିବାକୁ ବାଧ୍ୟ ହୋଇଥିଲେ। ଫଳରେ ଫେବୃଆରୀ ୨୦୨୫ରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ଆଶା କରାଯାଉଥିଲା କେନ୍ଦ୍ରୀୟ ଶାସନରେ ହିଂସାକୁ ହୁଏତ କରାୟତ୍ତ କରାଯାଇପାରିବ। କିନ୍ତୁ ତାହା ମଧ୍ୟ ବିଫଳ ହେବାକୁ ବସିଲା। ଉତ୍ତର ପୂର୍ବାଞ୍ଚଳରୁ ବାରମ୍ବାର ପ୍ରମାଣ ମିଳୁଛି ଯେ କେବଳ ବନ୍ଧୁକଧାରୀ ସୁରକ୍ଷାବାହିନୀଙ୍କୁ ପଠାଇଦେଲେ କୌଣସି ଅଞ୍ଚଳ ଶାନ୍ତ ପଡୁନାହିଁ। ଯେତେବେଳେ ରାଜନୈତିକ ଇଚ୍ଛାଶକ୍ତି ପ୍ରକାଶ ପାଉଛି ସେତେବେଳେ ସ୍ଥିତି ବଦଳୁଛି। ଉତ୍ତର ପୂର୍ବାଞ୍ଚଳ ଭଳି ଏକ ସମ୍ବେଦନଶୀଳ ଅଞ୍ଚଳ, ଯାହା ଉପରେ ଚାଇନା ପ୍ରତି ମୁହୂର୍ତ୍ତରେ ଦୃଷ୍ଟି ପକାଉଛି, ସେଭଳି ଅଞ୍ଚଳରେ ଦେଖାଦେଉଥିବା ସମସ୍ୟାକୁ କେନ୍ଦ୍ର ଗମ୍ଭୀରତାର ସହ ପରିଚାଳନା କରିବାର ଥିଲା। ସେଠାକୁ କେନ୍ଦ୍ରର ଶୀର୍ଷ ନେତା ଯାଇ ସ୍ଥାନୀୟ ଲୋକ ପ୍ରତିନିଧି ଓ ଭଦ୍ର ସମାଜ ସହ ବାରମ୍ବାର ଆଲୋଚନା କରିବା ଲୋଡ଼ା ପଡୁଥିଲା। ହିଂସା ସୃଷ୍ଟି ହେବା ପରେ ପ୍ରାରମ୍ଭିକ ବୈଠକ ଦିଲ୍ଲୀଠାରେ କରାଗଲା। ବିରୋଧୀଙ୍କ ସମାଲୋଚନାକୁ ଏଡ଼ାଇବାକୁ ଯାଇ କାଁଭାଁ ବୈଠକ ଇମ୍ଫାଲରେ ବସିଲା। ବୃହତ୍ ସଙ୍କଟ ସୃଷ୍ଟି ହୋଇଯାଉଥିବାରୁ ସେଥିରେ କେନ୍ଦ୍ର ସରକାର ଆନ୍ତରିକତାର ସହ ମୁଣ୍ଡ ନ ପୂରାଇ ଉପରଠାଉରିଆ ମଲମ ଲଗାଉଥିବାରୁ କ୍ଷତ ସାମୟିକ ସମୟ ପାଇଁ ପୂରଣ ହେଉଛି। ହେଲେ ଗମ୍ଭୀର ସମସ୍ୟାର ସମାଧାନ ହେଉନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିକ୍ରିୟା ରାଷ୍ଟ୍ରର ସୁରକ୍ଷା ଦୃଷ୍ଟିରୁ ଜୋରଦାର କରାଯିବା ଯେଭଳି ଗୁରୁତ୍ୱ ବହନ କରିଥାଏ, ସେହିଭଳି ଦେଶ ଭିତରେ ଏକ ରାଜ୍ୟ ଦୀର୍ଘ ୨ ବର୍ଷ ଧରି ଅଶାନ୍ତ ରହି ଆସିଥିବାରୁ ତାହାର ସମାଧାନ ସେହି ଜୋସ୍‌ରେ କରାଯିବା ଦରକାର। ଜାତିଆଣ ହିଂସାକୁ ବନ୍ଦ କରିବାକୁ ହେଲେ କେବଳ କିଛି କେନ୍ଦ୍ରୀୟ ବଳକୁ ଅଶାନ୍ତ ଅଞ୍ଚଳକୁ ପଠାଇ ମରାମତି କାମ କଲେ ଚଳିବ ନାହିଁ, ସେଥିପାଇଁ ବିଧିବଦ୍ଧ ଯୋଜନା କରି ସମସ୍ୟାର ମୂଳବିନ୍ଦୁରେ ପହଞ୍ଚିବା ଦରକାର ପଡ଼ିଲାଣି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 2 | | | |
| | | | | 4 | 3 | | 7 | |
| 3 | | | 7 | | | | 5 | 2 |
| | | | | | 8 | | | |
| 2 | | 7 | | | | | | 9 |
| 5 | | | 4 | | | | 8 | 1 |
| 9 | | | | 6 | | 8 | 3 | |
| 4 | | | | | | | 1 | |
| | | | 3 | | | 5 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 8 | 9 | 3 | 7 | 4 | 2 |
| 3 | 4 | 8 | 7 | 2 | 6 | 9 | 5 | 1 |
| 2 | 9 | 7 | 5 | 1 | 4 | 8 | 6 | 3 |
| 1 | 2 | 9 | 3 | 6 | 5 | 4 | 7 | 8 |
| 6 | 7 | 5 | 1 | 4 | 8 | 3 | 2 | 9 |
| 4 | 8 | 3 | 2 | 7 | 9 | 6 | 1 | 5 |
| 9 | 3 | 6 | 4 | 5 | 1 | 2 | 8 | 7 |
| 8 | 5 | 2 | 6 | 3 | 7 | 1 | 9 | 4 |
| 7 | 1 | 4 | 9 | 8 | 2 | 5 | 3 | 6 |

ଗତକାଲିର ଉତ୍ତର

# ମାନବ ବ୍ୟଥାର ଚିରପୂଜାରିଣୀ



ଡ. ହୃଷୀକେଶ ମଲ୍ଲିକ

ନନ୍ଦିନୀ ଶତପଥୀଙ୍କ ଜନ୍ମ ୯ ଜୁନ୍ ୧୯୩୧ରେ। ୯୪ ବର୍ଷ ତଳର କଥା। ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଯେଉଁଦିନ ତାଙ୍କର କାଳଜୟୀ ଉପନ୍ୟାସ 'ମାଟିର ମଣିଷ'ର ଲେଖା ସାରିଥିଲେ, ସେହିଦିନ ପୃଥିବୀର ମାଟି ଛୁଇଁଥିଲେ ନନ୍ଦିନୀ। ଅକ୍ଷର-ଯଜ୍ଞ ଭିତରୁ ସତେ ଯେପରି ଭାରତୀୟ ରାଜନୀତିର ଏହି ଯାଜ୍ଞସେନୀଙ୍କ ଜନ୍ମ। ପିଲାଟି ଦିନରୁ ସ୍ୱାଧୀନଚେତା। ଦେଶ ଓ ଦଶର ଡାକରେ ସଦା ଅଧୀରା ଏହି ଜନନେତ୍ରୀ ତୃଣମୂଳ ସ୍ତରରୁ ଉଠିଉଠି ମାତ୍ର ୩୧ ବର୍ଷ ବୟସରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ ଓ ୧୯୬୬ରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ତଥ୍ୟ ଓ ବେତାର ବିଭାଗର ଉପମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦୁଇଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାର ସମ୍ଭାଳିଥିଲେ। ପ୍ରଥମଥର ୧୪ ଜୁନ୍ ୧୯୭୨ରୁ ୩ ମାର୍ଚ୍ଚ ୧୯୭୩ ଓ ଦ୍ୱିତୀୟ ଥର ୬ ମାର୍ଚ୍ଚ ୧୯୭୪ରୁ ୧୬ ଡିସେମ୍ବର ୧୯୭୬। ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ଶାସନକାଳ ଖୁବ୍ ଦୀର୍ଘ ଅବଧିର ନୁହେଁ। ତାହା ପୁଣି ଓଡ଼ିଶା ରାଜନୀତିର ଝଞ୍ଜାକ୍ଷୁବ୍ଧ କାଳଖଣ୍ଡର। ଅର୍ଦ୍ଧଶତାବ୍ଦୀ ହୋଇଗଲାଣି ରାଜ୍ୟର ଶାସନଗାଦିରୁ ସେ ଓହ୍ଲାଇଯିବାର, ହେଲେ ରାଜ୍ୟ ବା ଦେଶର ଶାସନ କଥା ଉଠିବା ମାତ୍ରେ ବାରମ୍ବାର ଲୋକଙ୍କ ମନକୁ ହିଁ ଆସେ ନନ୍ଦିନୀଙ୍କ ସ୍ମୃତି।

ଏହାର ଉତ୍ତର ହେଉଛି ନନ୍ଦିନୀ ଦେବୀ ଭାରତୀୟ ରାଜନୀତିରେ ଶୂନ୍ୟଚାରିଣୀ ନ ଥିଲେ, ଥିଲେ ଭୂମିଚାରିଣୀ। ଯେକୌଣସି ସମସ୍ୟା ହେଉ, ସେ ତା'ର ମୂଳକୁ ଯାଇ ସମାଧାନର ପନ୍ଥା ନିରୂପଣ କରୁଥିଲେ। ନିପଟ ମଫସଲର ଛୋଟଛୋଟ ଚାଷୀ, ଘରକୋଣରେ କର୍ମକୁ ଆଦରି ପଡ଼ିଥିବା ନାରୀ, ବେରୋଜଗାରି ଯୁବକ- ସମସ୍ତଙ୍କ ହୃଦୟର ବ୍ୟଥା ତାଙ୍କୁ ସଦା ବ୍ୟଥିତ କରୁଥିଲା। କଥାର ନୁହେଁ, ସେ ଥିଲେ କାମର ନେତ୍ରୀ। ଶାସନ ବ୍ୟବସ୍ଥାରେ ଯେଉଁ ପ୍ରାବଧାନମାନ ସେ ତିଆରି କରିଥିଲେ, ଗଣିବସିଲେ ତାହା ସରିବ ନାହିଁ। ଭିଟାମାଟି ନ ଥିବା ଲୋକଙ୍କୁ ଘରଡିହ ଦେବା, ସମବାୟ ସଂସ୍ଥା ମାଧ୍ୟମରେ ନାମମାତ୍ର ଚାଷୀଙ୍କୁ ଋଣ ଯୋଗାଇଦେବା, ଖଣ୍ଡଖଣ୍ଡ ହେଇ ଏଠିସେଠି ପଡ଼ିଥିବା ଓ ସଶକ୍ତ କୃଷିର ଅନୁପଯୋଗୀ ଚାଷଜମିକୁ ଚକବନ୍ଦୀ କାର୍ଯ୍ୟକ୍ରମ ଦ୍ୱାରା ବ୍ୟବସ୍ଥିତ କରିବା, ରେଙ୍ଗାଲି ଓ ଅପରକୋଲାବ ଭଳି ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରି ଚାଷୀଙ୍କୁ ପର୍ଯ୍ୟାପ୍ତ ଜଳସେଚନର ସୁବିଧା ଯୋଗାଇବା, ବୁଢ଼ାବୁଢ଼ୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦେବା, ଗାଁ ମହାଜନଙ୍କୁ ସୁଧ ଗଣିଗଣି ନୟାନ୍ତ ଲୋକଙ୍କ ନିମନ୍ତେ ମହାଜନି କାରବାର ବନ୍ଦ ପାଇଁ ଆଇନ ଆଣିବା, ବେସରକାରୀ ସ୍କୁଲ ଓ କଲେଜ ଶିକ୍ଷକଙ୍କୁ ପ୍ରତ୍ୟକ୍ଷଭାବେ ସରକାରୀ ବେତନ ହାରରେ ଦରମା ପ୍ରଦାନ କରିବା, ମୁନାଫାଖୋର ଦଲାଲଙ୍କ ଦାଉରୁ କେନ୍ଦୁପତ୍ର ତୋଳାଳିଙ୍କୁ ସୁରକ୍ଷା

**ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ଉପଲକ୍ଷେ**



ଦେବାକୁ କେନ୍ଦୁପତ୍ର ଜାତୀୟକରଣ କରିବା, ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ଦେବା, ସିଲିଂ ବହିର୍ଭୂତ ଜମିକୁ ଭୂମିହୀନଙ୍କ ମଧ୍ୟରେ ବାଣ୍ଟିବା ଆଦି ଯେଉଁ ଦିଗକୁ ଆଖି ପକାଇଲେ ବି ନନ୍ଦିନୀ ହିଁ ଓଡ଼ିଶା ରାଜନୀତିରେ ଡେଙ୍ଗା ହୋଇ ଦୃଶ୍ୟମାନ ହୁଅନ୍ତି। ଅକଳରେ ପଡ଼ିଥିବା ଆଦିବାସୀଙ୍କଠାରୁ ସବର୍ଣ୍ଣମାନେ ଜମି ହଡ଼ପ କରୁଥିଲେ। ନିୟମ ପ୍ରଣୀତ ହେଲା ଆଦିବାସୀଙ୍କ ଜମିକୁ ସବର୍ଣ୍ଣମାନେ କିଣିପାରିବେ ନାହିଁ। ଯୌତୁକ ନିଆଁରେ ଜଳି ଯାଉଥିଲା ଅଗଣିତ ଯୁବତୀଙ୍କ ଯୌବନ ଓ ଜୀବନ। ଯୌତୁକ ନିରୋଧ ଆଇନ ପ୍ରଣୀତ ହୋଇ ଏଥିରେ ଲାଗିଲା ପ୍ରତ୍ୟାଶିତ ବିରାମ।

ରାଜନୀତି ଓ ଶାସନର ବଡ଼ ଆଖିକୁ ଦିଶୁ ନ ଥିବା ଜନତାର ନିଭୃତ ଲୁହ, କାନକୁ ଶୁଭୁ ନ ଥିବା ଉପାୟହରା ମଣିଷର ଦୀର୍ଘଶ୍ୱାସ ଯଦି ପ୍ରତିକାରର ପନ୍ଥା ଲଭିଥାଏ, ତେବେ ଉପର ଉଦାହରଣ ହେଉଛି ତା'ର ପ୍ରମାଣ। ବଡ଼ ବଡ଼ ବାରଚାଉଳିଆ ଯୋଜନା ଅପେକ୍ଷା ସମସ୍ୟାର ସାନ ସାନ ପ୍ରତିକାର ଯେ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାର ଅନ୍ତ ଘଟାଇବ- ନନ୍ଦିନୀ ଦେବୀ ତାହା ବୁଝିଥିଲେ। ଓଡ଼ିଶାର ଯୁଆଡ଼କୁ ଆମେ ଅନାଇବା ଆଖିରେ ପଡ଼ିବ ନନ୍ଦିନୀଙ୍କ ଦୂରଦୃଷ୍ଟିସମ୍ପନ୍ନ ରାଜକୀର୍ତ୍ତି। ଗୋପାଳପୁରର ଇଣ୍ଡିଆନ୍ ରେୟାର୍ ଆର୍ଥ କମ୍ପ୍ଲେକ୍ସ, ତାଳଚେର ଓ ପାରାଦୀପର ସାର କାରଖାନା, ରାଉରକେଲାର ଏସିଆଟିକ୍ ଅକ୍ସିଜେନ୍ କାରଖାନା (ବିଗତ ମହାମାରୀ କରୋନା ସମୟରେ ଯାହା ନିଜର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇ ସାରା ଦେଶକୁ ଅକ୍ସିଜେନ୍ ଯୋଗାଇ ଥିଲା), ଢେଙ୍କାନାଳରେ କଳିଙ୍ଗ ଝୋଟ କାରଖାନା, ହସ୍ତଶିଳ୍ପ ଓ ସମ୍ବଲପୁରୀ ବସ୍ତ୍ରର ପ୍ରଚାର ପ୍ରସାର ପାଇଁ 'ଉତ୍କଳିକା' ନାମରେ ଭୁବନେଶ୍ୱର ଓ ଦିଲ୍ଲୀରେ ଆଧୁନିକ ବିପଣନ କେନ୍ଦ୍ର ପ୍ରତିଷ୍ଠା, ଭୁବନେଶ୍ୱରରେ କର୍ମଜୀବୀ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଆବାସନ 'ନିବେଦିତା'ର ନିର୍ମାଣ, ଢେଙ୍କାନାଳ ଓ ଭୁବନେଶ୍ୱରରେ ଅନ୍ଧ ମୂକ ବଧିର ବିଦ୍ୟାଳୟ ପ୍ରତିଷ୍ଠା, ମାଷ୍ଟରକ୍ୟାଣ୍ଟିନ ଛକରେ କଂଗ୍ରେସ ଭବନ ଓ କଟକରେ ଆକାଶବାଣୀ ଭବନ ନିର୍ମାଣ ହେଉଛି ଓଡ଼ିଶାକୁ ନନ୍ଦିନୀଙ୍କର ଅବଦାନ। ଭୁବନେଶ୍ୱରର ସୂଚନା ଭବନ (ଜୟଦେବ ଭବନ ଯାହାର ପରବର୍ତ୍ତୀ ନାମ) ଓ ଶ୍ରୀଅରବିନ୍ଦଙ୍କ ଦେହାବଶେଷ ସ୍ଥାପନ ପୂର୍ବକ 'ମାତୃଭବନ' ନିର୍ମାଣ ହିଁ ତାଙ୍କ ଉଦ୍ୟମର ଫଳଶ୍ରୁତି।

ନନ୍ଦିନୀଙ୍କ ପରେ ଓଡ଼ିଶାର ଶାସନଗାଦିକୁ କେତେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଆସି ଗଲେଣି। କେତେକେତେ ଶିଳାନ୍ୟାସ ହୋଇ ଶିଳାନ୍ୟାସର ପଥରରେ ଘାସ ଚରିଗଲାଣି, କାହିଁ କେତେ ବା ଆଖିରେ ପଡ଼େ ନନ୍ଦିନୀଙ୍କୁ ଟପିବା ଭଳି ଉଦାହରଣ! ରାଜନୀତିରେ ବହୁ ନୂଆ ନୂଆ କଥା ତାଙ୍କରି ସମୟରେ ଆରମ୍ଭ ହୋଇଥିଲା। ବୀରେନ୍ ମିତ୍ରଙ୍କ ସହ କଟକ ନିର୍ବାଚନରେ ଲଢ଼ିବାବେଳେ ଘର ଘର ବୁଲି ନିର୍ବାଚନ ପ୍ରଚାରର ତରିକା ଓଡ଼ିଶା ରାଜନୀତିରେ ପ୍ରଥମେ ନନ୍ଦିନୀ ହିଁ ପ୍ରବର୍ତ୍ତନ କରିଥିଲେ। ଉତ୍ତରପ୍ରଦେଶର ଆରୋରା ଡାଞ୍ଚାରେ କଂଗ୍ରେସ କର୍ମୀଙ୍କ ପାଇଁ ତାଲିମ ଶିବିର ପ୍ରତିଷ୍ଠାର ମୂଳଦୁଆ ଓଡ଼ିଶାରେ ସେ ହିଁ ପକାଇଥିଲେ। ରାଜନେତ୍ରୀ ଭାବରେ ସେ ସବୁବେଳେ ଭୂମିଲଗ୍ନା ଥିଲେ। ଶିକ୍ଷା ତଥା ଚାକିରି କ୍ଷେତ୍ରରେ ଆଞ୍ଚଳିକବାଦର ସେ ଘୋର ବିରୋଧୀ ଥିଲେ। ଆଞ୍ଚଳିକ ବ୍ୟାଧିରେ ପୀଡ଼ିତ ଯୁବଶକ୍ତି କେବେ ବି ରାଜ୍ୟ ବା ଦେଶର ଉନ୍ନତ ସେବା କରିପାରିବ ନାହିଁ – ଏଥିରେ ତାଙ୍କର ବିଶ୍ୱାସ ଥିଲା। ଚାକିରି କ୍ଷେତ୍ରରେ ସଂରକ୍ଷଣକୁ ବି ସେ ପସନ୍ଦ କରୁ ନ ଥିଲେ। କ୍ଷୁଦ୍ରତା କିପରି ମାନବିକତାକୁ ସଂକୀର୍ଣ୍ଣ କରିଦିଏ, ତାହା ସେ ମର୍ମେ ମର୍ମେ ଅନୁଭବ କରି ଏକ ମହାଭାରତୀୟ ଦେଶ ଭାବନା ପ୍ରତି ନିଜକୁ ଉତ୍ସର୍ଗ କରିଥିଲେ।

ନନ୍ଦିନୀ ଦେବୀ କେବେ ବି ଶୃଙ୍ଖଳା ମନର ନେତ୍ରୀ ନ ଥିଲେ। ସେ ଥିଲେ ଏକାଧାରରେ କବି, କଥାଶିଳ୍ପୀ ଓ ସଙ୍ଗୀତାନୁରାଗିଣୀ। ଓଡ଼ିଶାର ପ୍ରଥମ ରଙ୍ଗିନ ଓଡ଼ିଆ ଚଳଚ୍ଚିତ୍ର 'ଗପ ହେଲେ ବି ସତ' ତାଙ୍କରି ଶାସନ କାଳରେ ନିର୍ମିତ ହୋଇଥିଲା। କଲିକତାର ଏଚ୍.ଏମ୍.ଭି. କମ୍ପାନୀ ଦ୍ୱାରା ସେ ଓଡ଼ିଶାର କାଳଜୟୀ ଭଜନ/ଜଣାଣର ରେକର୍ଡିଂ କରାଇଥିଲେ। ଲୋକପ୍ରିୟ କିମ୍ବଦନ୍ତୀର ପ୍ରଚାର ପ୍ରସାର ପାଇଁ 'କଥାଗୀତି'ର ପ୍ରଚଳନ ତାଙ୍କରି ସାଂସ୍କୃତିକ ଆଗ୍ରହ ଯୋଗୁ ସାକାର ହୋଇଥିଲା। ଓଡ଼ିଶାର ରାଜକୋଷରେ ଆଜି ଅଚଳାଚଳ ଅର୍ଥ, ରାଜନୀତିରେ ହାଉଯାଉ ନେତା, କିନ୍ତୁ ନନ୍ଦିନୀଙ୍କ ଓଡ଼ିଶା ଆଜି ତାଙ୍କଠୁ ବା କେତେ ପାଦ ଦୂରରେ! ଦେଶ ଓ ଦଶ ପାଇଁ ଏତେସବୁ କରି ମଧ୍ୟ ନନ୍ଦିନୀ ଦେବୀ କେବେ ବି ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଯିବାର ବାସନା ପୋଷଣ କରି ନ ଥିଲେ। ଏଇ ଅବସରରେ ନନ୍ଦିନୀ ଦେବୀଙ୍କର ଏକ ପ୍ରିୟ ଗୀତ 'ଆମି ଚଲେ ଗେଲେ' ମୋ ସ୍ମରଣକୁ ଆସୁଛି, ଯାହାର ଲେଖକ ବଙ୍ଗଳାର କିମ୍ବଦନ୍ତୀପ୍ରତିମ ଶ୍ୟାମଲ ଗୁପ୍ତ। ମନ ଭାଙ୍ଗିଥିଲେ ନନ୍ଦିନୀ ଦେବୀ ଏକାନ୍ତରେ ଏଇ ଗୀତଟିକୁ ଗୁଣୁଗୁଣାଉ ଥିଲେ, ଯାହାର ଏକ ଅଂଶ– ''ଆମି ଯେ ଶୁନେଛି ସୁଖେର ବାସରେ/ ଦୁଃଖେର ରାଗିଣୀ ହାହାକାର କରେ/ ଯେ ବ୍ୟଥା ମହାନ୍/ ତାରି ପାୟେ ଆମି ଜାନାୟେ ଗେଛି ପ୍ରଣାମ।'' ମାନବ ବ୍ୟଥାର ଚିରପୂଜାରିଣୀ ନନ୍ଦିନୀ ଦେବୀଙ୍କୁ ଆଜି ତାଙ୍କ ଶୁଭ ଜନ୍ମଦିନରେ ଶତ ସହସ୍ର ପ୍ରଣାମ!

ମୋ: ୯୮୫୩୨୮୭୭୫୫

# ମୁଁ ମୂଲିଆ କହୁଛି



ଭଗବାନ ଦାଶ

ମୁଁ ମୂଲିଆ। ମୂଲ ନ ଲାଗିଲେ ଘରେ ଆମର ଚୁଲି ଅଜଳା ରହେ। ଆଉ ସାଧାରଣତଃ ଆମେ ବହୁକୁଟୁମ୍ବୀ। ସହରରେ ମୂଲ ଅଧିକା। କାମ ବି ମିଳେ। କିନ୍ତୁ ଗାଁ ଗହଳିରେ କାମ ମିଳୁଛି ବା କାହାକୁ ! ସମସ୍ତେ ତ ଆମ ଭାଇ ଭଗାରି। ସୂର୍ଯ୍ୟ ଉଦୟ ହେବା ଆଗରୁ ନିତ୍ୟକର୍ମ ସାରି ହଳ ନେବାକୁ ହୁଏ। ଆଉ ଯଦି ନିଜର ବା କାହାର ଧରିଥିବା ଜମିରେ ଚାଷଥାଏ, ତେବେ ପରିବାରର ସମସ୍ତଙ୍କୁ କିଛି ନା କିଛି କାମ କରିବାକୁ ପଡ଼େ। ଦ୍ୱିପ୍ରହର ସମୟକୁ ଦି କଂସା ପଖାଳ ଭାତ, ବାଡ଼ିରେ ଲାଗିଥିବା ପନିପରିବାରୁ କିଛି ଭଜା, ସିଝା ବା ପୋଡ଼ା ଆଉ ତା' ସାଙ୍ଗକୁ ଲୁଣ କଞ୍ଚାଲଙ୍କା ପିଆଜ, ସମୟେ ସମୟେ ପୋଡ଼ା ଶୁଖୁଆ ଧରି ସ୍ତ୍ରୀ ହଉ କି ପିଲେ ହିଡ଼ ମୁଣ୍ଡକୁ ଆସି ଯାଇଥାନ୍ତି। ସାଙ୍ଗରେ ଥାଏ ପାଣି ଢାଳଟିଏ। ମୁଣ୍ଡରୁ ଗାମୁଛା ଫିଟାଇ, ପୋଛିହୋଇ, ବସିଯାଏ ହିଡ଼ ମୁଣ୍ଡରେ। ହାଉଁ ହାଉଁ ଭୋକ। ଚାହୁଁ ଚାହୁଁ କେଇଟା ଗୁଣ୍ଡାରେ ସେତକ ସରିଯାଏ। ପଖାଳ ପାଣିଟିକକ ସେତେବେଳେ ଅମୃତ ଠୁ ବି ଅଧିକ ସୁଆଦ ଲାଗେ। ଏହା ଚାଷ ସମୟର ନିତିଦିନିଆ କଥା।

କାହା ନଅ ଛଅରେ ଆମେ ନ ଥାଉ। ରାଜନୀତିବାଲା ଭୋଟବେଳେ ଦେଖାଦିଅନ୍ତି। ପ୍ରଲୋଭିତ କରନ୍ତି। ଉଦ୍ଦେଶ୍ୟ ଯେନତେନ ପ୍ରକାରେଣ ଆମ ଭୋଟ ଖଣ୍ଡିକ ହାତେଇବା। କଥା ବହୁତ, ଆଶ୍ୱାସନା ବି କମ୍ ନୁହେଁ। ଆମ ପରିଶ୍ରମର ଭୂରି ଭୂରି ପ୍ରଶଂସା କରି ସେ ବା ତାଙ୍କ ଦଳ ସରକାର ଗଢ଼ିଲେ, ଆମ ଭାଗ୍ୟ ବଦଳିଯିବାର ପ୍ରତିଶ୍ରୁତି ଦେଇ ଆମକୁ ଆପଣେଇ ନିଅନ୍ତି। ଆମେ ସରଳ ବିଶ୍ୱାସୀ। ନନ୍ଦ ଛନ୍ଦ ଜାଣୁନି। ତେଣୁ ତାଙ୍କ କଥାରେ ଭୁଲି ସାମୟିକ ଭୋଜିଭାତ ଖାଇ ଭୋଟ ଖଣ୍ଡିକ ଦେଇଦେଉ। ତା' ପରେ ନେତାଙ୍କ ଦେଖାହୁଏ ପାଞ୍ଚ ବର୍ଷରେ ପୁଣି ଥରେ। କଥା ବଦଳେ। ସେଇ ମନ ଭୁଲାଣିଆ ଭାଷା। ଯାହା ହେଉ ସରକାରୀ ଯୋଜନାରୁ ମିଳିଛି ପକ୍କାଘର ଖଣ୍ଡିଏ। ଛପର ଚିନ୍ତା ଏବେ ନାହିଁ। ହଁ, ମୁଣ୍ଡପିଛା କିଛି ରାଶନ ସାମଗ୍ରୀ ମିଳୁଛି। ଆମ ସରପଞ୍ଚବାବୁ ବହୁତ ଭଲ। ଆମ ଭଲ ପାଇଁ ଯିଏ ସରକାରରେ ଆସେ ସେ ତାଙ୍କ ଦଳରେ ମିଶି ଯାଆନ୍ତି। ସବୁ ଯୋଜନାର ଲାଭ ଆମକୁ ମିଳେ। ଚଳି ହୁଏ, କିନ୍ତୁ ବିବାହ ବେଭାର ଉଠେଇବା ଲାଗି ଧାର ଉଧାର କରିବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ। ଦି' ପଇସା ସରକାରୀ ସାହାଯ୍ୟ ଆସିବାରୁ ଲୁଣ, ତେଲ, ଆଳୁ ଇତ୍ୟାଦି କିଣି ଭିଡି ଓଟାରି ସଂସାରଟା ଚଳିଯାଏ। ହେଲେ ବାଧକ ସାଜେ ଏକକାଳୀନ ଯେ କୌଣସି ଖର୍ଚ୍ଚ ପଡିଗଲେ ଯଥା ମେଡିକାଲ ହେଉ କି ବାହା ପୁଆଣି।

ଏବର ପରିସ୍ଥିତି ଅଲଗା। ଆମ ପିଲେ ଅଧାପାଠୁଆ। ଘାସକୁ ଲମ୍ବ ଆଉ ପାଳକୁ ଛୋଟ। ନା କରିପାରୁଛନ୍ତି ଚାକିରି, ନା କରିପାରୁଛନ୍ତି ଚାଷବାସ। ଘରେ ବସି ଇୟା ତା' କଥା ଶୁଣି ଚୁଗୁଲି ଚାପଟାରେ ସମୟ କାଟନ୍ତି। ଅଯଥାରେ ଯୁକ୍ତି ତର୍କ କରି କଜିଆ ଭିଆନ୍ତି। ଅବଶ୍ୟ ଖୁବ୍ କମ୍ ପିଲା ଆମର କିଛି କିଛି ମୋଟା ରୋଜଗାର ଗାଁରେ ରହି ବି କରନ୍ତି। ମୋଟର ପମ୍ପ ହେଉ, ଟ୍ରାକ୍ଟର ହେଉ, ଧାନକଟା, ଧାନ ଝଡ଼ା ମେସିନ ଇତ୍ୟାଦି ବ୍ୟବହାର କରି ଦି' ପଇସା କମାନ୍ତି।



ଏଇଟା ଥିଲାବାଲାଙ୍କ ପାରିବାରିଆ ପିଲାଙ୍କ କଥା। ସମସ୍ତେ ଏ ସବୁ ପାରନ୍ତିନି। ଅଧିକାଂଶ ବେକାର। ଆମ ଉପରେ ବୋଝ। ଆମ ଖଟିବାର ଅନ୍ତ ନ ଥାଏ। ବୟସ ଆମକୁ ଅବଶ ନ ହେଲା ପର୍ଯ୍ୟନ୍ତ ଅଟକାଇ ପାରେ ନାହିଁ। ଆଜିକାର ଦରଦାମ ଯାହା, ପନିପରିବା ଅଧିକ ହେଉଥିଲେ ହାଟକୁ ପଠାଇ ଦି' ପଇସା ହୁଅନ୍ତା। କିନ୍ତୁ ଆମେ ପରିଶ୍ରମୀ ହେଲେ ବି ବୁଭୁକ୍ଷୁ। ପରିବା ଘରକୁ ଅକୁଳାଣ। ଭୋକ ପାଇଁ ଆମର ଔଷଧ ଦରକାର ହୁଏନି। ପରିଶ୍ରମ ଯୋଗୁ ଝାଳ ବୁହେ, ନିଦ ଆଉ ଭୋକ ଆବଶ୍ୟକତାଠାରୁ ଅଧିକ ହୁଏ। ଫଳରେ ଅଧିକ ଚିନ୍ତା କରିବାକୁ ସମୟ ମିଳେନି।

ସରକାରୀ ପ୍ରୋତ୍ସାହନ ମିଳିଲେ ହୁଏତ ଟିକିଏ ଶାନ୍ତି ମିଳନ୍ତା। ଯୁବକଙ୍କ ସାଙ୍ଗକୁ ବୃଦ୍ଧଙ୍କ କଥା ବି ବୁଝିବା ଦରକାର। କାରଣ ତାଙ୍କୁ ଦୁନିଆ ଦେଖିବାକୁ ବେଶି ଦିନ ମିଳେନି। କଠିନ ପରିଶ୍ରମରେ ଚଳି ଆସୁଥିବାରୁ ବାର୍ଦ୍ଧକ୍ୟ ପ୍ରପୀଡ଼ିତ ହେଲେ ହେଁ ମନ ପରିଶ୍ରମ କରିବାରୁ ବିରତ ରହିବାକୁ ଚାହେନି। କିନ୍ତୁ ଶରୀର ଏସବୁକୁ ଗ୍ରହଣ କରିପାରେ ନାହିଁ। ସରକାର ସର୍ବାଗ୍ରେ ଅନ୍ନଦାତା କହି ଖୁସି କରାନ୍ତି, ସେଥିରେ ଆମର କି ଲାଭ। କହିବା ଅପେକ୍ଷା କିଛି କଲେ ଭଲ ହୁଅନ୍ତା। ବୃଦ୍ଧ ବୟସରେ ଆର୍ଥିକ ସହାୟତାର ଆବଶ୍ୟକତା ବହୁତ ବେଶି। ଆର୍ଥିକ ସାହାଯ୍ୟ ତଥା ପେନ୍‌ସନ କିଛି ମିଳିଲେ ଆଖି ବୁଜିବା ଆଗରୁ ଶାନ୍ତି କ'ଣ ଟିକେ ଜାଣନ୍ତୁ। ଅବଶ୍ୟ ବାର୍ଦ୍ଧକ୍ୟ ଭତ୍ତାର ବ୍ୟବସ୍ଥା ଅଛି, ଯାହା ଆଜିକାଲିର ମହରଗ ବଜାରକୁ ସମୁଦ୍ରକୁ ଶଙ୍ଖେ ପରି।

ମୂଲିଆ ମୁଁ ବୋଲି ମୋର ଦୁଃଖ ନାହିଁ। ଦୁଃଖ, ମୂଲିଆର ପୁଅ କେବଳ ମୂଲିଆ ନ ହେଉ। ଚାଷବାସ ତ ପାଣିପାଗ ଉପରେ ନିର୍ଭରଶୀଳ। ଝଡ଼ି, ବଢ଼ି, ମରୁଡ଼ି ସହିବାକୁ ବାଧ୍ୟ। ଏସବୁ ସରକାରର ବିଚାରକୁ ଆସୁ। ଶାରୀରିକ ପରିଶ୍ରମ କରିପାରିବାର ବୟସ ସୀମା ନିର୍ଦ୍ଧାରଣ କରାଯାଉ। ଯେପରି ଚାକିରି ସରିଲା ପରେ କାମ ନ କରି ଚଳିବା ପାଇଁ ପେନ୍‌ସନ ବ୍ୟବସ୍ଥା ଅଛି, ସେହିପରି ସୁବିଧା ମୂଲିଆଙ୍କୁ ମିଳୁ। ବୟସ ବୃଦ୍ଧି ରୋଗର କାରଣ। ଏହା ସରକାରୀ ଚାକିରିଆଙ୍କୁ ଯେପରି ସେହିପରି ଆମକୁ ମଧ୍ୟ। ଔଷଧ ଖର୍ଚ୍ଚ ମିଳୁ। ଗାଁ ଗାଁରେ ଡାକ୍ତରଖାନା ଖୋଲିଦେଲେ ଯେ ଲୋକେ ନୀରୋଗ ହେବେ, ତାହା ଭାବିବା ଠିକ୍ ନୁହେଁ। ବରଂ ରୋଗଗ୍ରସ୍ତ ହେଲେ ଚିକିତ୍ସା ପାଇ ଉପଶମ ଲଭିବେ। ତେଣୁ ମାଗଣା ଚିକିତ୍ସା ସାଙ୍ଗକୁ ମାଗଣା ଔଷଧ ମିଳୁ।

ମୁଁ ମୂଲିଆ। ଆମର ପିଲେ ପଢ଼ିବାର ଉପଯୁକ୍ତ ସୁବିଧା ପାଇ ପାରିଲେ ହୁଏତ ରୋଜଗାରକ୍ଷମ ହୋଇପାରନ୍ତେ। ସେମାନଙ୍କୁ ସରକାରଙ୍କ ତରଫରୁ ଆଧୁନିକ ଯୁଗରେ ସେହି ପ୍ରକାର ପ୍ରଶିକ୍ଷଣ ଦିଆଗଲେ ଆମ ଉପରୁ ବୋଝ କମିଯାଆନ୍ତା। ମାଲିକ ହେବାର ଅଭିପ୍ରାୟ ମୋର ନାହିଁ। ପରିବାରରେ ଦେହଟା ଘୋଡ଼େଇବାକୁ ଯାହା ଦି' ପଇସା ଦରକାର ତାହା ମଧ୍ୟ ସମ୍ଭବ ହୁଏନି। ଆମକୁ ସମାଜରେ ଯେତିକି ଆଦର କରାଯାଉଛି, ତାହା ଯେ ବାସ୍ତବିକ ବା ଆର୍ଥିକ କ୍ଷେତ୍ରରେ ଆମକୁ ସୁଖୀ କରାଇ ପାରିବନି, ଏହା କହୁଥିବାବ୍ୟକ୍ତି ଭଲ ଭାବେ ହୃଦୟଙ୍ଗମ କରନ୍ତି। ଯଦି ଆନ୍ତରିକତାର ସହ ପ୍ରଶଂସା ସାଉଁଟିବାର ସୁଯୋଗ ଦିଆ ଯାଉଛି, ତେବେ ସରକାର ଆର୍ଥିକ ସାହାଯ୍ୟର ହାତ ବଢ଼ାଇଲେ ଏ ମୂଲିଆକୁଳଟି ଟିକିଏ ଶାନ୍ତିରେ ନିଃଶ୍ୱାସ ନିଅନ୍ତା।

ଗୁଣ୍ଡିଚା ବିହାର, ପୁରୀ
ମୋ: ୮୨୪୯୦୮୨୪୦୦

## ଏଇ ଭାରତରେ

ସ୍ୱାର୍ଥ ପାଇଁ ବେଳେବେଳେ ରକ୍ତସମ୍ପର୍କୀୟମାନେ ବି ବିଶ୍ୱାସଘାତକତା କରିବାକୁ ପଛାନ୍ତି ନାହିଁ। ହେଲେ ବିଶ୍ୱସ୍ତ ପ୍ରାଣୀ କୁକୁର କିନ୍ତୁ ଆବଶ୍ୟକସ୍ଥଳେ ମାଲିକର ଜୀବନ ରକ୍ଷା କରିବା ପାଇଁ ନିଜ ଜୀବନକୁ ବି ବାଜି ଲଗାଇ ଦେଇଥାଏ। ଠିକ୍ ଏମିତି ଏକ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ମେରଠ ଥାନା ଅଧୀନରେ ଥିବା ରାମପୁରୀ ଗାଁରେ। ଏହି ଗାଁର ଅଜୟ କୁମାରଙ୍କ ପରିବାର ରାତିରେ ବାଲ୍‌କୋନୀରେ ଶୋଇଥିବା ସମୟରେ ଘର ଭିତରକୁ ଏକ ବିଷାକ୍ତ ସାପ ପଶି ଆସିଥିଲା। ସେହି ସମୟରେ ଘରର ପୋଷାକୁକୁର ଭୁକିବା ଆରମ୍ଭ କରି ସମସ୍ତଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଏତେ ଶୀଘ୍ର କେହି ବି ନିଦରୁ ଉଠି ନ ଥିଲେ। ମାତ୍ର ସାପଟି ହଠାତ୍ କାମୁଡ଼ିବାକୁ ଯାଉଥିବା ଦେଖିବା ପରେ କୁକୁର ସାପକୁ ଦାନ୍ତରେ ଭିଡି ଆଣିଥିଲା। ଫଳରେ ସାପଟି କୁକୁରକୁ ବାରମ୍ବାର ଦଂଶନ କରି ଚାଲିଥିଲା, କିନ୍ତୁ କୁକୁର ସାପକୁ ଆଦୌ ଛାଡି ନ ଥିଲା। ଏହି ସମୟ ଭିତରେ ଘର ଲୋକ ଉଠି ଯାଇଥିଲେ। କୁକୁର ମୁହଁରେ ସାପକୁ ଦେଖି ସେମାନେ ସବୁ ଘଟଣା ବୁଝି ସାରିଥିଲେ। ତେଣୁ ତୁରନ୍ତ ସାପକୁ ଧରି ଜଙ୍ଗଲରେ ଛାଡିଥିଲେ। କିନ୍ତୁ କୁକୁରକୁ ବଞ୍ଚାଇ ପାରି ନ ଥିଲେ। ସାପ କାମୁଡିବା ଫଳରେ କୁକୁରଟି କିଛି ସମୟ ମଧ୍ୟରେ ସେହିଠାରେ ମୃତ୍ୟୁମୁଖରେ ପଡିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୯ ଜୁନ୍ ୧୯୭୬

- ଭୂତପୂର୍ବ ମଧ୍ୟଭାରତ ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ନିଖିଳ ଭାରତ କଂଗ୍ରେସ କମିଟିର ଜନୈକ ପୂର୍ବତନ ସାଧାରଣ ସମ୍ପାଦକ ତିଖିତମଲ ଜୈନଙ୍କ ୮୧ ବର୍ଷ ବୟସରେ ପରଲୋକ।
- ଗୁଜରାଟରେ ହୋଇଥିବା ପ୍ରବଳ ବର୍ଷା ଓ ଝଡ଼ ତୋଫାନରେ ୩୨ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଶ୍ରେଷ୍ଠ ମାନବ ଅନ୍ତର
କେତେ ଏଥି ଆସିଅଛି ଧାଇଁ,
ଭକତି ପ୍ରେମର କେତେ
ରସ-ଉତ୍ସ ଦେଇଛି ବୁହାଇ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିକୁ ଦେଶଦ୍ରୋହ ଭାବେ ନିଆଯାଉ

ମହାଶୟ,

ଭିଜିଲାନ୍ସ ଓ ଆୟକର ବିଭାଗ ଦ୍ୱାରା ବିଭିନ୍ନ ପ୍ରଭାବଶାଳୀ ଦାୟିତ୍ୱସମ୍ପନ୍ନ ସରକାରୀ ଅଧିକାରୀମାନଙ୍କଠାରୁ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ସହ ବେନାମୀ ଜାଗା, କୋଠାବାଡ଼ି, ଦାମୀ ଫ୍ଲାଟ ଏବଂ ନଗଦ କୋଟି କୋଟି ଟଙ୍କା ଜବତ କରାଯାଉଥିବା ନଜରକୁ ଆସୁଛି। ଦେଶର ବିକାଶ ଓ ଜନ କଲ୍ୟାଣରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ତଥା ଦୁର୍ନୀତିରେ ସଂପୃକ୍ତ ବ୍ୟକ୍ତିଙ୍କୁ ଦେଶଦ୍ରୋହୀ ଭାବେ ବିବେଚିତ କରାଯିବା ଲାଗି ଆଇନରେ ପରିବର୍ତ୍ତନ କରି କଠୋର ଦଣ୍ଡ ବିଧାନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ହୁଅନ୍ତା। ସାଧୁତା ଓ ସଚ୍ଚୋଟତାର ନୈତିକ ମୂଲ୍ୟବୋଧର ଅବକ୍ଷୟ ଏବଂ କର୍ତ୍ତବ୍ୟ ସମ୍ପାଦନରେ ଅବହେଳା ଯୋଗୁ ବିଭିନ୍ନ ଯୋଜନା ଓ ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ମାନ ହ୍ରାସ ପାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରଭାବଶାଳୀ ଦୁର୍ନୀତଗ୍ରସ୍ତଙ୍କୁ ନ୍ୟାୟପାଳିକା ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିନାହିଁ। ତେଣୁ କ୍ଷମତାର ଅପବ୍ୟବହାର ଓ ବିଚାରଧାରାରେ ପକ୍ଷପାତିତା ଗଣତନ୍ତ୍ରର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


# ରେଙ୍ଗାଳି ନଦୀବନ୍ଧ ବାସଚ୍ୟୁତଙ୍କ ଦୁଃଖ ସରୁନି




ଦେବଗଡ଼ ଜିଲାରେ ରେଙ୍ଗାଳି ବହୁମୁଖୀ ନଦୀବନ୍ଧ ଯୋଜନା ଲାଗି ୧୯୭୩ ଡିସେମ୍ବର ୨୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ ସମୟରେ ଏହି ନଦୀବନ୍ଧ ଯୋଜନାକୁ ବିରୋଧ କରାଯାଇଥିଲା। ବୁଡ଼ି ଅଞ୍ଚଳ ଲୋକମାନେ ବନ୍ଧ ବିରୋଧୀ ଆନ୍ଦୋଳନ କରି ଲାଠିମାଡ଼ ଖାଇବା ସହ ଜେଲ ମଧ୍ୟ ଯାଇଥିଲେ। ରେଙ୍ଗାଳି ବହୁମୁଖୀ ନଦୀବନ୍ଧ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବନ୍ୟା ନିୟନ୍ତ୍ରଣ ସହ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କରିବା। ରେଙ୍ଗାଳି ନଦୀବନ୍ଧ କାମ ୧୯୯୧ରେ ଶେଷ ହୋଇଥିଲା। ଇତିମଧ୍ୟରେ ବନ୍ଧ ନିର୍ମାଣକୁ ୩୪ ବର୍ଷ ବିତିଯାଇଛି। ଏହି ବନ୍ଧ ହେବାଦ୍ୱାରା ସରକାରଙ୍କ ଉଦ୍ଦେଶ୍ୟ ପୂରଣ ହୋଇଛି ସତ ହେଲେ ବାସଚ୍ୟୁତ ହୋଇଥିବା ଲୋକଙ୍କ ଦୁଃଖଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବା ସହ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ। ସେମାନଙ୍କୁ ଥଇଥାନ କରାଯାଇ ନ ଥିବାବେଳେ ସ୍ଥାୟୀ ଜମିପଟ୍ଟା ଦିଆଯାଇନାହିଁ। ଅପରପକ୍ଷରେ ଥଇଥାନ କରାଯାଇଥିବା ବସ୍ତିଗୁଡ଼ିକୁ ମଧ୍ୟ ରାଜସ୍ୱ ଗ୍ରାମ ଭାବରେ ଗ୍ରହଣ କରାଯାଇନାହିଁ। ଫଳରେ ଅନେକ ବାସଚ୍ୟୁତ ପରିବାର ବହୁ ଅସୁବିଧାରେ ରହିଆସୁଛନ୍ତି। ଏହି ନଦୀବନ୍ଧ ହେବା ଫଳରେ ଦେବଗଡ଼ ଜିଲାରେ ୧୧୬ଟି ଗ୍ରାମ ସମ୍ପୂର୍ଣ୍ଣ ଓ ୧୨୩ଟି ଗ୍ରାମ ଆଂଶିକ ବୁଡ଼ିଯାଇଥିଲା। ୧୧,୨୮୯ ପରିବାର କ୍ଷତିଗ୍ରସ୍ତ ହେଲେ। ସେହି ସମୟରେ ସରକାର କ୍ଷତିଗ୍ରସ୍ତ ପରିବାରକୁ ଉଚିତ୍ ମୂଲ୍ୟରେ କ୍ଷତିପୂରଣ ନ ଦେଇ କମ୍ ଦରରେ ଏକର ପିଛା ୪୫୦୦ ଟଙ୍କା ଦେଇଥିଲେ। ଫଳରେ ଲୋକଙ୍କୁ ସମ୍ପୂର୍ଣ୍ଣ ଭାବରେ ପ୍ରତାରିତ କରାଯାଇଥିଲା। ରେଙ୍ଗାଳି ବନ୍ଧ ବାସଚ୍ୟୁତ ସୁରକ୍ଷା ସମିତି ପକ୍ଷରୁ ୧୫।୨।୨୦୦୮ ଠାରୁ ବାସଚ୍ୟୁତଙ୍କ ୨୨ ଦଫା ଦାବି ଉପସ୍ଥାପନ କରାଯାଇ ଆନ୍ଦୋଳନ ହୋଇଆସୁଛି। ହେଲେ ଉକ୍ତ ଦାବିପୂରଣ ପାଇଁ ସରକାରଙ୍କ ଆନ୍ତରିକତା ନ ଥିବା ମନେହେଉଛି। ୨୦୦୮ରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲଙ୍କ ପକ୍ଷରୁ ସୁରକ୍ଷା ସମିତିକୁ ୧ ବର୍ଷ ମଧ୍ୟରେ ରେଙ୍ଗାଳି ବୁଡ଼ି ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ଫଳପ୍ରସୂ ହୋଇପାରିଲାନାହିଁ। ଶେଷରେ ୨୦୧୦ ଜୁଲାଇ ୯ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଙ୍ଗାଳି ବାସଚ୍ୟୁତ ସୁରକ୍ଷା ସମିତି ସଦସ୍ୟଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ଏକର ପିଛା ୫୦ ହଜାର ଟଙ୍କା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ଏ ବାବଦରେ ଚିଠି ନମ୍ବର ୧୮୫/୧୮।୩।୨୦୧୦ରେ ତତ୍କାଳୀନ ରିସେଟେଲମେଣ୍ଟ ଓ ରିହାବିଲିଟେଶନ ଅଫିସରଙ୍କ ଦ୍ୱାରା ରେଙ୍ଗାଳି ବୁଡ଼ି ଅଞ୍ଚଳର କ୍ଷତିଗ୍ରସ୍ତ ପରିବାରକୁ ଏକର ପିଛା ୫୦ ହଜାର ଟଙ୍କା ଦେବା ପାଇଁ ସରକାରଙ୍କ ନିକଟକୁ ସୁପାରିସ ପତ୍ର ପଠାଯାଇଥିଲା। କିନ୍ତୁ ସରକାର ଏଦିଗରେ ପଦକ୍ଷେପ ନେଇନାହାନ୍ତି।

ପ୍ରକାଶଥାଉ କି, ବୁଡ଼ି ଅଞ୍ଚଳର କିଛି ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସରକାର ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇସାରିଛନ୍ତି। କିନ୍ତୁ ଅଧିକାଂଶ ପରିବାର ଅର୍ଥ ଅଭାବରୁ ହାଇକୋର୍ଟ ଯାଇପାରୁନାହାନ୍ତି। ଫଳରେ ସେମାନଙ୍କୁ କ୍ଷତିପୂରଣ ମିଳିପାରୁନାହିଁ। ରେଙ୍ଗାଳି ବାସଚ୍ୟୁତ ପରିବାର ମଧ୍ୟରୁ ୭୨୪ ପରିବାରର ରିହାବିଲିଟେଶନ ପାଉଣା ବାକି ଥିବାବେଳେ ୧୭୨୬ ପରିବାରଙ୍କ ୧୮(କ) ଆଇନ ଅନୁସାରେ ଫଇସଲା ହୋଇପାରିନାହିଁ। ଅନେକ କ୍ଷତିଗ୍ରସ୍ତ ପରିବାର ଲିଜ୍ ଜମି ପାଇଥିଲେ ମଧ୍ୟ ସେମାନଙ୍କୁ ପଟ୍ଟା ମିଳିପାରିନାହିଁ। ଚିହ୍ନଟ ସମୟରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ୧୦୧ଟି ଗ୍ରାମର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଅଥବା ଥଇଥାନ କରାଯାଇନାହିଁ। ଏପରି କି କେତେକ ନୂତନ ଭାବେ ଥଇଥାନ ହୋଇଥିବା ଗ୍ରାମକୁ ରାଜସ୍ୱ ଗ୍ରାମ ଭାବରେ ଅନୁମୋଦନ ମିଳି ନ ଥିବାରୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ସମ୍ବଲପୁର ଆରଡିସିଙ୍କ ଅଧ୍ୟକ୍ଷତାରେ ରେଙ୍ଗାଳି ବୁଡ଼ି ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନାହିଁ। ତେଣୁ ରେଙ୍ଗାଳି ବନ୍ଧ ବାସଚ୍ୟୁତ ପରିବାରଙ୍କ ପୁଞ୍ଜୀଭୂତ ଅସନ୍ତୋଷ ବଢ଼ିବାରେ ଲାଗିଛି। କେବେ ସେମାନଙ୍କ ଦୁଃଖ ଦୂର ହେବ ତାହାକୁ ସେମାନେ ଚାହିଁ ବସିଛନ୍ତି।


**–ରିପୋର୍ଟ: ଶଶାଙ୍କ ଶେଖର ଝାଙ୍କର**












# ଝରଣାର ନାଁ ପାପନାଶିନୀ

ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ରହିଛି ତୀର୍ଥକ୍ଷେତ୍ର ହରିଶଙ୍କର ଓ ନୃସିଂହନାଥ। ସୁଉଚ୍ଚ ପାହାଡ଼, ସଂକୀର୍ଣ୍ଣ ଗିରିପଥ, ଘଞ୍ଚ ଜଙ୍ଗଲ ଏବଂ ପ୍ରସ୍ତର ଦେହରେ ଘର୍ଘର ନାଦରେ କେଉଁ ଅନାଦି କାଳରୁ ବୋହିଯାଉଥିବା ଜୀବନଦାୟିନୀ ଝରଣାର ଅପୂର୍ବ ମନୋରମ ଦୃଶ୍ୟ ମଣିଷକୁ ଭିନ୍ନ ଏକ ରାଇଜକୁ ନେଇଯାଏ। ଗନ୍ଧମାର୍ଦ୍ଦନର ଉତ୍ତର ଦିଗ ପାଦଦେଶ ଅର୍ଥାତ୍ ବରଗଡ଼ ଜିଲା ପାଇକମାଲ ପଟରେ ରହିଛି ନୃସିଂହନାଥ ତୀର୍ଥକ୍ଷେତ୍ର ଏବଂ ପାହାଡ଼ର ଦକ୍ଷିଣ ଦିଗ ପାଦଦେଶ ଅର୍ଥାତ୍ ବଲାଙ୍ଗୀର ଜିଲା ଖପ୍ରାଖୋଲ ପଟରେ ରହିଛି ପ୍ରସିଦ୍ଧ ହରିଶଙ୍କର ପୀଠ। ଏଠାକାର ମନୋରମ ପରିବେଶ ଏବଂ ପ୍ରାକୃତିକ ଶୋଭାରାଶି ପ୍ରାଚୀନ କାଳରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଆସିଛି। ଗନ୍ଧମାର୍ଦ୍ଦନ ପାହାଡ଼ରୁ ଝରିପଡୁଛି ପ୍ରାୟ ୩୨ଟି ଚିରସ୍ରୋତା ଝରଣା। ପ୍ରସିଦ୍ଧ ହରିଶଙ୍କର ମନ୍ଦିର ନିକଟ ଦେଇ ବହିଯାଇଥିବା ଝରଣାର ନାଁ ପାପନାଶିନୀ। ଏହି ଝରଣା ପାପ ହରଣ କରେ ବୋଲି ବିଶ୍ୱାସ ରହିଛି। ଏଣୁ ଜାଣତରେ ହେଉ କି ଅଜାଣତରେ କରିଥିବା ପାପରୁ ମୁକ୍ତି ପାଇଁ ଶ୍ରଦ୍ଧାଳୁମାନେ ଏଠାକୁ ଆସି ବୁଡ ପକାନ୍ତି। ଅନେକେ ଏହି ପାପନାଶିନୀ ଝରଣାରେ ଅସ୍ଥି ବିସର୍ଜନ କରିବା ସହ ଶୁଦ୍ଧି କର୍ମ ସମ୍ପାଦନ କରିଥାନ୍ତି। ସାଧାରଣ ଲୋକଙ୍କ ଭାଷାରେ ଏହା ହେଉଛି ମା' ଗଙ୍ଗା। ମୁଖ୍ୟତଃ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ର ଶ୍ରଦ୍ଧାଳୁମାନେ ଏଠାକୁ ଆସିବା ଦେଖିବାକୁ ମିଳିଥାଏ। ହରିଶଙ୍କର ଭଳି ନୃସିଂହନାଥ ମନ୍ଦିର ନିକଟ ଦେଇ ଝରଣା ବହିଯାଇଛି। ଝରଣାରେ ବିଶେଷକରି ଗୋହତ୍ୟା ଦୋଷରୁ ମୁକ୍ତି ପାଇଁ ପୂଜାର୍ଚ୍ଚନା କରାଯାଏ। ଅସ୍ଥି ବିସର୍ଜନ, ଚୁଟି ପକା (ଛୋଟ ଶିଶୁଙ୍କ ମୁଣ୍ଡନ କର୍ମ) ଝରଣା କୂଳରେ କରାଯାଏ। ଏହାସହ ବିବାହ, ବ୍ରତ, ବିଭିନ୍ନ ପୂଜାକର୍ମ, ଯଜ୍ଞ ଆଦି କରାଯାଏ। ସେହିପରି ବହୁ ବୈଦ୍ୟ ଓ ଉଦ୍ଭିଦ ବିଜ୍ଞାନୀଙ୍କ ମତରେ ଗନ୍ଧମାର୍ଦ୍ଦନରେ ୧ ହଜାରରୁ ଊର୍ଦ୍ଧ୍ୱ ବିରଳ ଔଷଧୀୟ ଗୁଳ୍ମ, ଜଡ଼ିବୁଟି ରହିଛି। ସେହି ଔଷଧୀୟ ଗୁଳ୍ମଲତା ଏବଂ ବିଭିନ୍ନ ଖଣିଜ ଧାତୁରେ ପରିପୂର୍ଣ୍ଣ ଗନ୍ଧମାର୍ଦ୍ଦନର ମାଟି ଓ ପଥରରେ ଘଷିହୋଇ ଝରଣା ବୋହି ଯାଉଥିବାରୁ ଏଥିରେ ସ୍ନାନକଲେ ବିଭିନ୍ନ ଚର୍ମରୋଗ ଭଲ ହୋଇଯାଇଥାଏ ବୋଲି ବିଶ୍ୱାସ ରହିଛି। ଗନ୍ଧମାର୍ଦ୍ଦନର ପାପନାଶିନୀ ଝରଣାର ଚିରନ୍ତନୀ ସ୍ରୋତ ବାସ୍ତବରେ ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରାଣ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ।


ପ୍ରସିଦ୍ଧ ତୀର୍ଥକ୍ଷେତ୍ର ହରିଶଙ୍କରର ପାପନାଶିନୀ ଝରଣା।

ରିପୋର୍ଟ : **ବୀରେନ୍ଦ୍ର କୁମାର ଝାଙ୍କର,** ବଲାଙ୍ଗୀର

# ପୁନରୁଦ୍ଧାର ଅପେକ୍ଷାରେ ଐତିହାସିକ କୀର୍ତ୍ତିରାଜି


ଅବ୍ୟବସ୍ଥାରେ ଥିବା ସମ୍ବଲପୁର ମେଶିନ ଘାଟସ୍ଥିତ ବୁରୁଜ।

ଐତିହାସିକ କୀର୍ତ୍ତିରାଜିରେ ଭରପୂର ସମ୍ବଲପୁର। ମହାନଦୀ କୂଳରେ ଥିବା ବୁରୁଜ ସମ୍ବଲପୁରର ଅନେକ ସ୍ମୃତି ଓ ଘଟଣାବଳୀର ମୂକସାକ୍ଷୀ। ମହାନଦୀ କୂଳରେ ଥିବା ୭ଟି ବୁରୁଜ ମଧ୍ୟରୁ ବାଲିବନ୍ଧା, ମେଶିନ ଘାଟ ଏବଂ ସମଲେଇ ମନ୍ଦିର ପ୍ରକଳ୍ପ ପାର୍ଶ୍ୱସ୍ଥ ବୁରୁଜ ସଂରକ୍ଷିତ ଥିବାବେଳେ ଅବଶିଷ୍ଟ ୪ଟି ବିଲୀନ ହୋଇଗଲାଣି। ଏବେ ବି ସଂରକ୍ଷିତ ହୋଇ ରହିଥିବା ବୁରୁଜଗୁଡ଼ିକର ପୁନରୁଦ୍ଧାର କରାଗଲେ ସମ୍ବଲପୁର ଆହୁରି ଅଧିକ ସୌନ୍ଦର୍ଯ୍ୟମୟ ହୋଇପାରିବ। ପର୍ଯ୍ୟଟକମାନେ ବୁରୁଜ ଉପରେ ଛିଡ଼ାହୋଇ ମହାନଦୀର ମନୋଲୋଭା ଦୃଶ୍ୟକୁ ଉପଭୋଗ କରିପାରିବେ। ଏଥିସହ ଯୁବପିଢ଼ି ଐତିହାସିକ ବୁରୁଜ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ। ଐତିହାସିକ ଦୀପକ କୁମାର ପଣ୍ଡା କହିଛନ୍ତି, ସମ୍ବଲପୁର ସହରର ଐତିହାସିକ କୀର୍ତ୍ତିରାଜିର ବିକାଶକୁ ହୃଦ୍‌ବୋଧ କରି ୧୯୯୮ ମସିହାରେ ତତ୍କାଳୀନ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ହୃଷୀକେଶ ପଣ୍ଡାଙ୍କ ପରାମର୍ଶକ୍ରମେ ସମ୍ବଲପୁର ମ୍ୟୁନିସିପାଲିଟି ପକ୍ଷରୁ ବୁରୁଜ ମରାମତି କରାଯାଇଥିଲା। ଆଗକୁ ମହାନଦୀ ସୌନ୍ଦର୍ଯ୍ୟକରଣ ସକାଶେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ତେଣୁ ବୁରୁଜଗୁଡ଼ିକର ପୁନରୁଦ୍ଧାର କରାଗଲେ ପର୍ଯ୍ୟଟକମାନେ ଅଧିକ ଆକୃଷ୍ଟ ହୋଇପାରିବେ ବୋଲି ଆଶା ରହିଛି।

ସମ୍ବଲପୁରର ତୃତୀୟ ଚୌହାନ୍ ରାଜା ବଳଭଦ୍ର ସାଏ ଶାସନ ସମୟରେ ମହାନଦୀ କୂଳରେ ବୁରୁଜ ପରିକଳ୍ପନା କରିଥିଲେ। ସମ୍ବଲପୁର ରାଜ୍ୟକୁ ଶତ୍ରୁମାନଙ୍କ ଆକ୍ରମଣରୁ ପରିହତ କରିବାକୁ ଦୃଷ୍ଟିରେ ରଖି ରାଜା ବାଲିବନ୍ଧାଠାରୁ ମନ୍ଦଲିଆ ପର୍ଯ୍ୟନ୍ତ ୨୪୪୩ ଫୁଟ ଦୈର୍ଘ୍ୟବିଶିଷ୍ଟ ଏକ ପ୍ରସ୍ତର ପ୍ରାଚୀର ନିର୍ମାଣ କରାଇଥିଲେ। ପ୍ରାଚୀର କାନ୍ଥ ମଝିରେ ୬ଟି ବୁରୁଜ ବା ଟାୱାର ରହିଥିଲା। ସମସ୍ତ ବୁରୁଜର ଉଚ୍ଚତା ୧୭ ଫୁଟ ଓ ପରିଧି ୭୨ ଫୁଟ। ସେହିପରି ଦୁର୍ଗରେ ମୁହାଣ, ଦରୋଜା, ସୋନପୁର ଦରୋଜା, ଜଟିଆ ପିପଲ ଦରୋଜା, ରାଜଘାଟ ଦରୋଜା, ଜଳେଶ୍ୱର ଦରୋଜା ଓ ସମଲେଇ ଦରୋଜା ଆଦି ୬ଟି ଦରୱାଜା(ଦରୋଜା) ତଥା ପ୍ରବେଶଦ୍ୱାର, ଘାଟ ଥିଲା। ପ୍ରାଚୀର କାନ୍ଥର ଅପରପାର୍ଶ୍ୱରେ ଖନନ କରାଯାଇଥିଲା ଗଡ଼ଖାଇ। ୧୮୮୭ରେ ମହାରାଣୀ ଭିକ୍ଟୋରିଆଙ୍କ ଜୁବିଲି ଅବସରରେ ଭିକ୍ଟୋରିଆ ଘାଟ ନିର୍ମିତ ହୋଇଥିଲା। ଏହି ଘାଟ ନିକଟରେ ଥିବା ପୁରାତନ ପ୍ରଥମ ବୁରୁଜର ପୁନର୍ବିନ୍ୟାସ ହୋଇଥିଲା ଏବଂ ୧୮୮୮ ମସିହାରେ ଏହି ବୁରୁଜର ନାମ ଦିଆଯାଇଥିଲା ଭିକ୍ଟୋରିଆ ଟାୱାର।


– ରିପୋର୍ଟ: **ବି. ଶଙ୍କର,** ସମ୍ବଲପୁର

# ସଇଁତଳା ପେଡ଼ା: ନାଁ ଅଛି, ମିଳୁନି

କିଛି ବର୍ଷ ତଳେ ରସଗୋଲାକୁ ନେଇ କୋଲକାତା ଏବଂ ଓଡ଼ିଶା ମଧ୍ୟରେ ଦ୍ୱନ୍ଦ୍ୱ ଚାଲିଥିବା ବେଳେ ଶେଷରେ ଓଡ଼ିଶା ରାଜ୍ୟ ରସଗୋଲାର ଜିଆଇ ଟ୍ୟାଗ୍ ହାତେଇ ନିଜ ନାମରେ ରସଗୋଲା ପ୍ରସ୍ତୁତିର ଶ୍ରେୟ ନେଇଥିଲା। ବର୍ତ୍ତମାନ ରାଜ୍ୟର କେତେକ ଅଞ୍ଚଳରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ମିଷ୍ଟାନ୍ନ ପ୍ରସ୍ତୁତି ହେଉଛି। ତାହା ଲୋକଲୋଚନକୁ ଆସିପାରୁନାହିଁ। ଏହାର ଉଦାହରଣ ହେଲା ସଇଁତଳାର ପେଡ଼ା। ଅଶୀରୁ ନବେ ଦଶକରେ ସଇଁତଳା କହିଲେ ରାଜ୍ୟର ଲୋକେ ସଇଁତଳା ପେଡ଼ାକୁ ବୁଝୁଥିଲେ। ବସଷ୍ଟାଣ୍ଡଠାରେ ଥିବା ଦୋକାନଗୁଡ଼ିକ ସେହି ସମୟରେ ପେଡ଼ା ବିକ୍ରୟ ପାଇଁ ଜିଲାରେ ପ୍ରସିଦ୍ଧି ଲାଭ କରିଥିଲା। ବସ୍‌ଷ୍ଟାଣ୍ଡରେ ବସ୍ ଲାଗିବାପରେ ଯାତ୍ରୀମାନେ ପେଡ଼ା କିଣି ନେଉଥିଲେ। କିନ୍ତୁ ସଇଁତଳା ନିକଟରେ ଗୋଳାବାରୁଦ କାରଖାନା ହେବା ପରଠାରୁ ପେଡ଼ାକୁ ଲୋକେ ଭୁଲିଯାଇ ଗୋଳାବାରୁଦ କାରଖାନାରୁ ପରିଚୟ ଜାଣିବାକୁ ପାଇଲେ। ଅନ୍ୟପକ୍ଷରେ ପେଡ଼ା ତିଆରି ପାଇଁ ଅଧିକ କ୍ଷୀର ଆବଶ୍ୟକ ଥିବାବେଳେ ବିଭିନ୍ନ କାରଣରୁ କ୍ଷୀର ଅଭାବ ରହୁଛି। ଫଳରେ ପୂର୍ବପରି ପେଡ଼ା ତିଆରି ହୋଇପାରୁ ନ ଥିବା ହୋଟେଲ ମାଲିକମାନେ କହିଛନ୍ତି। କେତେକ ଦୋକାନୀ କମ୍ ଚିନି ଦେଇ ସୁନ୍ଦର ଭାବେ ପେଡ଼ା ତିଆରି କରୁଥିବା ବେଳେ ଦାମ୍ ଟିକେ ଅଧିକ ରହୁଥିବାରୁ ତାହା ଦୁଇତିନି ଦିନ ପର୍ଯ୍ୟନ୍ତ ବିକ୍ରୟ ହୋଇପାରୁ ନ ଥିବା କହିଛନ୍ତି। ରାଜ୍ୟ ସରକାର ସଇଁତଳା ପେଡ଼ାକୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ପ୍ରଦାନ ଦିଗରେ ପଦକ୍ଷେପ ନେଲେ ଏହା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିପାରିବ ବୋଲି ହୋଟେଲ ମାଲିକମାନେ କହିଛନ୍ତି।




–ରିପୋର୍ଟ: **ରାଖାଲ ପ୍ରସାଦ ଶତପଥୀ,** ସଇଁତଳା













# ଭିତ୍ତିଭୂମି ଥାଇ ବି ଅବହେଳିତ



ବୌଦ୍ଧର ରାମେଶ୍ୱର ମନ୍ଦିର।

## ବୌଦ୍ଧ ଜିଲାରେ ପର୍ଯ୍ୟଟନ ଶିଳ୍ପ

ଭଗବାନ ବୁଦ୍ଧଙ୍କ ନାମରେ ନାମିତ ଐତିହାସିକ ବୌଦ୍ଧ ଜିଲା। ଜିଲାଟି ଛୋଟ ହେଲେ ମଧ୍ୟ ଜିଲାରେ ଭରିରହିଛି ପ୍ରାକୃତିକ ସମ୍ପଦ। ଏହି ଜିଲାକୁ ପର୍ଯ୍ୟଟନର ଗନ୍ତାଘର କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ଏହାସହ ଜିଲାର କଳା ସଂସ୍କୃତି ଅତି ପ୍ରାଚୀନ। ଜିଲାଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ମଧ୍ୟ ଭରପୂର। ଜିଲାର ସୌନ୍ଦର୍ଯ୍ୟ ଓ ବିକାଶ ପାଇଁ ଇକୋ ଟୁରିଜମର ପର୍ଯ୍ୟାପ୍ତ ସୁଯୋଗ ରହିଛି। ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ବୌଦ୍ଧ ଜିଲା ଆଜି ବି ଅବହେଳିତ। ଫଳରେ ଜିଲାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହୋଇପାରୁନାହିଁ। ଅନେକ ପ୍ରାଚୀନ କୀର୍ତ୍ତିରାଜି ଭରି ରହିଥିଲେ ସୁଦ୍ଧା ସେଗୁଡିକର ବିକାଶ ହୋଇପାରୁନାହିଁ।

ପଶ୍ଚିମ ଓଡ଼ିଶାରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ୫ଟି ସଂରକ୍ଷିତ କୀର୍ତ୍ତିରାଜି ମଧ୍ୟରେ ବୌଦ୍ଧର ଅଷ୍ଟମ ଶତାବ୍ଦୀରେ ଭଞ୍ଜ ରାଜାମାନଙ୍କ ଦ୍ୱାରା ନିର୍ମିତ କାରୁକାର୍ଯ୍ୟରେ ଭରପୂର ଗନ୍ଧରାଡି ମନ୍ଦିର ଓ ନବମ ଶତାବ୍ଦୀରେ ସୋମବଂଶୀମାନଙ୍କ ଦ୍ୱାରା ବୌଦ୍ଧ ସହରରେ ନିର୍ମିତ ରାମେଶ୍ୱର ମନ୍ଦିରରେ ପର୍ଯ୍ୟଟକମାନଙ୍କ ଦର୍ଶନ ଓ ଗବେଷଣା ପାଇଁ ଅନେକ ସୁଯୋଗ ରହିଛି। ରାଜ୍ୟରେ ରହିଥିବା ବୁଦ୍ଧ କୀର୍ତ୍ତିରାଜି ମଧ୍ୟରେ ବୌଦ୍ଧ ଜିଲାର ବୁଦ୍ଧ କୀର୍ତ୍ତିରାଜି ଅନ୍ୟତମ। ବୌଦ୍ଧ ରାଜପ୍ରାସାଦ ନିକଟରେ ଭୂମିସ୍ପର୍ଶ ମୁଦ୍ରାରେ ରହିଥିବା ବୁଦ୍ଧମୂର୍ତ୍ତି, ପରଗଳପୁର ଓ ଶ୍ୟାମସୁନ୍ଦରପୁର ସାଙ୍ଗକୁ ଜିଲାର ବିଭିନ୍ନ ସ୍ଥାନରେ ବୌଦ୍ଧପୀଠ ମାନ ରହିଛି। ବୁଦ୍ଧ କୀର୍ତ୍ତିରାଜିଗୁଡିକର ଉନ୍ନତି କରାଗଲେ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇପାରନ୍ତା ଏବଂ ଜିଲାର ଅର୍ଥନୀତି ମଧ୍ୟ ସୁଦୃଢ଼ ହୋଇପାରନ୍ତା।

ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ ପୁରୁଣାକଟକରେ ରହିଛି ପ୍ରସିଦ୍ଧ ଶକ୍ତିପୀଠ ମା' ଭୈରବୀଙ୍କ ମନ୍ଦିର। ସେହିପରି ରାମଗଡ ଓ କରଡ଼ିରେ ଶିବ ମନ୍ଦିର, ପଦ୍ମତୋଳା ଅଭୟାରଣ୍ୟ, ନୂଆପଡା ଡ୍ୟାମ୍ ଓ ତଳଗାଁର ଡମକୁଚ ଡ୍ୟାମ୍ ଅଛି। ଏହି ବ୍ଲକର ବୀରନରସିଂହପୁରଠାରେ ରାଜ୍ୟର ପ୍ରଥମ ପରିବେଶ ଉଦ୍ୟାନ ନନ୍ଦନବନ ପାଇଁ ୧୩୦୦.୪୪ ଏକର ଜମି ଚିହ୍ନଟ ହୋଇସାରିଥିବା ବେଳେ କିଛି କାମ ମଧ୍ୟ ହୋଇସାରିଛି। କିନ୍ତୁ ବର୍ତ୍ତମାନ ଏହି ନନ୍ଦନବନ ପ୍ରକଳ୍ପ ବନ୍ଦ ହେବାକୁ ବସିଛି। ସେହିପରି ବ୍ଲକର ବାମଣ୍ଡା ପଞ୍ଚାୟତର ପାତାଳି ଶ୍ରୀକ୍ଷେତ୍ର ନାୟକପଡା ଗୁମ୍ଫା ଓ କଣ୍ଟାମାଳ ବ୍ଲକରେ ଥିବା ରେଘାମୁଣ୍ଡା ଦେଢଶୁର ଭାଇବୋହୂ ପାହାଡ଼ର ବିକାଶ ପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଥିଲେ ମଧ୍ୟ ଏହାର ପ୍ରଚାର ପ୍ରସାର ଅଭାବରୁ ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଡମ୍ବରୁଗଡ଼ର ଔଷଧୀୟ ଉଦ୍ୟାନ, ଖଣ୍ଡିକନପାର ମନଲୋଭା ପ୍ରାକୃତିକ ଦୃଶ୍ୟ, ବାଉଁଶୁଣୀର ପ୍ରସିଦ୍ଧ ଶିବ ମନ୍ଦିର, ବଘିଆପଡାର ପଞ୍ଚୁପାଣ୍ଡବ ମନ୍ଦିର, ବୌଦ୍ଧ ସହର ନିକଟ ମହାନଦୀ ଗର୍ଭରେ ରହିଥିବା ହନୁମାନ ମନ୍ଦିର, ବୌଦ୍ଧର ଜଗନ୍ନାଥ ମନ୍ଦିର, ଭୈରବୀ ମନ୍ଦିର, ଚନ୍ଦ୍ରଚୂଡ଼ ମନ୍ଦିର ଆଦି ଅନେକ କୀର୍ତ୍ତିରାଜି ଜିଲାରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶରେ ସହାୟକ ହୋଇପାରିବ। ସେହିପରି ମହାନଦୀ ଭିତରେ ରହିଥିବା ମର୍ଜାକୁଦକୁ ସେତୁ ନିର୍ମାଣ ହୋଇସାରିଥିବା ବେଳେ ଏଠାରେ ଇକୋ ଟୁରିଜମ୍ ବିକାଶ କରାଯାଇପାରିବ। ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ପ୍ରଚୁର ଭିତ୍ତିଭୂମି ଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏଣୁ ଏସବୁ ପ୍ରତି ଦୃଷ୍ଟି ଦିଆଗଲେ ଜିଲା ପର୍ଯ୍ୟଟନ କ୍ଷେତ୍ରରେ ଗୁରୁତ୍ୱ ବହନ କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ରିପୋର୍ଟ: **ଅଜିତ କୁମାର ବାରିକ**, ବୌଦ୍ଧ

# ଆଜି ବି ଝଲସୁଛି ରାଜପ୍ରାସାଦର ମୋତିମହଲ



କଳାହାଣ୍ଡି ରାଜପ୍ରାସାଦର ମୋତିମହଲ।

## କଳାହାଣ୍ଡି ଇତିହାସର ଅନାଲୋଚିତ କାହାଣୀର ମୂକସାକ୍ଷୀ

କଳାହାଣ୍ଡି ଗଡ଼ଜାତ ରାଜ୍ୟର ଭବାନୀପାଟଣାରେ ଥିବା ରାଜପ୍ରାସାଦର ମୋତିମହଲ ଆଜି ମଧ୍ୟ ଝଲସୁଛି। ମୋତିମହଲ ଭିତରେ ରହିଛି ଦରବାର ହଲ୍। ଏହି ହଲ୍ ଇତିହାସର ଅନେକ ଅନାଲୋଚିତ କାହାଣୀର ମୂକସାକ୍ଷୀ ପାଲଟିଛି। ଏହି ହଲ୍‌ରେ ମହାରାଜାଙ୍କ ରତ୍ନପଥରଖଚିତ ସିଂହାସନ ରହିଛି। କଳାହାଣ୍ଡି ଗଡ଼ଜାତ ରାଜ୍ୟର ରାଜଧାନୀ ଭବାନୀପାଟଣାଠାରେ ଥିବା ରାଜପ୍ରାସାଦର ମୋତିମହଲ କାର୍ଯ୍ୟ ୧୯୩୦ରେ ଆରମ୍ଭହୋଇ ୧୯୩୪-୩୫ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା। ବର୍ତ୍ତମାନର ମହାରାଜାଙ୍କ ଅଫିସ୍ ଓ ମାଣିକେଶ୍ୱରୀ ମନ୍ଦିର ମଝିରେ ଥିବା ମୋତିମହଲ ବିଭିନ୍ନ ଐତିହ୍ୟ ବହନ କରିଛି। ଏହା ଦୁଇମହଲାବିଶିଷ୍ଟ ଥିବା ବେଳେ ଉଭୟ ମହଲରେ ଶୟନ କକ୍ଷ, ବିଶ୍ରାମାଗାର ଓ ବୈଠକଖାନା ରହିଛି।

କଳାହାଣ୍ଡି ମହାରାଜାଙ୍କ ରାଜସିଂହାସନ ରତ୍ନଖଚିତ। ଏଥିରେ ହୀରା, ମୁକ୍ତା ଓ ସୁନା ଲାଗିଛି। ସିଂହାସନର ୨ଟି ସିଂହମୂର୍ତ୍ତି ମଧ୍ୟ ସୁନାରେ ନିର୍ମିତ। ଆଲୋକରେ ଏହି ସିଂହାସନ ଝଲସିବା ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥାଏ। ଉଭୟ ମହଲାରେ ମହାବଳ ବାଘ, ଚିତାବାଘ, ହରିଣ, ବଣମଇଁଷି ଓ ବିଭିନ୍ନ ଜୀବଜନ୍ତୁ ପଥରରେ ତିଆରି କରାଯାଇଛି। ଏହି ପଥର ଉପରେ ସେହି ଜୀବଜନ୍ତୁଙ୍କ ଛାଲ ରଖାଯାଇଥିବାରୁ ଦୂରରୁ ଅତି ଜୀବନ୍ତ ଦେଖାଯା'ନ୍ତି। ରାଜବାଟୀ ସମ୍ମୁଖରେ ଗୋଟିଏ ଜଳଫୁଆରା ରହିଛି। ଏହା ସମ୍ମୁଖରେ ୧୯୨୯ରେ ମହାରାଜା ସଭାମଣ୍ଡପ ନିର୍ମାଣ କରିଥିଲେ। ଦରବାର ହଲ୍‌ରେ ରାଜାଙ୍କ ବୈଠକ ବସୁଥିଲା। ଦରବାର ହଲ୍‌ରେ ବାହାରୁ ଆସୁଥିବା ଅତିଥିମାନଙ୍କ ପାଇଁ ରହିବା ବ୍ୟବସ୍ଥା ମଧ୍ୟ ଥିଲା। ଦରବାର ହଲ୍‌ରେ ରାଜସିଂହାସନ ସହିତ ସମ୍ମୁଖରେ ଦରବାର ବସିବା ପାଇଁ ମୂଲ୍ୟବାନ୍ କାଠରେ ନିର୍ମିତ ଚୌକି ରହିଥିବା ଦେଖିବାକୁ ମିଳୁଛି। ବିଶ୍ରାମ ଗୃହମାନଙ୍କରେ ମଧ୍ୟ ସୁନା, ରୁପା, ମାଣିକ୍ୟରେ ନାନା କାରୁକାର୍ଯ୍ୟ ହୋଇଥିବା ବିଭିନ୍ନ ଚୌକି, ବେଞ୍ଚ୍, ଟେବୁଲ ଏବଂ ଆବଶ୍ୟକ ଉପକରଣ ସଜ୍ଜିତ ହୋଇରହିଛି। ବର୍ତ୍ତମାନ ଏହି ଦରବାର ହଲ୍ ଦଶହରା ସମୟରେ ସଫାସୁତରା ପାଇଁ ଖୋଲାଯାଇଥାଏ। ତେଣୁ ସାଧାରଣ ଲୋକଙ୍କ ପାଇଁ ଦୁର୍ଲଭ ଦରବାର ହଲ୍ ଲୋକଲୋଚନର ଆଢୁଆଳରେ ରହିଛି। ବର୍ତ୍ତମାନ ଦରବାର ହଲ୍ ମୁଖ୍ୟଦ୍ୱାରକୁ ବନ୍ଦ କରିଦିଆଯାଇଛି। କଳାହାଣ୍ଡି ରାଜ୍ୟର ସ୍ମୃତିକୁ ବହନ କରୁଥିବା ରାଜପ୍ରାସାଦର ଦରବାର ହଲ୍ ଏକ ଭିନ୍ନ କାରିଗରି କୌଶଳର ନିଦର୍ଶନ।

-ରିପୋର୍ଟ: **ଉତ୍ତମ କୁମାର ଦାଶ**






















# ୮୦୦ ବର୍ଷ ତଳେ ପିପିଲିରେ ଓଡ଼ିଆ କାରିଗର ନିର୍ମାଣ କରୁଥିଲେ ଚନ୍ଦ୍ରାଟପ ଚାନ୍ଦୁଆ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

## ଛତ୍ରୀ-ତରାସ ତିଆରିଥିଲେ ବନୁ ମହାରଣା

ଦ୍ୱାରବନ୍ଧରେ ସର୍ପବନ୍ଧ ସମ୍ପୂର୍ଣ୍ଣ ନିହଣରେ ରୂପ ନେଇଥିଲା। ତଥାପି ଗଙ୍ଗା ମହାପାତ୍ର ଅକ୍ଲାନ୍ତ ପରିଶ୍ରମ ପରେ ଥକି ପଡ଼ି ନ ଥିଲେ। ସର୍ପବନ୍ଧ ସରିବା ପରେ ବଳକା ପଥରରେ ଗଙ୍ଗେଶ୍ୱରୀ ଦେବୀଙ୍କ ମନ୍ଦିରର ସର୍ପବନ୍ଧ ପାଇଁ ବାରଟି ଶଗଡ଼ରେ ପଥର ବୋଝେଇ ହୋଇ କିଲା ବୈୟାଳିଶିବାଟିର ପଥରବୁହା ନଦୀଶଯ୍ୟାକୁ ପଠାଗଲା। ଗଙ୍ଗା ମହାପାତ୍ରଙ୍କ ଆଦେଶରେ ପଥର ଯାଇ ପହଞ୍ଚିବାବେଳକୁ ଶିବେଇ ସାମନ୍ତରାଙ୍କ ପୁତ୍ର ଧର୍ମପଦ ମହାପାତ୍ର ଗଙ୍ଗେଶ୍ୱରୀ ଦେବୀଙ୍କ ମନ୍ଦିରର ଭିତ୍ତିଭୂମି ମାପଚୁପ କରି କାମ ଆରମ୍ଭ କରାଇ ସାରିଥିଲେ।

ମୁଖ୍ୟ ମନ୍ଦିରର ଅନେକ ନିର୍ମାଣ କାର୍ଯ୍ୟ ଶେଷ ହୋଇଆସୁଥାଏ। ସେପଟେ ପ୍ରତିଷ୍ଠା କାର୍ଯ୍ୟର ପ୍ରସ୍ତୁତି ଚାଲିଥାଏ। ସୂତ୍ରଧରଙ୍କ ଆଦେଶରେ ଏକାଧିକ କମାରଶାଳ ଭାଙ୍ଗିଦିଆଗଲା। ସେମାନେ ପ୍ରାପ୍ୟ ନେଇ ଗାଁକୁ ଗଲେ। ସେପଟେ ଶିଳ୍ପୀମାନଙ୍କ ପାଇଁ ହୋଇଥିବା ଚାରି ଶିବିରରୁ 'ଦେଉଳି ଶିବିର' ବନ୍ଦ ହେଲା। ଆବଶ୍ୟକ ଶିଳ୍ପୀ ଅନ୍ୟ ଶିବିରକୁ ସ୍ଥାନାନ୍ତର ହୋଇଥିଲେ। ୧୨୨ଜଣ ଶିଳ୍ପୀ ସମସ୍ତ ପ୍ରାପ୍ୟ ଓ ପୁରସ୍କାର ନେଇ ଯେଝା ଗାଁକୁ ବାହୁଡ଼ିଗଲେ।

ଏଣେ ଗଜପତିଙ୍କ ଆଦେଶରେ ଶ୍ରୀପଦ୍ମକେଶର ମନ୍ଦିରର ସେବକ ଖଞ୍ଜା ଆରମ୍ଭ ହୋଇଥିଲା। ମନ୍ଦିର ପଶ୍ଚିମପଟେ ଛୋଟିଆ ଗାଁଟିଏ ବସାଗଲା। ନଈ ପାଖାପାଖି ଏହି ଗାଁରେ କେବଳ ଶ୍ରୀସୂର୍ଯ୍ୟଙ୍କର ସେବକ ରହିବେ। ପ୍ରଥମେ ୪୦ଜଣ ଜମି ଗ୍ରହଣ କରିଥିଲେ। ମାଧବ ମିଶ୍ର ଭଟ୍ଟ ଥିଲେ ଦାନାଧକ୍ଷ। ପ୍ରାରମ୍ଭିକ ସ୍ତରରେ ମହାରଣାଙ୍କ କାଠଶାଳରୁ ୩୭୦ ଖଣ୍ଡ କାଠ ଯୋଗାଇ ଦିଆଯାଇଥିଲା। ଆମେ ଏହି ଗାଁକୁ ଠାବ କରିବା ପାଇଁ ପୁରୀ-କୋଣାର୍କ ରାସ୍ତାର ଶ୍ରୀବାଲିକପିଳେଶ୍ୱର ଯାଇଥିବା ରାସ୍ତାରେ ଅନୁସନ୍ଧାନ କରିଥିଲୁ।

ବ୍ରାହ୍ମଣସେବକମାନଙ୍କ ପାଇଁ ଗାଁଟିଏ ବସିବା ପରେ ଉତ୍ସବ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଥାଏ। ନାଲି ଓ ଧଳାଛତା ଶୋଭାଯାତ୍ରା ପାଇଁ ଯୋଗାଡ଼ ହେଲା ପିପିଲିରୁ। ପୋଥିରେ ଲେଖା ଅଛି 'ପିମ୍ପଲ'ରୁ ସଂଗ୍ରହ ହୋଇଥିଲା। ମନେହୁଏ ସେତେବେଳେ ପିପିଲି ପରିଚିତ ଥିଲା ପିମ୍ପଲ ନାମରେ।


ଆମେ ଜାଣିଛେ- ଜାହାଙ୍ଗୀରଙ୍କ ରାଜତ୍ୱ କାଳରେ ଓଡ଼ିଶା ସୁବାଦାରଙ୍କ ରାଜଧାନୀ ଥିଲା ପିପିଲି। ମୋଗଲ ସୁବାଦାର ଅହମ୍ମଦ ବେଗ୍ ପିପିଲିରେ ରହୁଥିଲେ (ଇକ୍‌ବଲ ନାମା-ଇ- ଜାହାଙ୍ଗୀର)। ଅହମ୍ମଦ ବେଗ ରାଜପୁତ୍ର ଖୁରୁମଙ୍କୁ ପ୍ରତିରୋଧ କରି ନ ପାରି ପିପିଲି ରାଜଧାନୀ ଛାଡ଼ି ପରିବାର ସହିତ କଟକ ପଳାଇ ଯାଇଥିଲେ (ତୁଜୁକ - ଇ - ଜାହାଙ୍ଗୀର)। ଆମେ ଯେଉଁ ପିପିଲି ଦେଖୁଛେ, ତାହା ପ୍ରାଚୀନ ପିପିଲି ନୁହେଁ। ପ୍ରାଚୀନ ପିପିଲିର ଏକମାତ୍ର ଘାସପୂର୍ଣ୍ଣ ଉଚ୍ଚ କୁଦ ଦେଖିବାକୁ ମିଳେ। ଏହା ମକରବା (ପୀର ମକରମ୍ ବାବା) ଯୋଗୁ ପ୍ରସିଦ୍ଧ ହୋଇଥିଲା। ମକରମ୍ ବାବାଙ୍କ ନାମ ଥିଲା- ମକରମ୍ ଅଲ୍ଲି ଶାହା। ଅପଭ୍ରଂଶ ହୋଇ 'ମକରବା' ହୋଇଥିଲା। ଏଠାରେ ପୀରଙ୍କ ପଲ୍ଲୀ ବା ଆସ୍ଥାନ ଥିବାରୁ ଏହାର ନାମ ପିମ୍ପଲ ପରିବର୍ତ୍ତିତ ହୋଇ- ପୀରପଲ୍ଲୀ ହୋଇଥିଲା। ପୀରପଲ୍ଲୀ ଶବ୍ଦରୁ 'ପିପିଲି' ହୋଇଥିବାର ସମ୍ଭାବନା ହୁଏ।

ଲାଙ୍ଗୁଳା ନରସିଂହଦେବଙ୍କ ଶାସନ କାଳରେ ମଧ୍ୟ କାରୁକାର୍ଯ୍ୟମୟ ଛତା ଓ ଚାନ୍ଦୁଆ କାମ ପାଇଁ ପିମ୍ପଲ ପ୍ରସିଦ୍ଧ ଥିଲା। ସେଠାରୁ ରଙ୍ଗବେରଙ୍ଗର ଛତା ଆସିଲା। ଦୁଇଟି 'ତରାସ' ଆସିଥିଲା। ଏହି 'ତରାସ' ପ୍ରସ୍ତୁତିରେ ପ୍ରସିଦ୍ଧ ଥିଲେ ବନୁ ମହାରଣା। ପୀରପଲ୍ଲୀ ନାମରେ ପ୍ରସିଦ୍ଧ ହେବାର ୩୦୦ ବର୍ଷ ପୂର୍ବରୁ ଓଡ଼ିଆ ଶିଳ୍ପୀ ଏଠାରେ ଛତା, ଚାନ୍ଦୁଆ ଓ ତରାସ କାର୍ଯ୍ୟ କରି ଭାରତରେ ପ୍ରସିଦ୍ଧ ଥିଲେ। ପିପିଲିର 'ଚନ୍ଦ୍ରାଟପ ଚାନ୍ଦୁଆ' ଚାରୋଟି ବନୁ ମହାରଣା କୋଣାର୍କରେ ପହଞ୍ଚାଇଥିଲେ।

ଶୋଭାଯାତ୍ରା ପାଇଁ ଏକ ଗମ୍ଭାରୀକାଠର ପଲଙ୍କ ନିର୍ମାଣ ହୋଇଥିଲା। ପଲଙ୍କଟି ସମ୍ପୂର୍ଣ୍ଣ 'ପଦ୍ମଯନ୍ତ୍ର' ସଦୃଶ। ନିର୍ମାଣ କରିଥିଲେ ବାସୁ ମହାରଣା। ପଲଙ୍କଟି ବାହାର ବିଜେବେଳେ ବ୍ୟବହାର ହେବ, ତେଣୁ ଚାରିହାତ ଓସାର ଏବଂ ସାତ ହାତ ଲମ୍ବ ବିଶିଷ୍ଟ ନିର୍ମାଣ ହୋଇଥିଲା। ସ୍ଥାନ ବିଶେଷରେ ବ୍ୟବହାର ହୋଇପାରିବ। ପ୍ରତିଷ୍ଠା ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଗୋଟିକ ପରେ ଗୋଟିଏ ଗତି କରିଚାଲିଥିଲା। ପ୍ରସିଦ୍ଧ ସ୍ଥାନରୁ ଆବଶ୍ୟକ ଜିନିଷ ସଂଗ୍ରହ କରାଯାଉଥିଲା। ଏଣେ ମୁଖଶାଳାର ଭିତରପାଖ ଓ ଅଳସାବାଡ଼ରେ ରଙ୍ଗର ଶେଷ ସ୍ପର୍ଶଦିଆ ଚାଲିଥିଲା। ଚାରିଜଣ ମହିଳା ପାଇଟିଆଳ ଏହି କାର୍ଯ୍ୟ ନିଖୁଣ ଭାବରେ କରିଥିଲେ।



ଛତ୍ରୀ, ତରାସ (ଫଟୋ-ଦୁର୍ଗାମାଧବ ମିଶ୍ର, ପିପିଲି)








## କାଙ୍ଗୁଲା ଝିଅ ସମୀକ୍ଷା ସ୍ରୋତକୀର୍ତ୍ତି ହେଲେ ପାଇଲଟ


**ବନ୍ତଲା,୮।୬(ସୁଶିତ ସାହୁ):** ମାତ୍ର ୨୧ ବର୍ଷ ବୟସରେ ଅନୁଗୋଳ ବ୍ଲକ କାଙ୍ଗୁଲା ବେନ୍ତପୁର ଅଞ୍ଚଳର ଝିଅ ସମୀକ୍ଷା ସ୍ରୋତକୀର୍ତ୍ତି ହୋଇଛନ୍ତି ପାଇଲଟ୍। ୨୦୨୫ ଫେବୃଆରୀରେ ତାଙ୍କୁ କମର୍ସିଆଲ ପାଇଲଟ ଲାଇସେନ୍ସ ପ୍ରଦାନ କରାଯାଇଛି। ସମୀକ୍ଷାଙ୍କ ଏପରି ସଫଳତା ସମ୍ପର୍କରେ ଜଣାପଡ଼ିବା ପରେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି କାଙ୍ଗୁଲା ଅଞ୍ଚଳବାସୀ।


କାଙ୍ଗୁଲା ବେନ୍ତପୁର ପଞ୍ଚାୟତ କାଙ୍ଗୁଲା ଗ୍ରାମର ସଞ୍ଜୟ କୁମାର ବେହେରା ଓ ସରୋଜିନୀ ବାଘଙ୍କ ଝିଅ ହେଉଛନ୍ତି ସମୀକ୍ଷା। ବାପା ସଞ୍ଜୟ ପୋଲିସ ବିଭାଗରେ କାର୍ଯ୍ୟରତ ଥିବାବେଳେ ଝିଅ ସମୀକ୍ଷାଙ୍କ ପ୍ରାଥମିକ ଶିକ୍ଷା ଅନୁଗୋଳର ଏକ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ସମାପ୍ତ ହୋଇଥିଲା। ପରେ ଭୁବନେଶ୍ୱରସ୍ଥିତ ଏକ ଇଂଲିଶ ମାଧ୍ୟମ ସ୍କୁଲରୁ ଏକାଦଶ ଓ ଦ୍ୱାଦଶରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ ସମୀକ୍ଷା। ଇଂଲିଶରେ ବେଶ୍ ଦକ୍ଷ ହୋଇଥିବାରୁ ରାଜ୍ୟସ୍ତରୀୟ ସ୍ପେଲ୍‌ବି ପ୍ରତିଯୋଗିତାରେ ଭାଗନେଇ ସେ ୩ୟ ସ୍ଥାନ ଅଧିକାର କରିବା ସହ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ସୁଯୋଗ ପାଇଥିଲେ। ଏଥିପାଇଁ ସେ ବିମାନରେ କୋଏମ୍ବାଟୁର ଯାତ୍ରା କରିଥିଲେ। ପ୍ରଥମ ଥର ଏହି ବିମାନ ଯାତ୍ରା ସମୟରେ ହିଁ ସମୀକ୍ଷା ପାଇଲଟ ହେବାକୁ ଚିନ୍ତା କରିଥିଲେ। ଏ ସମ୍ପର୍କିତ ପାଠ୍ୟକ୍ରମ ଓ ତାଲିମ ବିଷୟରେ ଇଣ୍ଟରନେଟ ସର୍ଚ୍ଚ କରି ଜାଣିବା ପରେ ସେ ଭୁବନେଶ୍ୱରସ୍ଥିତ ଗଭର୍ଣ୍ଣମେଣ୍ଟ ଆଭିଏଶନ ଟ୍ରେନିଂ ଇନଷ୍ଟିଚ୍ୟୁଟ (ଗତି)ରେ ନାମ ଲେଖାଇଥିଲେ। ଏହାପରେ ପ୍ରଶିକ୍ଷଣ ପାଇଁ ଢେଙ୍କାନାଳ ବିରାଶାଳସ୍ଥିତ ବିମାନ ତାଲିମ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ସିଙ୍ଗଲ ଇଞ୍ଜିନ ବିମାନ ଉଡ଼ାଣ ଟ୍ରେନିଂ ଓ ପୁନେଠାରେ ମଲ୍‌ଟି ଇଞ୍ଜିନ ବିମାନ ଉଡ଼ାଣ ଟ୍ରେନିଂ ଶେଷକରି କମର୍ସିଆଲ ବିମାନ ଉଡ଼ାଇବାରେ ସକ୍ଷମ ହୋଇଥିଲେ। ସେ ୯,୪୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବିମାନ ଉଡ଼ାଣ କରିବା ସହିତ ୨୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ହାସଲ କରିପାରିଛନ୍ତି। ୨୦୨୨ରୁ ୨୦୨୫ ଭିତରେ କଠିନ ପରିଶ୍ରମ ବଳରେ ସମୀକ୍ଷା ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଥିବାରୁ ଏହି ସଫଳତା ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବା ସହ କାଙ୍ଗୁଲା ସମେତ ଜିଲା ପାଇଁ ଗର୍ବ ଓ ଗୌରବ ପାଲଟିଥିବା ବାପା ସଞ୍ଜୟ ପ୍ରକାଶ କରିଛନ୍ତି।



କମର୍ସିଆଲ ପାଇଲଟ ଲାଇସେନ୍ସ ହାସଲ କରିଥିବା ସମୀକ୍ଷା ସ୍ରୋତକୀର୍ତ୍ତି।



**ଜଙ୍ଗଲରେ ଅବକାରୀ ଚଢ଼ାଉ**

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତର ଦାମପୁର ଗାଁ ନିକଟରେ ଥିବା ଜଙ୍ଗଲରେ ରବିବାର ଅବକାରୀ ଟିମ୍ ଚଢ଼ାଉ କରି ଚୋରା ମଦ କାରଖାନା ଭାଙ୍ଗିଛି। ଚିକିଟି ଅବକାରୀ ଇନ୍ସପେକ୍ଟର ସଞ୍ଜୟ ପଣ୍ଡା, ଦିଗପହଣ୍ଡି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅନିତା ପ୍ରଧାନ,ବ୍ରହ୍ମପୁର ଏବଂ ଗୋଳନ୍ଥରା ଅବକାରୀ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଚଢ଼ାଉ ବେଳେ ବ୍ୟାପକ ପରିମାଣର ମଦ ପୋଚ ନଷ୍ଟ କରିବା ସହ ୪୨୦ ଲିଟର ଦେଶୀ ମଦ, ମଦରନ୍ଧା ସରଞ୍ଜାମ ଜବତ ହୋଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ମା'ବାପାଙ୍କ ମଧ୍ୟରେ କଳହ, ଝିଅର ଆତ୍ମହତ୍ୟା

ଧରାକୋଟ,୮।୬(ବିଷ୍ଣୁକେଶରୀଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଧରାକୋଟ ମଝି ସାହିରେ ଜଣେ କଲେଜ ପଢ଼ୁଥିବା ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବୁଲୁ ସ୍ୱାଇଁଙ୍କ ଝିଅ ଶ୍ୱେତା ସ୍ୱାଇଁ ଓରଫ ଲିଜା (୧୯)। ଲିଜା ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟର ଯୁକ୍ତ ତିନି ଦ୍ୱିତୀୟ ବର୍ଷ କଳାର ଛାତ୍ରୀ ଥିଲେ। ଶନିବାର ଘରେ ମାଆ ବାପାଙ୍କ ଭିତରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଘରେ ଏଭଳି ବଡ଼ପାଟିରେ ବଚସା ନ କରିବାକୁ ଲିଜା ମାଆବାପାଙ୍କୁ କହିଥିଲେ। ସେମାନେ ତାଙ୍କ କଥା ନ ଶୁଣି ଆହୁରି ନିଜ ଭିତରେ ଅଧିକ ଝଗଡା କରିଥିଲେ। ଏହାକୁ ସହି ନ ପାରି ଲିଜା ଘର ଭିତରକୁ ଯାଇ ଫ୍ୟାନରେ ନିଜ ଚୁନି ବାନ୍ଧି ବେକରେ ଲଗେଇ ଝୁଲି ପଡ଼ିଥିଲେ। ଝିଅକୁ ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆସିକା ମେଡ଼ିକାଲକୁ ନେଇଥିଲେ। ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧରାକୋଟ ପୋଲିସ ଆସିକା ମେଡିକାଲରେ ପହଞ୍ଚି ମୃତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ନଂ. ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ

କ. ନୂଆଗାଁ ୮।୬(କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ. ନୂଆଗାଁ ସ୍ଥିତ ମାନସ ପଡିଆରେ ଚାଲିଥିବା ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ବ୍ୟାସ ଭାବରେ ପ୍ରକାଶ ଚନ୍ଦ୍ର ମିଶ୍ର ପାରାୟଣ କରିଥିବା ବେଳେ ବକ୍ତା ଭାବେ ପ୍ରଦୀପ ଜେନା ପ୍ରବଚନ ଦେଉଥିଲେ । କର୍ତ୍ତା ଭାବରେ ଶକ୍ରାଦିତ୍ୟ କର୍ଯ୍ୟ କରୁଥିଲେ। ପୂଜକ ଥିଲେ କମଳ ଲୋଚନ ଦାଶ। କାର୍ଯ୍ୟକ୍ରମକୁ ଦିବ୍ୟ ସଂଘର ସମ୍ପାଦକ ଶ୍ୟାମଘନ ସାହୁ, ମାନସ ପାରିଚାଳନା କମିଟିର ସଭାପତି ରଞ୍ଜିତ ପଣ୍ଡା, ଉପସଭାପତି ସୁଶିଲ ପାତ୍ର, ସମ୍ପାଦକ ସୁକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଭାତ ପାଣିଗ୍ରାହୀ, ଉପଦେଷ୍ଟା କୃଷ୍ଣ ମୋହନ ପାଣିଗ୍ରାହୀ, ପଣ୍ଡିତ ବିଶି ମାଝୀ, ବିଜୟ ସାହୁ ଓ ଅନ୍ୟମାନେ ସହଯୋଗ କରିଥଲେ ।

### ମା' ଶୀତଳାଙ୍କ ଯାତ୍ରା

ଶେରଗଡ଼,୮।୬
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ପାଇକ ସାହିରେ ଗତ ଦୁଇଦିନ ହେଲା ମା' ଶୀତଳାଙ୍କ ଯାତ୍ରା ଚାଲିଛି। ଏଥିପାଇଁ ଶେରଗଡ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ମା' ବିରାଟ ପଟୁଆରରେ ଶେରଗଡ଼ ପରିକ୍ରମା କରିଥିଲେ। ପରିକ୍ରମା ବେଳେ ବାଜାବାଜଣା, ବେଶ ଭୂଷାରେ ମା'ଙ୍କୁ ଅସ୍ଥାୟୀ ମଣ୍ଡପକୁ ନିଆଯାଇଥିଲା। ପ୍ରଥମ ଦିନ ସୁଭଦ୍ରା ପରିଣୟ ନାଟକ ହୋଇଥିଲା। ଏହି ନାଟକ ପରେ କେ. ଖରିଡା ଓ ଗୋପାଳପୁରର ରାମାୟଣ ନାଟକ ମଞ୍ଚସ୍ଥ ହୋଇଥିଲା। ସଭାପତି ବଳରାମ ରାଉତ, ଗଜେନ୍ଦ୍ର ପ୍ରଧାନ, ରବିନ୍ଦ୍ର ସ୍ୱାଇଁ, ବିଦେଶୀ ବେହେରା ନେତୃତ୍ୱରେ ଏକ ୫୦ ଜଣିଆ ଟିମ୍ ଯାତ୍ରା ପରିଚାଳନା କରୁଛନ୍ତି।

# କେବେ ମିଳିବ ବିଶ୍ୱବିଦ୍ୟାଳୟ ମାନ୍ୟତା

ପାରଳାଖେମୁଣ୍ଡି,୮।୬(ଗିରିଧାରୀ ପରିଛା)



ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ।

**ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ**

**■ ୧୨୯ ବର୍ଷର ଶିକ୍ଷାନୁଷ୍ଠାନ ଅଣଦେଖାର ଶିକାର**

ଗତ ସାଧାରଣ ନିର୍ବାଚନର ବର୍ଷକ ପୂର୍ବରୁ ଜୟପୁରର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ତତ୍କାଳୀନ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଲେ। ମାତ୍ର ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ତଥା ଗଜପତି ଜିଲା ପାରଳାଖେମୁଣ୍ଡିର ୧୨୯ ବର୍ଷ ପୁରୁଣା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାରେ ସରକାର ଓ ଉଚ୍ଚଶିକ୍ଷା ବିଭାଗ ଅଣଦେଖା କଲେ। ଏହି ପୁରାତନ ଶିକ୍ଷାନୁଷ୍ଠାନ ପ୍ରତି ସରକାର ଗୁରୁତ୍ୱ ନ ଦେବା କ୍ଷୋଭର ବିଷୟ ବୋଲି ଜିଲାର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷାବିତ, ପୁରାତନ ଛାତ୍ର ସଂସଦର ସଦସ୍ୟ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଛନ୍ତି। ଏହି ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ବିଭିନ୍ନ ସମୟରେ ଦାବି ଉପସ୍ଥାପିତ ହୋଇଆସୁଛି।

ଉଚ୍ଚଶିକ୍ଷାର ବିକାଶ ପାଇଁ ମହାରାଜା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରଚେଷ୍ଟାରେ ୧୮୯୬ରେ ଏସ୍‌କେସିଜି ମହାବିଦ୍ୟାଳୟ ଗଢ଼ି ଉଠିଥିଲା। ସେସମୟରେ ଉଚ୍ଚଶିକ୍ଷା ପାଇଁ ଛାତ୍ରୀଛାତ୍ରମାନେ କଟକର ରେଭେନ୍ସା କଲେଜ ଓ ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଉପରେ ନିର୍ଭର କରୁଥିଲେ। ୧୯୯୨ରେ ଗଜପତି ଜିଲା ଗଠନ ହେବା ପରେ ଏସ୍‌କେସିଜି ମହାବିଦ୍ୟାଳୟ ବିଶ୍ୱ ବିଦ୍ୟାଳୟର ମାନ୍ୟତା ପାଇବ ବୋଲି ଆଶା ଉଜ୍ଜୀବିତ ହୋଇଥିଲା। ମହାରାଜାଙ୍କ ବସନ୍ତ ନିବାସର ୨୩ ଏକର ଜମି ଏବଂ ଏସକେସିଜି ମହାବିଦ୍ୟାଳୟର ୧୨ ଏକର ଜମିକୁ ନେଇ ଏସ୍‌କେସିଜି ବିଶ୍ୱବିଦ୍ୟାଳୟ କରାଯିବାକୁ ବିଭିନ୍ନ ସମୟରେ ରାଜ୍ୟ ଶାସନରେ ଥିବା ଶାସକଦଳ ଜିଲାବାସୀଙ୍କୁ ପ୍ରତିଶ୍ରୁତି ଦେଇ ଆସୁଥିଲେ। ପରବର୍ତ୍ତୀ ସମୟରେ ସେମାନେ ଏହି ପ୍ରତିଶ୍ରୁତିକୁ ଭୁଲିଯାଉଥିଲେ। ଇତି ମଧ୍ୟରେ ରାଜ୍ୟରେ ସରକାର ବଦଳି ଭାଜପା ସରକାର ଉଭୟ କେନ୍ଦ୍ର ଓ ରାଜ୍ୟରେ ଶାସନ କରୁଛି। ଓଡ଼ିଶା ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ରହିଛନ୍ତି। ଉଭୟ ସରକାର ଶତାୟୁ ଏସ୍‌କେସିଜି ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ ଜିଲାବାସୀ ଦାବି କରିଛନ୍ତି।

# ଠାକୁରାଣୀ ଯାତ୍ରା ପାଇଁ ଆସିଲା ଆଜ୍ଞାମାଳ

ଜି.ଉଦୟଗିରି,୮।୬(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରିର ଅଧିଷ୍ଠାତ୍ରୀ ମା' ବଡ଼ରାଉଳଦେବୀଙ୍କ ଠାକୁରାଣୀ ଯାତ୍ରା ଶନିବାର ଆରମ୍ଭ ହୋଇଛି। ମା' ଙ୍କ ମନ୍ଦିରରେ ଦୀର୍ଘ ସମୟ ଧରି ଦେଶୀ ବେହେରା ଟି.ଓମ ନାରାୟଣ ପାତ୍ର ଓ ତାଙ୍କ ପତ୍ନୀ ମାତା ପିତା ଭାବରେ ମା'ଙ୍କୁ ଆବାହନ କରିଥିଲେ। ରିତିନୀତି ଅନୁଯାୟୀ ପୂଜା ବିଧି ପରେ ବିଳମ୍ବିତ ରାତିରେ ବାଜା ବାଣ ଫୁଟାଇ ମହା ଆଡ଼ମ୍ବରରେ ଆଜ୍ଞାମାଳ ଅସ୍ଥାୟୀ ମଣ୍ଡପକୁ ଅଣାଯାଇ ମା'ଙ୍କୁ ଆସନ ମଣ୍ଡିତ କରାଯାଇଛି। ମନ୍ଦିରରେ ମନ୍ଦିର କମିଟି ସମ୍ପାଦକ ସମୀର ପାଢ଼ୀ, ଅଧିକାରୀ ଜବାହରଲାଲ ପରିଚ୍ଛା, ପାଟ ଭୁକ୍ତା ଶରଣ ପଞ୍ଜୀର ମାଝୀ, ପାଟ ଢୋଲିଆ କୈଳାଶ ନାୟକ, ସୁଦର୍ଶନ ନାୟକ, ଜଗନ୍ନାଥ ନାୟକ, ମନ୍ଦିର ପୂଜକ ଶିବ ଦେହୁରୀ, ଜୟ ନାୟକଙ୍କ ଉପସ୍ଥିତିରେ ବରିଷ୍ଠ ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ସନ୍ତୋଷ କର, ରୁଦ୍ର ପ୍ରସାଦ ତ୍ରିପାଠୀ, କାହ୍ନୁ ଚରଣ ପଣ୍ଡା, ନିରଞ୍ଜନ ପଣ୍ଡା ଓ ସହଯୋଗୀଙ୍କ ଦ୍ୱାରା ମା' ଙ୍କୁ ପୂଜାର୍ଚ୍ଚନା କରାଯାଇଛି। ରବିବାର ଯାତ୍ରା ଦ୍ୱିତୀୟ ଦିନ ରାତ୍ର ସମୟରେ ମା' ଙ୍କ ଘଟ ପ୍ରସ୍ତୁତ କରାଯିବ। ତୃତୀୟ ଦିନ ଠାରୁ ସୂଚୀ ଅନୁସାରେ ପ୍ରତ୍ୟେକ ଦିନ ମା' ଙ୍କୁ ବିଭିନ୍ନ ସାହି କମିଟି ତରଫରୁ ବରଣ କରାଯାଇ ପୂଜାର୍ଚ୍ଚନା କରାଯିବ। ୧୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରା ସମୟରେ ପ୍ରତିଦିନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଥର ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଅଞ୍ଚଳବାସୀ ଉତ୍ସାହିତ ଅଛନ୍ତି।



ଅସ୍ଥାୟୀ ପୀଠରେ ମା' ବଡ଼ରାଉଳଦେବୀ ଠାକୁରାଣୀ।

# ଗ୍ରାମଦେବତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ହିଞ୍ଜିଳିକାଟୁ, ୮।୬ (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡ଼ା ଗ୍ରାମରେ ୫ ଦିନ ଧରି ଚାଲିଥିବା ଗ୍ରାମଦେବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ହନୁମାନ ମନ୍ଦିର ସିଂହଦ୍ୱାର ଓ କପିଳେଶ୍ୱର ମହାଦେବ ମନ୍ଦିରର ଯଜ୍ଞମଣ୍ଡପ ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ରବିବାର ଶେଷ ଦିବସରେ ଦେବତାଙ୍କ ସିଂହାସନ ଆରୋହଣ, ଧ୍ୱଜ ଭ୍ରମଣ, ପୂର୍ଣ୍ଣାହୁତି, ନାମଯଜ୍ଞ ସମାପନ ସହ ଅନ୍ନ ଯଜ୍ଞ ହୋଇଛି। ସ୍ଥାନୀୟ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ମନ୍ଦିର ପ୍ରତିଷ୍ଠା କମିଟି ସଭାପତି ନିଳମଣି ପଟ୍ଟନାୟକ, ସମ୍ପାଦକ ସନ୍ତୋଷ ମହାରଣା କାର୍ଯ୍ୟକ୍ରମ ପରିଚୋଳନା କରିଥିଲେ। ପୌରାଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ବିଧାୟକଙ୍କ ପୌର ପ୍ରତିନିଧି ପ୍ୟାରୀମୋହନ ପାଢୀ, କିରଣ ନାହାକ, ସଞ୍ଜୟ ସ୍ୱାଇଁ, ଦିଲିପ ପଟ୍ଟନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ।


**GOVERNMENT OF ODISHA**
**DEPARTMENT OF P.R & D.W**
No.i-148
**INVITATION FOR BIDS (IFB)**
**IDENTIFICATION No-KANKADAHAD BLOCK-01 OF 2025-26**
E-mail : ori-kankadahad@nic.in

| Sl No | Name of the Work | Approximately value of Work (In Rs) | Class of Contractor | Place of receipt of tender papers through Post only | Cost of documents (Non-refundable) (Rs.) | EMD 1% | Period of Completion (In Month) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Const. of office Building with Market Complex in GPLF, Gadapalasuni GP | Rs.24,71,778.05 | B & C Class | BDO, Kankadahad | Rs.6,000 | Rs.24718 | 8 (Eight Calendar Month) |
| 2 | Const. of office Building with Market Complex in GPLF, Raibola GP | Rs.24,61,835.70 | B & C Class | BDO, Kankadahad | Rs.6,000 | Rs.24618 | 8 (Eight Calendar Month) |
| 3 | Const. of office Building with Market Complex in GPLF, Birasal GP | Rs.24,62,211.18 | B & C Class | BDO, Kankadahad | Rs.6,000 | Rs.24622 | 8 (Eight Calendar Month) |
| 4 | Const. of office Building with Market Complex in GPLF ,Kerjoli GP | Rs.24,70,352.75 | B & C Class | BDO, Kankadahad | Rs.6,000 | Rs.24704 | 8 (Eight Calendar Month) |
| 5 | Const. of office Building with Market Complex in GPLF, Mahabirod GP | Rs.24,72,047.34 | B & C Class | BDO, Kankadahad | Rs.6,000 | Rs.24720 | 8 (Eight Calendar Month) |
| 6 | Const. of office Building with Market Complex in GPLF, Bam GP | Rs.24,75,644.22 | B & C Class | BDO, Kankadahad | Rs.6,000 | Rs.24756 | 8 (Eight Calendar Month) |
| 7 | Const. of office Building with Market Complex in GPLF, Karagola GP | Rs.24,70,287.37 | B & C Class | BDO, Kankadahad | Rs.6,000 | Rs.24703 | 8 (Eight Calendar Month) |
| 8 | Const. of office Building with Market Complex in GPLF, Pangatira GP | Rs.24,71,818.70 | B & C Class | BDO, Kankadahad | Rs.6,000 | Rs.24718 | 8 (Eight Calendar Month) |
| 9 | Const. of Addl. Class Room of Secondary School, Bapuji High School, Gadapalasuni. | Rs.15,10,444.26 | C & D Class | BDO, Kankadahad | Rs.6,000 | Rs.15104 | 6 (Six Calendar Month) |
| 10 | Const. of Addl. Class Room of Elementary School, Dangapal UP School. | Rs.15,08,821.97 | C & D Class | BDO, Kankadahad | Rs.6,000 | Rs.15088 | 6 (Six Calendar Month) |
| 11 | Const. of Addl. Class Room of Elementary School, Kendupada Project PS. | Rs.15,12,402.34 | C & D Class | BDO, Kankadahad | Rs.6,000 | Rs.15124 | 6 (Six Calendar Month) |

Further details can be seen from the Dhenkanal Portal www.dhenkanal.nic.in

Sd./- Block Development Officer,
Kankadahad

OIPR-19381/11/0004/2526


### ଷଷ୍ଠ ଦିନରେ ଠାକୁରାଣୀ ଯାତ୍ରା

# ମନ ମୋହୁଛି କୁନି ପିଲାଙ୍କ ବିଭିନ୍ନ ବେଶ

ଗଞ୍ଜାମ,୮।୬(ବିଦ୍ୟାଧର ସାହୁ)

ପ୍ରତି ୩ ବର୍ଷକୁ ଥରେ ଅଗସ୍ତି ନୂଆଗାଁରେ ଅନୁଷ୍ଠିତ ହେଉଥିବା ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ୬ ଦିନରେ ପହଞ୍ଚିଛି। ଯାତ୍ରା ପାଇଁ ଗାଁ ଉତ୍ସବ ମୁଖର ହୋଇ ଥିବା ବେଳେ ଆଲୋକ ମାଳାରେ ଝଲସୁଛି। ମା'ବିନ୍ଧ୍ୟାବାସିନୀ ବୁଢ଼ୀ ଠାକୁରାଣୀ ବର୍ତ୍ତମାନ ଅସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି। ଗ୍ରାମ ପୂଜକ ଟୁନା ରାଉଳ ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି। ଏଥିସହ ପ୍ରତ୍ୟେକ ଦିନ ମା'ଙ୍କ ଘଟ ସାହି ପରିକ୍ରମା କରାଯାଉଛି। ମା'ଙ୍କ ଘଟ ପରିକ୍ରମା ବେଳେ କୁନି କୁନି ପିଲାମାନଙ୍କ ବିଭିନ୍ନ ବେଶ ମନ ମୋହୁଛି। ଏହି ଉପଲକ୍ଷେ ଆସନ୍ତା ୧୪ରେ ସଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି, ୧୫ରେ ଗ୍ରାମର କୁନି ପିଲାଙ୍କ ଦ୍ୱାରା ନୃତ୍ୟ, ୧୬ରେ ରେକର୍ଡ ଡ୍ୟାନ୍ସ ଏବଂ ୧୭ ରେ ସାମାଜିକ ନାଟକ ସ୍ୱାମୀ ମାନେ ସାବଧାନ ମଞ୍ଚସ୍ଥ ହେବ ବୋଲି ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଏହି ଯାତ୍ରାକୁ ଗ୍ରାମ୍ୟ ସଭାପତି ରଜତ ନାୟକ, ଉପସଭାପତି ବନମାଳୀ ସ୍ୱାଇଁ, ସମ୍ପାଦକ କାଳିଚରଣ ଗୌଡ଼ଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।



ବିଭିନ୍ନ ବେଶରେ ସଜ୍ଜିତ ହୋଇଥିବା ପିଲାମାନେ।

# ଭାଜପାରେ ମିଶିଲେ ବସନ୍ତିୟା ସମାଜ

ଛତ୍ରପୁର,୮।୬ (ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ୍ ସିନ୍ଧୁରପୁରଠାରେ ଭାଜପାର ମିଶ୍ରଣ ପର୍ବ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ସହ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ସିନ୍ଧୁରପୁରରେ ଥିବା ବସନ୍ତିଆ ସମାଜର ୩ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଭାଜପାରେ ସାମିଲ ହୋଇଛନ୍ତି। ଛତ୍ରପୁର ବିଧାୟକ ଓ ପୂର୍ବତନ ଉପ ବାଚସ୍ପତି ବସନ୍ତିଆ ସମାଜର ଲୋକଙ୍କୁ ଭାଜପାର ଉପର୍ଢେକନ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ୨୦୨୪ ନିର୍ବାଚନ ସମୟରେ ସିନ୍ଧୁରପୁର ସରପଞ୍ଚ ଗଗନ ବେହେରା ଭାଜପାରେ ସାମିଲ ହୋଇଥିଲେ। ତାଙ୍କ ନେତୃତ୍ୱରେ ବସନ୍ତିଆ ସମାଜ ଏବେ ଭାଜପାରେ ସାମିଲ ହୋଇଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଜପାକୁ ବିଜୟୀ କରିବାରେ ଏହି ସମାଜ ବେଶ ସହାୟକ ହେବ ବୋଲି ବେହେରା କହିଛନ୍ତି। ଏହି ମିଶ୍ରଣପର୍ବରେ ବିଧାୟକ ପ୍ରତିନିଧି ବାନୋଜ ନାହାକ, ବସନ୍ତିୟା ସମାଜର ସଭାପତି ରାଜେନ୍ଦ୍ର ବିଷୋୟୀ, ସମ୍ପାଦକ ଭଗବାନ ନାହାକ, ମଣ୍ଡଳ ସଭାପତି ସମ୍ପଦ ନାହାକ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ଭାଜପା ନେତାଙ୍କ ସହ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।

### ଜରଡ଼ାଗଡ଼ ରଥଯାତ୍ରା ପାଇଁ ରଥ ନିର୍ମାଣ

ପାତ୍ରପୁର, ୮।୬(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜରଡ଼ାଗଡ଼ର ପାର୍ଥ ସାରଥୀଙ୍କ ରଥଯାତ୍ରା ପାଇଁ ଚଳିତ ବର୍ଷ ରଥ ଆରମ୍ଭ ହୋଇ ରବିବାର ଅଖରେ ଚକ ଲାଗଛି। ପ୍ରାତଃ ସମୟରେ ପୁରୋହିତ ଲଳିତ ମୋହନ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ମୁଖ୍ୟ ମହାରଣା କୈଳାସ ମହାରଣାଙ୍କ ନେତୃତ୍ୱରେ ଅଖରେ ଚକ ଲଗାଯାଇଥିଲା। ଚଳିତ ବର୍ଷ ନୂଆ କାଠରେ ଅଖ ଚକ ନିର୍ମାଣ ହୋଇଛି। ରଥଦାଣ୍ଡ ମଧ୍ୟ ପ୍ରଶସ୍ତ କରାଯାଇଛି। ବିଦ୍ୟୁତ୍ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ନିର୍ଦ୍ଧାରିତ ସମୟରେ ରଥ ନିର୍ମାଣ ସରିବ ବୋଲି ମୁଖ୍ୟ ମହାରଣା ଓ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

# ଚକରା ଘାଟି ବୁଲି ଦେଖିଲେ ଗବେଷକ,ଲେଖିକା,ଲେଖକ

ଭଞ୍ଜନଗର,୮।୬(ବାବୁଲା ପ୍ରଧାନ)



ଚକରାଘାଟିରେ ବିଧାୟକଙ୍କ ସହ ଲେଖକ, ଗବେଷକ ଓ ଅନ୍ୟମାନେ।

ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଘୁମୁସର ଇତିହାସର ମୂକସାକ୍ଷୀ ଚକରା ଘାଟି ଏବଂ ଘାଟିଶୁଳାର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ବିଧାୟକ ନାୟକଙ୍କ ନିମନ୍ତ୍ରଣ ରକ୍ଷାକରି ରବିବାର ବିଭିନ୍ନ ଅଞ୍ଚଳର ଶତାଧିକ ଗବେଷକ, ଲେଖିକା, ଲେଖକ ଚକରାଘାଟି ପରିଦର୍ଶନ କରିଥିଲେ। ଏହି ସମୟରେ ଗବେଷକ, ଲେଖିକା, ଲେଖକ ସମେତ ଇତିହାସ, ରାଜନୀତି ଏବଂ ଓଡ଼ିଆ ବିଭାଗ ଅଧ୍ୟାପିକା, ଅଧ୍ୟାପକମାନେ ଚକରା ଘାଟି ଓ ଚକରା ବିଶୋୟୀଙ୍କ ଉପରେ ଅଧିକରୁ ଅଧିକ ଜାଣିବାକୁ ଚେଷ୍ଟା କରିଥିଲେ। ଉକ୍ତ ଘାଟିରେ ରହି ଘୁମୁସର ବୀର ଚକରା ବିଷୋୟୀ ବ୍ରିଟିଶ ଶାସକଙ୍କ ବିରୋଧରେ ଲଢେଇ କରିଥିଲେ। ଇତିହାସ ପ୍ରସିଦ୍ଧ ଉକ୍ତ ସ୍ଥାନଗୁଡ଼ିକ ଲୋକ ଲୋଚନକୁ ଆସିପାରି ନ ଥିଲା। ଏହାକୁ ଗୁରୁତ୍ୱ ଦେଇ ଆଗାମୀ ପିଢୀ ପାଇଁ ପଦକ୍ଷେପ ନିଆଯାଇଛି। ଚକରା ଘାଟି ଏବଂ ଘାଟିଶୁଳାର ବିକାଶ ପାଇଁ ପ୍ରାୟ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଦୁଇ ଘାଟିର ବିକାଶ ପରେ ଘୁମୁସର ଇତିହାସ ସହ ଜଡ଼ିତ ରଣଘଣ୍ଟାର ବିକାଶ କରାଯିବ। ଘଞ୍ଚ ଜଙ୍ଗଲ ମଧ୍ୟରେ ଘାଟିଟି ଥିବାରୁ ଘାଟିର ବିକାଶ ବେଳେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରାଯାଇଛି। ବନ୍ୟପ୍ରାଣୀଙ୍କ ପାଇଁ ଜଙ୍ଗଲରେ ପର୍ଯ୍ୟାପ୍ତ ଖାଦ୍ୟ ବ୍ୟବସ୍ଥା ସହ ସେମାନଙ୍କ ପାଣିର ଅଭାବ ଦୂର ପାଇଁ ଏକାଧିକ ଜଳାଶୟ ନିର୍ମାଣ କରାଯାଇଥିବା ବିଧାୟକ ସୂଚନା ଦେଇଥିଲେ। ଏହି ସମୟରେ ଗବେଷକମାନେ କିଛି ନୂଆ ପ୍ରସ୍ତାବ ବିଧାୟକଙ୍କୁ ଦେଇଥିଲେ। ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡି, ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଗବେଷକ ଡ. ସନ୍ତୋଷ ଆପଟ,ଦଶପଲ୍ଲା ଫିରିଙ୍ଗିଆ କଲେଜ ଅଧକ୍ଷ ଚିତ୍ତରଞ୍ଜନ ମିଶ୍ର, ଦାମୋଦର ଷଡ଼ଙ୍ଗୀ, ତପନ ମିଶ୍ର, ବରିଷ୍ଠ ଲେଖକ ଲୋକନାଥ ମହାନ୍ତି, ଜୟଦେବ ଗୌଡ଼, ଆଶୋକ ସ୍ୱାଇଁ, ମାଧବ ଦଳେଇ, ନେତାଜୀ ବିଷୋୟୀ, ଶୁଳପାଣି ଶତପଥୀ, ସୁରେଶ ସ୍ୱାଇଁ, ଦାମୋଦର ରଥ, ଡ ରବିନ୍ଦ୍ର ମିଶ୍ର, ଚିନ୍ମୟ ବେବର୍ତ୍ତା, ତ୍ରିନାଥ ବେହେରା, ନଳିନୀପ୍ରଭା ଦାସ, ସୁଜାତା ସିଂ, କଳ୍ପନା କୁମାରୀ ପ୍ରଧାନ, ପ୍ରଭାତୀ ମଞ୍ଜରୀ ବେହେରା, ଡ. ଗାୟତ୍ରୀ ସାହୁ,ରଞ୍ଜୁଲତା ବେହେରା, ମୋନାଲିସା ମିଶ୍ର, ଦିପ୍ତାଂଶୁପ୍ରଭା ଦେବୀ, ସ୍ନେହଲତା ବିଷୋୟୀ, ଝରଣା ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ।


No. CAD-663

**ମାର୍କଫେଡ୍ - ଓଡ଼ିଶା**

**ବଳକା ଅଣଧାନ ଶସ୍ୟର ବିକ୍ରୟ ନିମନ୍ତେ ସୂଚନା**

**ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ଓ ସୋରିଷ**

- ଏତଦ୍ୱାରା ଓଡ଼ିଶାର ସମସ୍ତ ଚାଷୀଭାଇମାନଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି ଯେ ୨୦୨୪-୨୫ ରବି ଋତୁରେ ଅମଳ କରାଯାଇଥିବା ଅଣଧାନ ଶସ୍ୟ ଯଥା ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ଓ ସୋରିଷ ଅଭାବୀ ବିକ୍ରିକୁ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମାର୍କଫେଡ୍ ମାଧ୍ୟମରେ ନିକଟସ୍ଥ ସ୍ଥିରୀକୃତ ସମବାୟ ସମିତି (PACS/LAMPCS/FPOs/WSHG) ଦ୍ୱାରା ସରକାର ନିମ୍ନୋକ୍ତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟ କ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି।

| | | |
|---|---|---|
| ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟର କ୍ୱିଣ୍ଟାଲ ପ୍ରତି ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ MSP (ଟଙ୍କାରେ) | ମୁଗ | ୮୬୮୨/- |
| | ବିରି | ୭୪୦୦/- |
| | ଚିନାବାଦାମ | ୬୭୮୩/- |
| | ସୂର୍ଯ୍ୟମୁଖୀ | ୭୨୮୦/- |
| | ସୋରିଷ | ୫୯୫୦/- |

- ଯେଉଁ ଚାଷୀଭାଇମାନଙ୍କ ନିକଟରେ ଉପରୋକ୍ତ ଶସ୍ୟ ବଳକା ରହିଅଛି ସେମାନେ ନିକଟସ୍ଥ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଜମିର ଦସ୍ତାବିଜ, ଫଟୋ ପରିଚୟ ପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରି ନିଜ ଗ୍ରାମ ନିକଟସ୍ଥ ସେବା ସମବାୟ ସମିତି ଓ କୃଷକ ଉତ୍ପାଦକ ସଂସ୍ଥାରେ ପଞ୍ଜୀକୃତ କରିପାରିବେ ଏବଂ ସ୍ୱୟଂ ପଞ୍ଜୀକରଣ ଇ-ସମୃଦ୍ଧି ମୋବାଇଲ ଆପ୍ ମାଧ୍ୟମରେ ଏହି ସୁବିଧାର ଲାଭ ନିଅନ୍ତୁ।
- ଆବଶ୍ୟକସ୍ଥଳେ ସବିଶେଷ ବିବରଣୀ ଯଥା ବିକ୍ରୟ ହେବାକୁ ଥିବା ଅଣଧାନ ଶସ୍ୟର କ୍ରୟ ତାରିଖ, ବିକ୍ରୟ ସ୍ଥାନ ସମ୍ବନ୍ଧରେ ସମ୍ପୃକ୍ତ ସମବାୟ ସମିତି ସମୂହର ଉପ ନିବନ୍ଧକ/ସହ ନିବନ୍ଧକ/ମାର୍କଫେଡ୍ କ୍ଷେତ୍ର ପରିଚାଳକ ଓ କୃଷି ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ।

OIPR-39017/11/0010/2526

## ସଂକ୍ଷେପରେ

### ଆକ୍ରମଣ ମାମଲାରେ ଆଉ ୨ ଗିରଫ

ବ୍ରହ୍ମପୁର,୮।୬ (ସୁବାସ ଚନ୍ଦ୍ର ପାଢ଼ୀ)

ହିଲପାଟଣା ଅଞ୍ଚଳରେ ଜଣେ ଯୁବକକୁ ମରାଣାନ୍ତକ ଆକ୍ରମଣ ମାମଲାରେ ଗୋସାଣୀ ନୂଆଗାଁ ଥାନା ପୋଲିସ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଲାଞ୍ଜିପଲ୍ଲୀର ଆଶିଷ କୁମାର ସାହୁ(୨୩) ଓ ହିଲପାଟଣାର ମୁକେଶ କୁମାର ସାହୁ(୨୭)। ହିଲପାଟଣା ଅଞ୍ଚଳର ରାଜେଶ ଷଡଙ୍ଗୀ ଗତ ଗୁରୁବାର ରାତି ପ୍ରାୟ ୧୧ଟାରେ ଖାଇବା ନେଇ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ହିଲପାଟଣା ତୃତୀୟ ଲାଇନଠାରେ ୪ ଯୁବକ ରାଜେଶଙ୍କ ଗାଡ଼ିକୁ ଅଟକାଇ ଗାଳିଗୁଲଜ କର ଆକ୍ରମଣ କରିଥିଲେ। ଆକ୍ରମଣରେ ରାଜେଶଙ୍କ ବାମ ଆଖିରେ ଗଭୀର ଆଘାତ ଲାଗିଥିଲା । ଘଟଣାକୁ ନେଇ ସେ ଉକ୍ତ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୧୮୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ପୋଲିସ ଶନିବାର ଓମପ୍ରସାଦ ଓ ସୁନୀଲଙ୍କୁ ଗିରଫ କରିଥିଲା। ଗିରଫ ଆଶିଷ ଓ ମୁକେଶଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

### ଡା. ଇନ୍ଦିରା ପାଳଙ୍କ ମୋବାଇଲ ନମ୍ବର ହ୍ୟାକ

ବ୍ରହ୍ମପୁର, ୮।୬( ସୁବାସ ଚନ୍ଦ୍ର ପାଢ଼ୀ)

ସାଇବର ଗ୍ୟାଙ୍ଗ ବିଭିନ୍ନ ଉପାୟରେ ଠକିବାର ରାସ୍ତା ଆପଣେଇଛନ୍ତି। ସହରର ଜଣାଶୁଣା ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞା ଡା. ଇନ୍ଦିରା ପାଳଙ୍କ ମୋବାଇଲ ନମ୍ବର ହ୍ୟାକ ହୋଇଯାଇଛି। ସେହି ମୋବାଇଲ ନମ୍ବର ବ୍ୟବହାର କରି ସାଇବର ଠକ ତଥା ହ୍ୟାକରମାନେ ଡା. ପାଳଙ୍କ ଚିହ୍ନା ପରିଚିତ ଲୋକ ମାନଙ୍କୁ ଫୋନ ଓ ମେସେଜ କରି ଟଙ୍କା ମାଗୁଛନ୍ତି। ତେବେ ମୋବାଇଲ ନମ୍ବର ହ୍ୟାକ ହୋଇଥିବା ଜାଣିବା ପରେ ଡା. ପାଳ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ବର୍ତ୍ତମାନ ଡା. ପାଳଙ୍କ ମୋବାଇଲ ନମ୍ବର ପୁଣି ଥରେ ସ୍ୱାଭାବିକ ହୋଇ ସାରିଥିଲେ ମଧ୍ୟ ଯଦି କୌଣସି ବ୍ୟକ୍ତି ତାଙ୍କ ନମ୍ବରରୁ କଲ କିମ୍ବା ମେସେଜ କରି ଟଙ୍କା ମାଗେ ତେବେ ସତର୍କ ରହିବାକୁ ଡା. ପାଳ ସମସ୍ତଙ୍କୁ ନିବେଦନ କରିଛନ୍ତି ।

### ଭାଜପାରେ ଯୋଗଦେଲେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି

ଆସିକା,୮।୬ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ୍‌ର ମୁନିଗାଡ଼ିସ୍ଥିତ ଶିବ ମନ୍ଦିରଠାରେ ରବିବାର ଦିନ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ନେତା ଶିବ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଗୁଣ୍ଡପଡ଼ା ସରପଞ୍ଚଙ୍କ ପ୍ରତିନିଧି ନିରାକାର ଦଳାଇ, ସମିତିସଭ୍ୟ ନାରାୟଣ ସ୍ୱାଇଁ, ଗଙ୍ଗାପୁର ସରପଞ୍ଚ ମନୋଜ ନାୟକ, କମାଗଡ଼ ସମିତିସଭ୍ୟ ପ୍ରଶାନ୍ତ ନାୟକ, ବଡ଼ଖୋଲି ସରପଞ୍ଚ ଦୁର୍ଗାପ୍ରସାଦ ବେହେରା ପ୍ରମୁଖ ସେମାନଙ୍କ ସମର୍ଥକଙ୍କ ସହ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ ସ୍ୱାଇଁ, ଭଗବାନ ସାହୁ, ସଂଗୀତ ପାଢ଼ୀ, ସମ୍ମିତ ପାଢ଼ୀଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ ।

### ପୋଲାମା ଠାକୁରାଣୀଙ୍କ ଭୂମି ପୂଜନ

ଗଞ୍ଜାମ,୮।୬(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ମପେଟା ଓଡ଼ିଆରପି କଲୋନୀରେ ମା' ପୋଲାମା ଠାକୁରାଣୀଙ୍କ ଭୂମି ପୂଜନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଭାଜପା ଜିଲ୍ଲା ସଭାପତି ଡ଼.ପ୍ରଶାନ୍ତ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପ୍ରଧାନ, ସମିତିସଭ୍ୟ ଧ୍ରୁବ ଚରଣ ପଲାଇ, ପୂର୍ବତନ ବ୍ଲକ ମଣ୍ଡଳ ସଭାପତି କାନ୍ତାରୀ ଦଳେଇଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ। ୨୦୧୩ ମସିହାରେ ଗ୍ରାମବାସୀଙ୍କୁ ଜିଲ୍ଲା ପ୍ରଶାସନ ଉକ୍ତ ଓଡ଼ିଆରପି କଲୋନୀରେ ଥଇଥାନ କଲାପରେ ସ୍ଥାନୀୟ ଅଞ୍ଚଳରେ ଗ୍ରାମବାସୀଙ୍କ ଉଦ୍ୟମରେ ଏକ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

# ମହାନଗରରେ ଭୁଶୁଡୁଛି ପ୍ରାକ୍ ଶିକ୍ଷା ବ୍ୟବସ୍ଥା

ବ୍ରହ୍ମପୁର,୮।୬(ଅଶୋକ କୁମାର ସାହୁ)

■ ଭିତ୍ତିଭୂମି ଅସଜଡ଼ା
■ ୧୦୧ ଅଙ୍ଗନୱାଡି କେନ୍ଦ୍ର ଭଡ଼ାରେ ଚାଲିଛି


ବ୍ରହ୍ମପୁର-୧ର ଏକ ଅଙ୍ଗନୱାଡି କେନ୍ଦ୍ରରେ ସିଡିପିଓ ଶିକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରୁଛନ୍ତି।

ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାର ଗୁରୁତ୍ୱ ଦେଉଥିବାବେଳେ ତୃଣମୂଳସ୍ତରର ପ୍ରାକ୍ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିନାହିଁ। ବିଶେଷ କରି ବ୍ରହ୍ମପୁର ମହାନଗର ନିଗମରେ ଭିତ୍ତିଭୂମି ଅଭାବରୁ ଏହି ବ୍ୟବସ୍ଥା ଏବେ ଭୁଶୁଡ଼ିବାରେ ଲାଗିଛି। ବିଭାଗୀୟ ରିପୋର୍ଟରୁ ଜଣାପଡିଛି ଯେ, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ପ୍ରାକ୍ ଶିକ୍ଷା ବ୍ୟବସ୍ଥା ଚାଲିଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ)ଙ୍କ ହାତରେ ଏହାର ଦାୟିତ୍ୱ ରହିଛି। ଏଥିପାଇଁ ବ୍ରହ୍ମପୁର-୧ ଓ ୨ ନାମରେ ଦୁଇଜଣ ସିଡିପିଓ ଅଛନ୍ତି। ବ୍ରହ୍ମପୁର-୧ ଅଧୀନରେ ୧୦୬ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି କେନ୍ଦ୍ରଗୁଡିକରେ ୩ରୁ ୫ବର୍ଷର ପିଲାଙ୍କୁ ପ୍ରାକ୍ ଶିକ୍ଷା ଦିଆଯାଉଛି। ବର୍ତ୍ତମାନ ୧୯୦୮ ପିଲା ପାଠ ପଢୁଛନ୍ତି। ପିଲାଙ୍କୁ ନାଚ, ଗୀତ ସହ ଅକ୍ଷର ଜାଣିବା ଓ ଚିତ୍ରରେ ବୁଝିବା ଭଳି ଅଙ୍ଗନୱାଡି କର୍ମୀମାନେ ଶିକ୍ଷାଦାନ କରୁଛନ୍ତି। ପିଲାଙ୍କୁ ଦେଖାଶୁଣା କରିବା ପାଇଁ ସହାୟିକା ନିଯୁକ୍ତ ଅଛନ୍ତି। ସବୁଠୁ ବଡ଼କଥା ହେଲା ୧୦୬ କେନ୍ଦ୍ରରୁ ୩୭ କେନ୍ଦ୍ରର ଘର ରହିଛି। ବର୍ତ୍ତମାନ ୪୯ କେନ୍ଦ୍ର ଭଡାରେ ଚାଲିଛି। ଆଉ ୨୦ କେନ୍ଦ୍ର ବିଭିନ୍ନ ସ୍କୁଲ ଓ କମ୍ୟୁନିଟି ହଲ ଏବଂ କର୍ମୀଙ୍କ ନିଜସ୍ୱ ଘରେ ଚାଲିଛି। ବର୍ତ୍ତମାନ ୧୦ କେନ୍ଦ୍ର ନିର୍ମାଣ ଚାଲିଛି। ୨୦ କେନ୍ଦ୍ର ନିର୍ମାଣ କରିବାକୁ ସରକାରୀ ସ୍ଥାନ ଚୟନ କରାଯାଇଛି। ୩୯ କେନ୍ଦ୍ର ପାଇଁ ଜାଗା ମିଳୁନି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଯେଉଁ ପ୍ରାଥମିକ ସ୍କୁଲଗୁଡିକ ରହିଛି ସେଥିରେ ଗୃହ ନିର୍ମାଣ ପାଇଁ ଜାଗା ଦେଲେ ଭଲ ହୁଅନ୍ତା ବୋଲି ବ୍ରହ୍ମପୁର-୧ର ସିଡିପିଓ ଗିତାରାଣୀ ରାଉଳ କହିଛନ୍ତି। ବର୍ତ୍ତମାନ ଜୁନ ୧୫ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ଥିବାରୁ ପିଲାଙ୍କୁ ଶୁଖିଲା ଖାଦ୍ୟ ଘରକୁ ଘର ଯାଇ ବିତରଣ କରାଯାଉଥିବା ସେ କହିଛନ୍ତି। ସେହିପରି ବ୍ରହ୍ମପୁର-୨ ଅଧୀନରେ ୯୦ କେନ୍ଦ୍ର ରହିଛି। ସେଥିରୁ ୩୦ କେନ୍ଦ୍ରର ନିଜସ୍ୱ ଘର ଥିବାବେଳେ ୫ଟି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ପ୍ରାୟ ୬୦ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ୫୨ କେନ୍ଦ୍ର ଭଡାରେ ଚାଲିଛି ଏବଂ ପ୍ରାୟ ୧୩ଟି କେନ୍ଦ୍ର ବିଭିନ୍ନ ସ୍କୁଲ ଓ କମ୍ୟୁନିଟି ହଲରେ ଚାଲିଛି ବୋଲି ଦାୟିତ୍ୱରେ ଥିବା ସିଡିପିଓ କଳ୍ପନାରାଣୀ ପାଢ଼ୀ ପ୍ରକାଶ କରିଛନ୍ତି। ୨୨ କେନ୍ଦ୍ର ନିର୍ମାଣ କରିବାକୁ ସ୍ଥିର କରାଯାଇଛି। ଅନ୍ୟକେନ୍ଦ୍ରଗୁଡିକ ପାଇଁ ତହସିଲଦାରଙ୍କୁ ଅବଗତ କରାଯାଇଥିଲା ସେ କହିଛନ୍ତି। କିନ୍ତୁ ୯୦ କେନ୍ଦ୍ରର ପିଲା ସଂଖ୍ୟା କେତେ ସେ ସମ୍ପର୍କରେ ସିଡିପିଓ ସୂଚନା ଦେଇନାହାନ୍ତି। ଏଭଳି ସହରରେ ୧୦୧ କେନ୍ଦ୍ର ଭଡାରେ ଚାଲିଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ତରଫରୁ ଯଦି ସ୍କୁଲଗୁଡିକରେ ଅଙ୍ଗନୱାଡି କେନ୍ଦ୍ର ପାଇଁ ଗୃହ ଯୋଗାଇ ଦିଆଯାଏ ତେବେ ଭିତ୍ତିଭୂମି କିଛିଟା ସଜାଡି ହୋଇପାରନ୍ତା ବୋଲି ଉଭୟ ସିଡିପିଓ ପ୍ରକାଶ କରିଛନ୍ତି।

# ସରିଲା ପୁରୁଷୋତ୍ତମପୁର ଠାକୁରାଣୀ ଯାତ୍ରା


ଶେଷ ଦିବସରେ ପଞ୍ଚ ଠାକୁରାଣୀ ନଗର ପରିକ୍ରମା କରୁଛନ୍ତି।

ପୁରୁଷୋତ୍ତମପୁର,୮।୬(ସିମାଞ୍ଚଳ ମିଶ୍ର)

ଶେଷ ହୋଇଛି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରର ଐତିହାସିକ ପଞ୍ଚ ଠାକୁରାଣୀ ଯାତ୍ରା। ବାଜାବାଜଣା ଓ ଆତସବାଜିର ପରୁଆରରେ ଶ୍ରଦ୍ଧାଳୁଙ୍କ ଗହଳରେ ମା' କନକା ଠାକୁରାଣୀ ତାଙ୍କର ପୁଅ କାଞ୍ଚୁଆ, ଝିଅ ତାରାତାରିଣୀ, କାଳୀ ଓ ବୋଷ୍ଟ ଫୁଲଗୁଦଦାଇଙ୍କୁ ସଙ୍ଗରେ ଧରି ସାହି ସାହି ବୁଲି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇ ନିଜ ନିଜ ମୁଖ୍ୟ ମନ୍ଦିରକୁ ଫେରିଯାଇଛନ୍ତି। ରାତି ୮ଟାରେ ବଡବଜାର ଅସ୍ଥାୟୀ ମନ୍ଦିରରୁ ମା' ପଞ୍ଚ ଠାକୁରାଣୀଙ୍କ ଘଟ ବାହାରି ନରସିଂହଦାଶ ହାଇସ୍କୁଲ ପଡିଆରେ ପହଞ୍ଚିଥିଲା। ସେଠାରେ ମା'ଙ୍କ ବିଜେ ପରେ ବାଣଯାତ୍ରା ହୋଇଥିଲା। ଏହାକୁ ଦେଖିବାକୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଏହି ବାଣଯାତ୍ରା ପରେ ମା' ପାଞ୍ଚ ଠାକୁରାଣୀଙ୍କୁ ସମଗ୍ର ସହର ପରିକ୍ରମା କରାଯାଇଥିଲା। ନରସିଂହ ଦାଶ ହାଇସ୍କୁଲ ପଡିଆରେ ଅନ୍ତଯଜ୍ଞ ହୋଇଥିଲା। ଠାକୁରାଣୀମାନଙ୍କୁ ଅନୟଙ୍ଗ ଘରକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପଚନ୍ଦ୍ର ନାୟକ, ସୋରଡା ବିଧାୟକ ନିଳମଣୀ ବିଷୋୟୀ,ଏନଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା,ସୀତାରାମ ପାଣିଗ୍ରାହୀ, ଜୟ ନାରାୟଣ ଦାଶ, ଅନିଲ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଏହିଯାତ୍ରା ଗତମାସ ୭ ତାରିଖରୁ ଆରମ୍ଭ ହୋଇଥିଲା।

# ଦୁର୍ବାର ହେବ କେସି ହାଇସ୍କୁଲ ବଞ୍ଚାଅ ଆନ୍ଦୋଳନ


ଆଲୋଚନା ଚକ୍ରରେ ଉପସ୍ଥିତ ବିଭିନ୍ନ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୮।୬(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟର ୨ୟ ପୁରାତନ ଉଚ୍ଚ ବିଦ୍ୟାଳୟ କେସି ହାଇସ୍କୁଲର ସମସ୍ୟାଗୁଡିକ ସମ୍ପର୍କରେ ବିଜିପୁରସ୍ଥିତ ସନ୍ତୋଷୀ ମା' ମନ୍ଦିର କଲ୍ୟାଣ ମଣ୍ଡପରେ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍କାରବାଦୀ ଓ ଓଡ଼ିଆ ଭାଷା ଆନ୍ଦୋଳନର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣା ଅଧ୍ୟକ୍ଷତା କରିଥିଲେ। ଆଇନ ପରାମର୍ଶଦାତା ପ୍ରଭାତ ମିଶ୍ର, ଗଞ୍ଜାମ ଜିଲ୍ଲା ବିକାଶ ପରିଷଦର ସଭାପତି ରାଜେନ୍ଦ୍ର ପଣ୍ଡା, ଭାଷା ଆନ୍ଦୋଳନ ସମ୍ପାଦକ ହରେକୃଷ୍ଣ ପଣ୍ଡା, କେ.ସି. ହାଇସ୍କୁଲ ଆଲୁମିନି ସଭାପତି ପଙ୍କଜ ନାୟକ, ଶିକ୍ଷକ ନେତା ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ଓ ରବି ରଥ ଯୋଗ ଦେଇଥିଲେ। ଓଷ୍ଟାର ପୂର୍ବତନ ସଭାପତି ହିମାଂଶୁ ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଭାଷା ଆନ୍ଦୋଳନ ସମ୍ପାଦକ କେସି ହାଇସ୍କୁଲ ରାଜ୍ୟର ଦ୍ୱିତୀୟ ପୁରାତନ ବିଦ୍ୟାଳୟ ଓ ବ୍ରହ୍ମପୁରର ସ୍ୱାଭିମାନ ବୋଲି ଦର୍ଶାଇ ୧୯୯୫ରୁ ଏହାକୁ ସରକାରୀ କରିବା ପାଇଁ ଉଦ୍ୟମ କରିଆସୁଥିବାରୁ ସଂସ୍କାରବାଦୀ ସଂଘର ସଭାପତିଙ୍କୁ ପ୍ରଶଂସା କରିଥିଲେ। ରବି ରଥ ୧୭୦ ବର୍ଷର ପୁରାତନ ବିଦ୍ୟାଳୟ ସରକାରୀ ଘୋଷିତ ନ ହୋଇ ରହିଥିବାରୁ ଉଦବେଗ ପ୍ରକାଶ କରି ନୂଆ ସରକାର ଦୃଷ୍ଟିଦେବା ଆବଶ୍ୟକ ବୋଲି କହିଥିଲେ। ପୁରାତନ ଛାତ୍ର ସଂଘ ସଭାପତି ପଙ୍କଜ ନାୟକ ଏକ ସରକାରୀ ସାହାଯ୍ୟପ୍ରାପ୍ତ ସରକାରୀ ବିଦ୍ୟାଳୟ ପରିସରକୁ କିଛି ବ୍ୟକ୍ତି ଅକ୍ତିଆର କରି ବ୍ୟବସାୟ ଉଦ୍ଦେଶ୍ୟରେ କେସି ପବ୍ଲିକ ସ୍କୁଲ ନାମରେ ଏକ ଘରୋଇ ବିଦ୍ୟାଳୟ ଚଳାଇଥିବା ଓ ଏଥିପ୍ରତି ପ୍ରଶାସନ ଆଖି ବୁଜି ବସିଥିବା ଦର୍ଶାଇ ଜୋରଦାର ପ୍ରତିବାଦ କରାଯିବ କହିଥିଲେ। ପୂର୍ବ ସରକାରଙ୍କ କାଳରୁ କିଛି ଅଧିକାରୀ ଚାପରେ ରହି କାର୍ଯ୍ୟ କରିଥିବା ଶିକ୍ଷକ ନେତା ଅଭିଯୋଗ କରିଥିଲେ। ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ବିଦ୍ୟାଳୟକୁ ତୁରନ୍ତ ସରକାରୀ କରି ବିଦ୍ୟାଳୟ ପରିସରରୁ ଘରୋଇ ବିଦ୍ୟାଳୟ ହଟାଇବାକୁ ଦାବି କରିଥିଲେ। ବୃନ୍ଦାବନ ଖଟେଇ ବିଦ୍ୟାଳୟର ଐତହ୍ୟ ମାନ୍ୟତା ପ୍ରତ୍ୟାହାରକୁ ନାପସନ୍ଦ କରିଥିଲେ। କେସି ହାଇସ୍କୁଲ ବଞ୍ଚାଇବାକୁ ଆନ୍ଦୋଳନ ଦୁର୍ବାର କରାଯିବ ବୋଲି ଉପସ୍ଥିତ ବିଭିନ୍ନ ସଂଘର ସଦସ୍ୟମାନେ କହିଥିଲେ। ଆସନ୍ତା ସପ୍ତାହକ ମଧ୍ୟରେ ସ୍ଥାନୀୟ ଜିଲ୍ଲା ଶିକ୍ଷାଧିକାରୀ, ଉପଜିଲାପାଳ ଓ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ ସହ ପଦଯାତ୍ରା ପାଇଁ ନିଷ୍ପତ୍ତି ହୋଇଥିଲା।

# ବାଲିଗୁଡାରେ ପାରମ୍ପରିକ ଖାଦ୍ୟ ମେଳା

ବାଲିଗୁଡା,୮।୬(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲ୍ଲା ବାଲିଗୁଡା କଲ୍ୟାଣ ମଣ୍ଡପ ପରିସରରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ଓ ପ୍ରତିଯୋଗିତା ସିଡିପିଓ କ୍ରୀଷ୍ଣା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଡିଓ ଅକ୍ଷୟ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରି ଉତ୍ତମ ସ୍ୱାସ୍ଥ୍ୟ ଗଠନରେ ପାରମ୍ପରିକ ଖାଦ୍ୟର ଆବଶ୍ୟକତା ରହିଛି ବୋଲି କହିଥିଲେ। ଖାଦ୍ୟ ମେଳାରେ ପାରମ୍ପରିକ ପ୍ରସ୍ତୁତ ମିଠା, ଛେନାଝିଲି, ରସାବଳି, ଛେନା ପୋଡ଼, ପୋଡ଼ପିଠା, ମଣ୍ଡା ପିଠା, ଜଳଖିଆରେ ଠୁଙ୍କା ପୁରୀ, ବରା, ଉପମା, ଦହି ବରା, ସହ ପକୋଡ଼ି, ଆଳୁଚପ୍, ସିଙ୍ଗଡ଼ା ପ୍ରଦର୍ଶିତ ହୋଇଥିଲା। ମେଳା ମାଧ୍ୟମରେ ସଚେତନ କରାଯିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିଜ ଘରେ ଓ ଗାଁରେ କିଭଳି ଅଧିକରୁ ଅଧିକ ଏଭଳି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କରି ଖାଇବାକୁ ଦେବେ ସେନେଇ ସେମାନଙ୍କୁ ଉତ୍ସାହିତ କରିବାକୁ ସେମାନଙ୍କ ମଧ୍ୟରେ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ହୋଇଥିଲା। ଏଥିରେ ବାଲିଗୁଡା ଏନଏସି ଓ ୧୪ ପଞ୍ଚାୟତର ୧୪ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଚୟନ କରାଯାଇଥିଲା। ଉଭୟଙ୍କୁ ଜିଲ୍ଲାସ୍ତରକୁ ପଠାଯିବ ବୋଲି ସିଡିପିଓ କହିଛନ୍ତି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ନେହଲତା ସାହୁ, ବିଡିଓ ଅକ୍ଷୟ ମଲ୍ଲିକ, ମେଡିକାଲ ଅଧ୍ୟକ୍ଷ ଶୁଭମ ସାହୁକାର, ଏମ୍‌ପି ପ୍ରତିନିଧି ଯୋଗଦେଇ ଥିଲେ।

# ମେଗା ସ୍ୱାସ୍ଥ୍ୟ, ଚକ୍ଷୁ ପରୀକ୍ଷା ଶିବିର

ବ୍ରହ୍ମପୁର,୮।୬(ସ୍ମୃତି ରଞ୍ଜନ ମହାଲିକ)

ମେଗା ସାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ରବିବାର ଗୋସାଣୀ ନୂଆଗାଁସ୍ଥିତ ଗୋପାଳ କୃଷ୍ଣ ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ମହାନଗର ନିଗମର ୨୬ନଂ. ୱାର୍ଡ କର୍ପୋରେଟର ଧୀରେଶ କୁମାର ସାବତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ପୂର୍ବତନ ଏମ୍‌ପି ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ। ବରିଷ୍ଠ ଡାକ୍ତର କୁମୁଦ ଚନ୍ଦ୍ର ଦାସ, ଡା. ଗୋପାଳ ଚନ୍ଦ୍ର ପାତ୍ର, ଡା. ଡି. ଶିବ ପ୍ରସାଦ ଏବଂ ଡା. ରେବତୀ ଦେବୀ ଯୋଗ ଦେଇଥିଲେ। ଶିବିରରେ ଉଚ୍ଚ ରକ୍ତଚାପ, ମଧୁମେହ, ୟୁରିକ ଏସିଡି, ଲିପ୍ୟୁଡ଼ ପୋଫାଇଲ, ଚକ୍ଷୁ ପରୀକ୍ଷା, ଇସିଜି, କର୍କଟ ରୋଗର ଚିହ୍ନଟ ଓ ପରୀକ୍ଷା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ମାଗଣା ଚକ୍ଷୁ ପରୀକ୍ଷା ସହ ୧୦୦ରୁ ଅଧିକ ଚଷମା ବଣ୍ଟନ କରାଯାଇଥିଲା। ୫୬ ଜଣଙ୍କ ଇସିଜି ପରୀକ୍ଷା କରାଯାଇଥିଲା। ଶିବିରରେ ୧ହଜାରରୁ ଅଧିକ ରୋଗୀ ଉପକୃତ ହୋଇଥିଲେ। ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ କେଦାରନାଥ ଚୌଧୁରୀ, ସମାଜକ କର୍ମୀ ତ୍ରିନାଥ ମହାରଣା, କୃଷ୍ଣ ବେହେରା, କାଳୁଆ ମନ୍ଦିର ସଭାପତି ଜଗନ୍ନାଥ ଚୌଧୁରୀ, ଜିନେସ ସାବତ, ରାକେଶ ସାବତ, ବିକ୍ରମ ମହାନ୍ତି, ଆଶୁତୋଷ ପାତ୍ର, ପିଣ୍ଟୁ ପାଢ଼ୀ ଟୁଟୁ ସାହୁ ସହଯୋଗ କରିଥିଲେ।

# କୁଞ୍ଜବନ-ମୋଟାବାଡ଼ି ରାସ୍ତା ଅବସ୍ଥା ଶୋଚନୀୟ

ବୁଗୁଡ଼ା,୮।୬(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁଞ୍ଜବନ ଗାଁଠାରୁ ମୋଟାବାଡି ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଅନେକ ସ୍ଥାନରେ ପାଣି ଜମି ରହୁଛି। ଫଳରେ ଲୋକଙ୍କ ଯାତାୟାତରେ ଘୋର ଅସୁବିଧା ହେଉଛି। ପୂର୍ବରୁ ସେହି ରାସ୍ତାଟି ଲଟାବୁଦା ମାଡିଯାଇ ସଂକୀର୍ଣ୍ଣ ଓ ଶୋଚନୀୟ ଅବସ୍ଥାରେ ରହିଥିଲା। ଠାଏଁ ଠାଏଁ ଖାଲଖମା ଯୋଗୁ ପଦଚାରୀ ଏବଂ ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି କରୁଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ଗତ ବର୍ଷ ମୋରମ ପକାଯାଇ ରାସ୍ତାର ପ୍ରଶସ୍ତୀକରଣ ସହ ମରାମତି ପରେ ଅବସ୍ଥାରେ ସୁଧାର ଆସିଥିଲା। ଲୋକଙ୍କ ଯାତାୟାତରେ ସୁବିଧାଜନକ ହୋଇପାରିଥିଲା। ତେବେ ସମ୍ପ୍ରତି ବର୍ଷା ହେଲେ ରାସ୍ତାର ଅନେକ ଜାଗାରେ ପାଣି ଜମି ରହୁଥିବାରୁ ଲୋକଙ୍କ ଯାତାୟାତରେ ନାହିଁ ନ ଥିବା ଅସୁବିଧା ହେଉଛି। ଏଣୁ ରାସ୍ତାର ମରାମତି ଦିଗରେ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସାହିତ୍ୟକୁ ବ୍ୟାପକ କରିବାରେ ପାଠକ, ଶ୍ରୋତାଙ୍କ ଭୂମିକା ଅଧିକ



ଆସରରେ ଉପସ୍ଥିତ କବିମାନେ।

ବ୍ରହ୍ମପୁର,୮।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସାହିତ୍ୟ ପରିଷଦ ପକ୍ଷରୁ ସାହିତ୍ୟ ଆସର ରବିବାର ବାପୁଜୀ ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସୁଲେଖିକା ଜ୍ୟୋତ୍ସ୍ନା ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ସାହିତ୍ୟକୁ ବ୍ୟାପକ କରିବାରେ ପାଠକ ଓ ଶ୍ରୋତାଙ୍କ ଭୂମିକା ଅଧିକ ବୋଲି କହିଥିଲେ। କବି ଓ ସମ୍ପାଦକ ବି. ସତ୍ୟମ ଆଚାରୀ ସଂପାଦକୀୟ ବିବରଣୀ ପାଠ କରିଥିଲେ। କବି ପ୍ରଫୁଲ୍ଲ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଆସରକୁ କବି ସୁଶାନ୍ତ ଦାଶ ପରିଚାଳନା କରିଥିଲେ। ସଂଯୋଜିକା ମଧୁସ୍ମିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବରିଷ୍ଠ କବି ଭିକାରୀ ମହାପାତ୍ର, ସୁଚେତା ପାଣିଗ୍ରାହୀ, ଗଙ୍ଗାଧର ମହାକୁଡ, ଏ. ପ୍ରଶାନ୍ତ ଆଚାରୀ , କାଳୀ ପ୍ରସାଦ ରାଓ, ସୀତାରାମ ପାତ୍ର, ସୁଧାଞ୍ଜଳି ମିଶ୍ର, ନନ୍ଦିନୀ ମହାରଣା ଓ ସୁନନ୍ଦା ସାହୁଙ୍କ ସମେତ ସହ ବହୁ କବି କବିତା ପାଠ କରିଥିଲେ ।

# ଶେରଗଡ଼ ବସଷ୍ଟାଣ୍ଡକୁ ସବୁ ବସ୍ ଯାଉନି

ଶେରଗଡ଼,୮।୬(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ବସଷ୍ଟାଣ୍ଡଅଲୋଡା ହୋଇପଡିଛି। ୩ କୋଟି ବ୍ୟୟରେ ନିର୍ମିତ ଏହି ବସଷ୍ଟାଣ୍ଡ ନିର୍ମାଣ ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମାତ୍ର ଏଯାଏ ସବୁ ଯାତ୍ରୀବାହୀ ବସ୍ ବସ୍‌ଷ୍ଟାଣ୍ଡକୁ ଯାଉନାହିଁ। କେବଳ ଲକ୍ଷ୍ମୀ ବସଗୁଡିକ ସେଠାରୁ ବିଭିନ୍ନ ପଞ୍ଚାୟତକୁ ଯାତାୟାତ କରୁଛି। କେତୋଟି ପ୍ରାଇଭେଟ କମ୍ପାନୀର ଗାର୍ଡ ଦାୟିତ୍ୱରେ ଛାଡିଦ୍ ଦେଇ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଚୁପ୍ ରହିଛି। ଶେରଗଡ଼କୁ ଯାତାୟତ କରୁଥିବା ସରକାରୀ ବସ ମଧ୍ୟ ନିଗମ ବନ୍ଦ କରିସାରିଲାଣି। ସରକାର ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ବସଷ୍ଟାଣ୍ଡ ଭିତରକୁ ସବୁ ବସ୍ ଯିବା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଯୁବ କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ

ବ୍ରହ୍ମପୁର,୮।୬(ସ୍ମୃତି ରଞ୍ଜନ ମହାଲିକ)


କଂଗ୍ରେସ କର୍ମୀମାନେ ପୁରୀ ଏମପିଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

ପୁରୀ ଏମ୍‌ପି ସମ୍ବିତ ପାତ୍ର ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଅପମାନଜନକ ଓ ମିଥ୍ୟା ମନ୍ତବ୍ୟ ଦେବା ପ୍ରତିବାଦରେ ରବିବାର ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ପୁରୀ ଏମ୍‌ପିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ବାପୁଜୀ ଆଶ୍ରମସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ତାଙ୍କ ମନ୍ତବ୍ୟକୁ ବିରୋଧ ପ୍ରଦର୍ଶନ କରି କୁଶପୁତ୍ତଳିକା ଦାହ କରାଯାଇଥିଲା । ଏଥିରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିକାଶ ନାୟକଙ୍କ ସମେତ ତତ୍‌ସତ ସୁବୁଦ୍ଧି, ଅତିଶ ଦଳାଇ, ରୁଦ୍ର ଖଟୁଆ, ଜିତୁ ଘଡେଇ , ନରେଶ ଘଡେଇଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ବେଦ ପ୍ରଚାର ସମିତି ମଣ୍ଡପର ଶିଳାନ୍ୟାସ

ଭଞ୍ଜନଗର,୮।୬(ବାବୁଲା ପ୍ରଧାନ)

ଭଞ୍ଜନଗର ବଡକୋଦଣ୍ଡା ଛକରେ ରବିବାର ବେଦ ପ୍ରଚାର ସମିତି ମଣ୍ଡପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବେଦଧାମର ଅଧ୍ୟକ୍ଷ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ଏବଂ ବ୍ରହ୍ମପୁର ବେଦ ପ୍ରଚାର ସମିତିର ସଦସ୍ୟମାନଙ୍କ ସହଯୋଗରେ ଏକାଦଶ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଭୂମିପୂଜନ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଭଞ୍ଜନଗର ବେଦ ପ୍ରଚାର ସମିତିର ବାନପ୍ରସ୍ଥି ଅନ୍ତର୍ଯ୍ୟାମୀ ଶ୍ରୁତିପଥିକ, ସୀମାଞ୍ଚଳ ପଟ୍ଟନାୟକ, ଶରତ ମହାନ୍ତି, ଟୁନା ଜେନା, ଲିଙ୍ଗରାଜ ନାୟକ, ଲାଲ ମୋହନ ନାୟକ, ସନ୍ତୋଷ ବେହେରା, ରବୀନ୍ଦ୍ର ଭୂୟାଁ, ବିଦେଶୀ ମହାରଣା, ପି. ସୁଧାକର ରାଓ, ସରୋଜ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ନେଇ ସଚେତନତା

ଗୋପାଳପୁର,୮।୬(ନବୀନ ରାଜ ଆଚାରୀ)


ଫଟୋ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ପର୍ଯ୍ୟଟକ।

ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ରବିବାର ଗୋପାଳପୁର ବେଳାଭୂମିରେ ବିଶ୍ୱ ମହାସାଗର ଦିବସ ଅବସରରେ ବିରଳ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ନେଇ ସଚେତନତା କରାଯାଇଛି। ଏଥିରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫଟୋଗ୍ରାଫର ସତୀଶ ଲାଲ, ସ୍ନେକ ହେଲ୍ପ ଲାଇନ ସଦସ୍ୟ ସ୍ୱାଧୀନ ସାହୁଙ୍କ ଦ୍ୱାରା ଅଲିଭ ରିଡ଼ଲେ କଇଁଛଙ୍କ ଫଟୋ ଗୁଡ଼ିକ ବେଳାଭୂମିରେ ପ୍ରଦର୍ଶନୀ କରାଯାଇଥିଲା। ପ୍ରଦର୍ଶିତ ହୋଇଥିବା ଚିତ୍ରଗୁଡ଼ିକ ଅଲିଭ ରିଡ଼ଲେଙ୍କ ଏକକାଳୀନ ବେଳାଭୂମିକୁ ଆସିବା, ଅଣ୍ଡାଦାନ କରିବା ହେଉ ଅବା ଶାବକ କଇଁଛଙ୍କ ସମୁଦ୍ରକୁ ଫେରିଯିବା ସମ୍ପର୍କରେ ଜାଣିବା ପାଇଁ ପର୍ଯ୍ୟଟକ ଆଗ୍ରହୀ ହୋଇଥିଲେ। ଦିନକୁ ଦିନ ବଢୁଥିବା ତାପମାତ୍ରା ଓ ଜଳବାୟୁ ପରିବର୍ତ୍ତନ କେବଳ ସ୍ଥଳ ଭୂମିରେ ଥିବା ଜୀବଜନ୍ତୁ ନୁହଁନ୍ତି ବରଂ ସାମୁଦ୍ରିକ ଜୀବ ଉପରେ ପ୍ରଭାବ ପକାଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ରର ଜଳସ୍ତରର ତାପମାତ୍ରା ସନ୍ତୁଳନ ରହୁନି। ଫଳରେ ସାମୁଦ୍ରିକ ଜୀବ ଲୋପ ପାଇବାରେ ଲାଗିଛି। ତେଣୁ ସମୟ ଥାଉ ଥାଉ ଜଳବାୟୁ ପରିବର୍ତ୍ତନ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ସହ ଏ ଦିଗରେ ସଚେତନତାର ଆବଶ୍ୟକ ରହିଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ଉପ ସଭାପତି ଏ.ପ୍ରକାଶ, ପି.ବିନୋଦ, ଅଜୟ ସାହୁ, ପ୍ରବୀଣ ନାୟକ, ବନମାଳୀ ପ୍ରଧାନ, ବାଲାଜୀ ବେହେରା, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଲସ୍ ଏଞ୍ଜେଲସ୍‌ରେ ହିଂସାତ୍ମକ ବିକ୍ଷୋଭ


ବିକ୍ଷୋଭକାରୀମାନେ ଏକ କାର୍ ଜାଳି ଦେଉଛନ୍ତି।


ଫେଡେରାଲ ବିଲ୍ଡିଂକୁ ଘେରିଥିବା ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଜଣେ ପୋଲିସ ଅଫିସର ଷ୍ଟନ୍ ଗ୍ରେନେଡ୍ ବ୍ୟବହାର କରୁଛନ୍ତି।

**ପାରାମାଉଣ୍ଟ,୮।୬**

ଆମେରିକାର ଲସ୍ ଏଞ୍ଜେଲସ୍‌ରେ ଶତାଧିକ ବିକ୍ଷୋଭକାରୀ ଏବଂ ସଂଘୀୟ ଇମିଗ୍ରେଶନ ଅଧିକାରୀଙ୍କ ମଧ୍ୟରେ ସଂଘର୍ଷ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଥିବାବେଳେ ଗଭର୍ନର ଗାଭିନ୍ ନ୍ୟୁସମ୍‌ଙ୍କ ବିରୋଧ ସତ୍ତ୍ୱେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସେଠାରେ ୨,୦୦୦ କାଲିଫର୍ନିଆ ନ୍ୟାଶନାଲ ଗାର୍ଡ ସୈନ୍ୟଙ୍କୁ ମୁତୟନ କରିଛନ୍ତି। ଦକ୍ଷିଣ ଲସ୍ ଏଞ୍ଜେଲ୍ସର ପାରାମାଉଣ୍ଟ ସହର ହୋମ୍ ଡିପୋ ନିକଟରେ ଶନିବାର ଆପ୍ରବାସନ ଅଧିକାରୀଙ୍କ ସହ ବିକ୍ଷୋଭକାରୀ

## କାଲିଫର୍ନିଆ ନ୍ୟାଶନାଲ ଗାର୍ଡ ମୁତୟନ କଲେ ଟ୍ରମ୍ପ୍

ମୁହାଁମୁହିଁ ହୋଇଥିଲେ। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଏଜେଣ୍ଟମାନେ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଫ୍ଲାଶ୍‌ବ୍ୟାଙ୍ଗ୍ ବିସ୍ଫୋରକ ଏବଂ ପିପର ବଲ୍ ବ୍ୟବହାର କରିଥିଲେ। ସୀମା ପାଟ୍ରୋଲିଂ ଗାଡ଼ିଗୁଡ଼ିକ ଉପରକୁ ବିକ୍ଷୋଭକାରୀ ଟେକାମାଡ଼ କରିଥିଲେ। ଏହାର ପୂର୍ବଦିନ ଇମିଗ୍ରେଶନ ଅଧିକାରୀମାନେ ଲସ୍ ଏଞ୍ଜେଲ୍ସ ଜିଲା ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜଣେ ଖ୍ୟାତନାମା ୟୁନିୟନ ନେତାଙ୍କ ସମେତ ଶତାଧିକ ଲୋକଙ୍କୁ ଗିରଫ କରିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ହିଂସା ଜାରି ରହିଲେ, କ୍ୟାମ୍ପ୍ ପେଣ୍ଡଲେଟନ୍‌ରେ ଥିବା ମେରାଇନ୍ ସୈନ୍ୟଙ୍କୁ ମୁତୟନ କରାଯିବ ବୋଲି ପ୍ରତିରକ୍ଷା ସଚିବ ପେଟେ ହେଗ୍‌ସେଠ୍ ଧମକ ଦେଇଛନ୍ତି।

ପାରାମାଉଣ୍ଟ ଓ କମ୍ପଟନ୍ ସହରରେ ଜୋର୍‌ଦାର ସଂଘର୍ଷ ପରେ ଟ୍ରମ୍ପ୍ ନ୍ୟାଶନାଲ ଗାର୍ଡ ସୈନ୍ୟ ମୁତୟନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦେଶ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ସତ୍ତ୍ୱେ ରହିଯାଇଥିବା ବେଆଇନ ଆପ୍ରବାସୀମାନଙ୍କ ଗିରଫଦାରି ଆରମ୍ଭ ହୋଇଥିବାବେଳେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଇମିଗ୍ରେଶନ ଏଜେଣ୍ଟମାନେ ବେଆଇନ ପ୍ରବାସୀଙ୍କୁ ଗିରଫ କରିବା ପରେ ଶୁକ୍ରବାରଠାରୁ ଲସ୍ ଏଞ୍ଜେଲ୍ସରେ ୨ ଦିନ ଧରି ବିକ୍ଷୋଭକାରୀ ଓ ଇମିଗ୍ରେଶନ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସଂଘର୍ଷ ଲାଗିରହିଥିଲା। ୧,୦୦୦ରୁ ଊର୍ଦ୍ଧ୍ୱ ଦଙ୍ଗାକାରୀ ସଂଘୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା କାର୍ଯ୍ୟାଳୟକୁ ଘେରିବା ସହ ଇମିଗ୍ରେଶନ ଓ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ସେମାନେ ଗାଡ଼ି ଓ ବିଲ୍ଡିଂରେ ଭଙ୍ଗାରୁଜା କରିଥିଲେ ବୋଲି ହୋମଲ୍ୟାଣ୍ଡ ସୁରକ୍ଷା ବିଭାଗ କହିଛି। ଆମେରିକାର ଇମିଗ୍ରେଶନ ଅଧିକାରୀଙ୍କ ସହ ମୁହାଁମୁହିଁ ହେବା ଓ ପୋଲିସକୁ ଆକ୍ରମଣ କରିବା ବିକ୍ଷୋଭକାରୀଙ୍କ ପାଇଁ ମହଙ୍ଗା ପଡ଼ିବ ବୋଲି ଏଫ୍‌ବିଆଇ ନିର୍ଦ୍ଦେଶକ କାଶ୍ ପଟେଲ ଚେତାବନୀ ଦେଇଛନ୍ତି। ଆକ୍ରମଣକାରୀଙ୍କୁ ଜେଲ ଯିବାକୁ ହେବ ବୋଲି ସେ କହିଛନ୍ତି।

## ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଥିବା କଲମ୍ବିଆ ସିନେଟରଙ୍କୁ ଗୁଳି

**ବୋଗୋଟା,୮।୬**


ମିଗୁଏଲ୍ ଉରିବେ ଟୁର୍ବେ

କଲମ୍ବିଆ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବାକୁ ଥିବା ସିନେଟର ମିଗୁଏଲ୍ ଉରିବେ ଟୁର୍ବେଙ୍କୁ ଶନିବାର ବୋଗୋଟାସ୍ଥିତ ଏକ ପ୍ରଚାର ରାଲିରେ ଗୁଳିମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଭଳି ହିଂସାତ୍ମକ କାର୍ଯ୍ୟ ଗ୍ରହଣଯୋଗ୍ୟ ନୁହେଁ ବୋଲି ତାଙ୍କ ଡେମୋକ୍ରାଟିକ୍ ସେଣ୍ଟର ପାର୍ଟି କହିଛି। ଫଣ୍ଟିବନ୍‌ସ୍ଥିତ ପାର୍କରେ ପ୍ରଚାର ଚାଲିଥିବାବେଳେ ଜଣେ ସଶସ୍ତ୍ର ଆତତାୟୀ ପଛରୁ ଗୁଳି କରିଥିଲେ। ୩୯ ବର୍ଷୀୟ ଉରିବେଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାଣ୍ଟା ଫେ ଫାଉଣ୍ଡେଶନ ହସ୍ପିଟାଲ ନିଆଯାଇଥିଲା। ନ୍ୟୁରୋଲୋଜିକାଲ ଏବଂ ପେରିଫେରାଲ ଭାସ୍କୁଲାର ପ୍ରୋସେଜିଓରରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ଆଶୁ ଆରୋଗ୍ୟ ପାଇଁ କାମନା କରିବାକୁ ସ୍ତ୍ରୀ ମାରିଆ କ୍ଲାଉଡିଆ ଟାରାଜୋନା ସିନେଟରଙ୍କ ଏକ୍ସ ଆକାଉଣ୍ଟ ଜରିଆରେ କଲମ୍ବିଆ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସିନେଟରଙ୍କ ଦେହରେ ୨ଟି ଗୁଳି ବାଜିଥିବାବେଳେ ତାଙ୍କ ପାଖରେ ଥିବା ଅନ୍ୟ ୨ ଜଣ ମଧ୍ୟ ଆହତ ହୋଇଛନ୍ତି। ଜଣେ ୧୫ ବର୍ଷୀୟ ବନ୍ଧୁକଧାରୀଙ୍କୁ ଗିରଫ କରାଯାଇଛି।

## ଜବରଦଖଲକାରୀ ସରକାରୀ ସମ୍ପତ୍ତି ଉପରେ ଅଧିକାର ଦାବି କରିପାରିବେନି: ହାଇକୋର୍ଟ

**ନୂଆଦିଲ୍ଲୀ,୮।୬(ପି.ଟି.)**

ଜବରଦଖଲକାରୀ ଦଖଲରେ ରଖିଥିବା ସରକାରୀ ଜମିରେ ରହିବା ପାଇଁ ଅଧିକାର ଦାବି କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ସେମାନେ ବେଆଇନ ଭାବେ ଦଖଲ କରି ରଖିଥିବା ଜମି ଉପରେ ଅଧିକାର ଦାବି କରିବା ଦ୍ୱାରା ସରକାରୀ ପ୍ରକଳ୍ପରେ ଅନାବଶ୍ୟକ ପ୍ରତିବନ୍ଧକ ସୃଷ୍ଟି ହେବ ବୋଲି ଉଚ୍ଚ ଅଦାଲତ କହିଛନ୍ତି। ଆଇନ ଅନୁଯାୟୀ ଦକ୍ଷିଣ ଦିଲ୍ଲୀର କାଲକାଜିରେ ଥିବା ଭୂମିହୀନ କ୍ୟାମ୍ପରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆଗେଇ ନେବା ପାଇଁ ହାଇକୋର୍ଟ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ)ଙ୍କୁ ଅନୁମତି ଦେବା ସହ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଝୁମ୍ପୁଡ଼ି ବସ୍ତିରୁ ଲୋକଙ୍କୁ ବାହାର ନ କରି ସ୍ଥିତାବସ୍ଥା ବଜାୟ ରଖିବା ଏବଂ ଜବରଦଖଲ ଉଚ୍ଛେଦ ଅଭିଯାନ ବନ୍ଦ କରିବା ପାଇଁ ଡିଡିଏକୁ ନିର୍ଦ୍ଦେଶ ଦେବା ନିମନ୍ତେ ୧,୨୦୦ ଲୋକ ହାଇକୋର୍ଟରେ ଆବେଦନ କରିଥିଲେ।

## ଜଷ୍ଟିସ୍ ବର୍ମା ମହାଭିଯୋଗରୁ ବର୍ତ୍ତିବା ପାଇଁ ଇସ୍ତଫା ଏକମାତ୍ର ବିକଳ୍ପ

**ନୂଆଦିଲ୍ଲୀ,୮।୬(ପି.ଟି.)**

ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ପାର୍ଲାମେଣ୍ଟ ମହାଭିଯୋଗ ଆଣିବାକୁ ଯାଉଥିବାବେଳେ ଏଥିରୁ ବର୍ତ୍ତିବା ପାଇଁ ତାଙ୍କ ପାଖରେ ମାତ୍ର ଗୋଟିଏ ବିକଳ୍ପ ରହିଛି। ତାହା ହେଲା ନିଜ ପଦବୀରୁ ଇସ୍ତଫା ଦେବା। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବିଚାରପତିଙ୍କ ନିଯୁକ୍ତି ଓ ବହିଷ୍କାର ପ୍ରକ୍ରିୟା ସମ୍ପର୍କରେ ଅବଗତ ଥିବା ଅଧିକାରୀମାନେ ଏହା କହିଛନ୍ତି। ପାର୍ଲାମେଣ୍ଟର ଯେକୌଣସି ସଦନରେ ବର୍ମା ନିଜର ପକ୍ଷ ରଖିବା ବେଳେ ପଦବୀ ଛାଡ଼ିବା ସମ୍ପର୍କରେ ଘୋଷଣା କରିପାରିବେ। ତାଙ୍କର ଏହି ମୌଖିକ ବିବୃତିକୁ ତାଙ୍କ ଇସ୍ତଫା ବିବେଚନା କରାଯିବ। ଯଦି ସେ ଇସ୍ତଫା ଦେବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଭାବେ ପେନ୍‌ସନ ଓ ଅନ୍ୟାନ୍ୟ ସୁବିଧା ପାଇବାକୁ ହକ୍‌ଦାର ହେବେ। ଅନ୍ୟପକ୍ଷରେ ମହାଭିଯୋଗରେ ପାର୍ଲାମେଣ୍ଟ ଦ୍ୱାରା ବହିଷ୍କୃତ ହେଲେ ସେ ଏହିସବୁ ସୁବିଧାରୁ ବଞ୍ଚିତ ହେବେ। ସମ୍ବିଧାନର ଅନୁଚ୍ଛେଦ ୨୧୭ ଅନୁଯାୟୀ ବିଚାରପତି ତାଙ୍କ ଇସ୍ତଫା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଲେଖିପାରିବେ। ଏଥିପାଇଁ କାହାର ଅନୁମୋଦନ ଦରକାର ନାହିଁ। ଜଷ୍ଟିସ୍ ବର୍ମାଙ୍କ ଘରୁ ବିପୁଳ ପରିମାଣର ଟଙ୍କା ଜବତ ଘଟଣାରେ ହାଉସ୍ ପ୍ୟାନେଲ ରିପୋର୍ଟ ଆଧାରରେ ତାଙ୍କ ବହିଷ୍କାର ପାଇଁ ସିଜେଆଇ ସଞ୍ଜୀବ ଖାନ୍ନା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ।

# ମୋଦି ସରକାରଙ୍କୁ ୧୧ ବର୍ଷ

**ନୂଆଦିଲ୍ଲୀ,୮।୬(ପି.ଟି.)**


ନରେନ୍ଦ୍ର ମୋଦି

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୧୧ ବର୍ଷ ପୂରଣ କରିଛି। ୨୦୨୪ ଜୁନ୍ ୯ରେ ମୋଦି ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ୪୦୦ ପାର୍ କରିବ ବୋଲି ପ୍ରଚାର ବେଳେ ଭାଜପା ଦାବି କରିଥିବାବେଳେ ସଂଖ୍ୟାଗରିଷ୍ଠତା ହରାଇବାରୁ ଆମେ ମୋଦିଙ୍କୁ ମନସ୍ତାତ୍ତ୍ୱିକ ଭାବେ ଶେଷ କରିଦେଇଛୁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସେତେବେଳେ କହିଥିଲେ। ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରେ ଭାଜପା ଦୁର୍ବଳ ପ୍ରଦର୍ଶନ କରିଥିବାରୁ ସରକାରରେ ତିଷ୍ଠି ରହିବା ପାଇଁ ଏହି ଦଳକୁ ଟିଡିପିର ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ଜେଡିୟୁର ନୀତିଶ କୁମାରଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ସମାଲୋଚକମାନେ ଦର୍ଶାଇବା ପରେ ଏହି ସରକାର ଖୁବ୍‌ଶୀଘ୍ର ଭାଙ୍ଗିଯିବ ବୋଲି କଂଗ୍ରେସ ନେତା କହିଥିଲେ। ମୋଦି ସରକାର ସୋମବାର ତାଙ୍କ ତୃତୀୟ ପାଳି ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଏବଂ ମୋଟ ୧୧ତମ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ଅଧିକ ସୁଦୃଢ଼ ହୋଇଛି। ତାଙ୍କ ସରକାର ପ୍ରତି ଲୋକଙ୍କ ଆସ୍ଥା ବଢ଼ିଥିବା ଦେଖାଯାଉଛି। ୨ ଅସ୍ଥିର ସହଯୋଗୀ କୌଣସି ଅବିଶ୍ୱସ୍ତଙ୍କ କଥାରେ ପଡ଼ି ଦୂରେଇଯାଇ ନାହାନ୍ତି। ପରବର୍ତ୍ତୀ ସମୟରେ ହୋଇଥିବା ବିଧାନସଭା ନିର୍ବାଚନରେ ଭାଜପା ବଡ଼ ବିଜୟ ହାସଲ କରିଛି। ଲୋକ ସଭା ନିର୍ବାଚନ ଫଳାଫଳ ହରିୟାଣା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ସମ୍ପୂର୍ଣ୍ଣ ବଦଳିଯାଇଥିବାବେଳେ ୨୬ ବର୍ଷ ପରେ ଦିଲ୍ଲୀ ଭାଜପା ଅକ୍ତିଆରକୁ ଯାଇଛି। ଅନ୍ୟପକ୍ଷରେ ଟିଏମ୍‌ସି ଏବଂ ଆପ୍ କଂଗ୍ରେସଠାରୁ ଦୂରେଇ ଯାଇଥିବାବେଳେ ମୋଦିଙ୍କ ବିରୋଧରେ ବିପକ୍ଷ ଦଳଗୁଡ଼ିକ ଏକାଠି ହେବାରେ ବିଫଳ ହୋଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।


ଜୟପୁରର ହାୱା ମହଲ ନିକଟରେ ଟ୍ରାଫିକ୍ ପୋଲିସ କର୍ମଚାରୀ ଇଲେକ୍ଟ୍ରିକ୍ ସେଲ୍ଫ-ବାଲାନ୍ସିଂ ସ୍କୁଟରରେ ପାଟ୍ରୋଲିଂ କରୁଛନ୍ତି।

# ଡେମୋକ୍ରାଟ୍ସଙ୍କୁ ଫଣ୍ଡିଂ କଲେ ପରିଣାମ ଗମ୍ଭୀର ହେବ

### ମସ୍କଙ୍କୁ ଚେତାବନୀ ଦେଲେ ଟ୍ରମ୍ପ୍

**ୱାଶିଂଟନ, ୮।୬**


ଏଲନ ମସ୍କ ଓ ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଟେସ୍‌ଲା ମୁଖ୍ୟ ଏଲନ ମସ୍କଙ୍କ ମଧ୍ୟରେ ସମ୍ପର୍କ ଦିନକୁ ଦିନ ଖରାପ ହେବାରେ ଲାଗିଛି। ମସ୍କଙ୍କ ସହ ତାଙ୍କର ଫାଟ ସୃଷ୍ଟି ହୋଇଥିବା ନେଇ ଶନିବାର ଟ୍ରମ୍ପ୍ ସ୍ୱୀକାର କରିଛନ୍ତି। ଏନ୍‌ବିସି ନ୍ୟୁଜ୍‌କୁ ଦେଇଥିବା ଏକ ଟେଲିଫୋନିକ୍ ଇଣ୍ଟରଭ୍ୟୁରେ ଟ୍ରମ୍ପ୍ କହିଛନ୍ତି, ମସ୍କ ସହ ତାଙ୍କର ସମ୍ପର୍କ ଶେଷ ହୋଇଛି। ନୂତନ ପରିସ୍ଥିତି ଅନୁଯାୟୀ, ଯଦି ମସ୍କ ଡେମୋକ୍ରାଟିକ୍ ପ୍ରାର୍ଥୀମାନଙ୍କୁ ଫଣ୍ଡିଂ କରନ୍ତି କିମ୍ବା ରିପବ୍ଲିକାନ ପାର୍ଟିର ଟାକ୍ସ ବିଲକୁ ବିରୋଧ କରୁଥିବା ପ୍ରାର୍ଥୀଙ୍କୁ ସହାୟତା କରନ୍ତି, ତେବେ ସେ ଏହାର ଗମ୍ଭୀର ପରିଣାମ ଭୋଗିବେ। ତେବେ ଏହି ଗମ୍ଭୀର ପରିଣାମ କ'ଣ ରହିବ ସେନେଇ ଟ୍ରମ୍ପ୍ ସ୍ପଷ୍ଟ କରି ନାହାନ୍ତି। ଟ୍ରମ୍ପ୍ କହିଛନ୍ତି, ଆମେରିକା ରାଷ୍ଟ୍ରପତି କାର୍ଯ୍ୟାଳୟକୁ ମସ୍କ ଅପମାନିତ କରିଛନ୍ତି। ତାଙ୍କ ପ୍ରଶାସନରେ ମସ୍କଙ୍କୁ ପ୍ରର୍ଯ୍ୟାପ୍ତ ସୁଯୋଗ ମିଳିଥିବା ଟ୍ରମ୍ପ୍ କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ଟ୍ରମ୍ପଙ୍କ 'ୱାନ୍ ବିଗ୍ ବିୟୁଟିଫୁଲ ବିଲିୟନ ବିଲ୍'କୁ ମସ୍କ ଏକ୍ସ'ରେ ସମାଲୋଚନା କରିଥିଲେ। ଏହି ବିଲ୍ ଆମେରିକାକୁ ମାନ୍ଦାବସ୍ଥା ଆଡ଼କୁ ଠେଲି ଦେଇପାରେ ବୋଲି ସେ କହିଥିଲେ। ଏହାପରେ ସେ ଟ୍ରମ୍ପଙ୍କ ପ୍ରଶାସନରୁ ଇସ୍ତଫା ଦେଇଥିଲେ।

## ସୁଟ୍‌କେଶ୍‌ରୁ ମିଳିଲା ୯ ବର୍ଷୀୟାଙ୍କ ମୃତଦେହ

**ନୂଆଦିଲ୍ଲୀ, ୮।୬**

ଉତ୍ତର-ପୂର୍ବ ଦିଲ୍ଲୀର ଦୟାଲପୁର ଅଞ୍ଚଳରେ ରବିବାର ଏକ ସୁଟ୍‌କେଶ୍ ମଧ୍ୟରୁ ୯ ବର୍ଷୀୟ ବାଳିକାଙ୍କ ମୃତଦେହ ଜବତ ହୋଇଛି। ପୀଡ଼ିତାଙ୍କୁ ଯୌନ ନିର୍ଯାତନା ଦିଆଯାଇ ଏହାପରେ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୀଡ଼ିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିବା ସହ ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଯୌନ ନିର୍ଯାତନା ସମେତ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ଇସ୍ରାଏଲ୍ ଆକ୍ରମଣରେ ୯୫ ପାଲେଷ୍ଟିନୀୟ ମୃତ

**ତେଲ୍ ଆଭିଭ୍,୮।୬**

### ଥାଇ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର

୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ସହ ଅପହରଣ କରିନେଇଥିବା ଥାଇଲାଣ୍ଡର ଜଣେ ପଣବନ୍ଦୀଙ୍କ ମୃତଦେହକୁ ହସ୍ତାନ୍ତର କରାଯାଇଥିବା ଇସ୍ରାଏଲ୍ କହିଛି। ଇସ୍ରାଏଲୀ ସେନା ଗାଜା ଉପରେ ଆକ୍ରମଣ ଜାରି ରଖିଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୯୫ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଥାଇଲାଣ୍ଡ ନାଗରିକ ନିଟ୍ଟାପଙ୍ଗ ପିଣ୍ଟା କୃଷି କାର୍ଯ୍ୟ କରିବା ପାଇଁ ଇସ୍ରାଏଲ୍ ଆସିଥିଲେ। ତାଙ୍କୁ କିବୁଜ୍ ନିର୍ ଓଜ୍‌ରୁ ଅପହରଣ କରିନିଆଥିଲା ଏବଂ ଯୁଦ୍ଧର ପ୍ରଥମ ଭାଗରେ ହତ୍ୟାକରାଯାଇଥିଲା ବୋଲି ଇସ୍ରାଏଲ୍ ସରକାର କହିଛନ୍ତି। ଅନ୍ୟ ୨ ନାଗରିକଙ୍କ ମୃତଦେହ ଏପର୍ଯ୍ୟନ୍ତ ମିଳି ନ ଥିବା ଥାଇଲାଣ୍ଡ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଯୁଦ୍ଧରେ ୪୬ ଜଣ ଥାଇଲାଣ୍ଡ ନାଗରିକଙ୍କ ମୃତ୍ୟୁ ଘଟିଛି। ଗାଜାର ରାଫାହ ଅଞ୍ଚଳରୁ ପିଣ୍ଟାଙ୍କ ମୃତଦେହ ଫେରାଇ ଅଣାଯାଇଥିବା ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ମୁଜାହିଦିନ୍ ବ୍ରିଗେଡ୍ସ ନାମକ ଏକ ଛୋଟ ସଶସ୍ତ୍ର ସଂଗଠନ ପିଣ୍ଟାଙ୍କ ସମେତ ଇସ୍ରାଏଲୀ-ଆମେରିକୀୟ ପଣବନ୍ଦୀ ଜିଦିହ ୱିନ୍‌ଷ୍ଟେଇନ୍ ଏବଂ ଗାଡ୍ ହାଗାଇଙ୍କୁ ନେଇଥିଲା। ଗୁରୁବାର ସେମାନଙ୍କ ମୃତଦେହକୁ ହସ୍ତାନ୍ତର କରାଯାଇଛି। ମୁଜାହିଦିନ ବ୍ରିଗେଡର ମୁଖ୍ୟ ଅସାଦ ଅବି ଶରାଇୟାଙ୍କୁ ଶନିବାର ଗାଜା ସିଟିରେ ହତ୍ୟା କରାଯାଇଥିବା ଇସ୍ରାଏଲୀ ସେନା କହିଛି। ଏବେ ବି ଗାଜାରେ ୫୫ ଜଣ ପଣବନ୍ଦୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକଙ୍କ ମୃତ୍ୟୁ ଘଟିଥିବା ଇସ୍ରାଏଲ୍ କହିଛି।

## ଫୁର୍‌ସତ


ଅକ୍ଷୟ କୁମାର

# କିଲର ମାସ୍କ ଲଗାଇ 'ହାଉସ୍‌ଫୁଲ ୫'ର ରିଭ୍ୟୁ ନେଲେ ଅକ୍ଷୟ

**ମୁମ୍ବାଇ:** ଚଳିତବର୍ଷର ବହୁ ପ୍ରତୀକ୍ଷିତ ମଲ୍ଟି ଷ୍ଟାରର୍ ଫିଲ୍ମ 'ହାଉସ୍‌ଫୁଲ ୫' ଗତ ୫ ତାରିଖରେ ରିଲିଜ୍ ହୋଇଛି। ଗତ ୨ ଦିନ ଧରି ଏହି ଫିଲ୍ମ ସିନେମା ହଲରେ ଦର୍ଶକଙ୍କୁ ଖୁବ୍ ମନୋରଞ୍ଜନ କରାଉଛି। ଫିଲ୍ମରେ ଅକ୍ଷୟ କୁମାରଙ୍କ ଅଭିନୟକୁ ସିନେପ୍ରେମୀ ପସନ୍ଦ କରିଛନ୍ତି। ତେବେ ଅକ୍ଷୟ ରବିବାର ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଅପ୍‌ଲୋଡ୍ କରିଛନ୍ତି, ଯାହା ତାଙ୍କ ପ୍ରଶଂସକଙ୍କୁ ଚକିତ କରିଛି। ଏହି ଭିଡିଓରେ ଅକ୍ଷୟ ମୁମ୍ବାଇର ବାନ୍ଦ୍ରାସ୍ଥିତ ଏକ ସିନେମା ହଲ୍ ସମ୍ମୁଖରେ ମୁହଁରେ କିଲର ମାସ୍କ ଲଗାଇବା ସହ ନିଜ ପରିଚୟ ଲୁଚାଇ ଫିଲ୍ମ ଦେଖି ଫେରୁଥିବା ଦର୍ଶକଙ୍କଠାରୁ 'ହାଉସ୍‌ଫୁଲ ୫'ର ରିଭ୍ୟୁ ନେଉଥିବା ନଜରକୁ ଆସିଛନ୍ତି। ଦର୍ଶକମାନେ ଫିଲ୍ମ ସମ୍ପର୍କିତ ଅକ୍ଷୟଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଅନେକ ଦର୍ଶକ 'ହାଉସ୍‌ଫୁଲ ୫' ଫିଲ୍ମ ହାସ୍ୟରସରେ ଭରପୂର ଥିବା ନେଇ କହିଥିଲେ। ତେବେ ଫିଲ୍ମର ରିଭ୍ୟୁ ଦେଉଥିବା ସମୟରେ କୌଣସି ମଧ୍ୟ ଦର୍ଶକ ଅକ୍ଷୟଙ୍କୁ ଚିହ୍ନି ପାରି ନ ଥିଲେ। ଅକ୍ଷୟ ନିଜ ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ପରିଚୟ ଲୁଚାଇ 'ହାଉସ୍‌ଫୁଲ ୫'ର ରିଭ୍ୟୁ ନେବା ପାଇଁ ଚେଷ୍ଟା କରୁଥିଲି। କେହି ଚିହ୍ନିବା ପୂର୍ବରୁ ସେଠାରୁ ଖସି ପଳାଇ ଆସିଲି। ରିପୋର୍ଟ ଅନୁଯାୟୀ, ରିଲିଜ୍ ହେବାର ପ୍ରଥମ ୨ ଦିନ ମଧ୍ୟରେ 'ହାଉସ୍‌ଫୁଲ ୫' ଫିଲ୍ମ କେବଳ ଘରୋଇ ବକ୍ସ ଅଫିସ୍‌ରୁ ୫୬.୭୩ କୋଟି ଟଙ୍କାର ବ୍ୟବସାୟ କରିଛି।

# ଲକ୍ଷାଧିକ ଟଙ୍କାର ଛେଳି

### ଫାର୍ମରେ ମିଳେ ଭିଆଇପି ଟ୍ରିଟ୍‌ମେଣ୍ଟ

**ଭୋପାଳ:** ସାଧାରଣତଃ ଛେଳିର ଦାମ୍ ପ୍ରାୟ ୧୫ରୁ ୪୦ ହଜାର ଟଙ୍କା ମଧ୍ୟରେ ରହିଥାଏ। କିନ୍ତୁ ଭୋପାଳର ନାରିୟଲଖେଡ଼ାରେ ରହୁଥିବା ସାହେବ ଅଲ୍ଲିଙ୍କ ଛେଳି ଫାର୍ମରେ ବିକ୍ରି ହେଉଥିବା ଛେଳିଗୁଡ଼ିକର ଦାମ୍ ଲକ୍ଷାଧିକ ଟଙ୍କାରୁ ଆରମ୍ଭ ହୋଇଥାଏ। ଏହି ଛେଳିଗୁଡ଼ିକୁ ଭିଆଇପି ଟ୍ରିଟ୍‌ମେଣ୍ଟ ଦିଆଯାଇ ବଡ଼ କରାଯାଇଥାଏ। ଏମାନଙ୍କର ଶରୀରର ଗଠନ ଅନ୍ୟ ଛେଳିଙ୍କଠାରୁ ଭିନ୍ନ। ଏହି ଛେଳିଗୁଡ଼ିକର ଓଜନ ୬୦ କେ.ଜିରୁ ନେଇ ୧ କୁଇଣ୍ଟାଲ ଏବଂ ଏହାଠାରୁ ଅଧିକ ମଧ୍ୟ ରହିଥାଏ। ଏହି ଭିଆଇପି ଛେଳି ଜଳଖିଆରେ କାଜୁ, ବାଦାମ, ପିସ୍ତା ଭଳି ବିଭିନ୍ନ ଡ୍ରାଏଫ୍ରୁଟ୍ସ ଖାଇଥାନ୍ତି। ସେହିପରି ପ୍ରତିଦିନ ଖାଦ୍ୟରେ ସେମାନଙ୍କୁ କ୍ଷୀର, ଲହୁଣୀ ଏବଂ ଗାଈର ଶୁଦ୍ଧ ଘିଅ ଦିଆଯାଇଥାଏ। ଦିନବେଳା ଏହି ଛେଳିମାନେ ଦେଶୀ ଚଣା ଏବଂ ମକା ଖାଇଥାନ୍ତି। ଏହି ଫାର୍ମରେ ଥିବା ଛେଳିମାନଙ୍କ ପାଇଁ କୁଲର୍ ଏବଂ ପଙ୍ଖାର ବ୍ୟବସ୍ଥା ମଧ୍ୟ ରହିଛି। ଫାର୍ମର ମାଲିକ ସାହେବ କହିଛନ୍ତି, ତାଙ୍କ ଫାର୍ମର ଛେଳିଙ୍କର ଚାହିଦା କେବଳ ଦେଶରେ ନୁହେଁ ବରଂ ବିଦେଶରେ ରହିଛି। ଏହି ନିଆରା ଛେଳିଗୁଡ଼ିକୁ କିଣିବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ଅନେକ ଲୋକ ଆସିଥାନ୍ତି। ବିକ୍ରି ଟଙ୍କା ମିଳିଯିବା ପରେ ସେ ଛେଳିଗୁଡ଼ିକୁ ଉପଯୁକ୍ତ ଠିକଣାରେ ପହଞ୍ଚାଇଦିଅନ୍ତି ବୋଲି ସାହେବ କହିଛନ୍ତି। ତେବେ ଛେଳିଗୁଡ଼ିକୁ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ସେମାନଙ୍କୁ ବିଭିନ୍ନ ବିଳାସପୂର୍ଣ୍ଣ ଗାଡ଼ିରେ ନିଜ ନୂତନ ଠିକଣାକୁ ଛଡ଼ା ଯାଇଥାଏ। ସମ୍ପ୍ରତି ଅନ୍‌ଲାଇନ ଯୋଗେ ମଧ୍ୟ ଗ୍ରାହକମାନେ ତାଙ୍କ ଫାର୍ମର ମନପସନ୍ଦର ଛେଳି ଠିକ୍ କରି ଆଗୁଆ ବୁକିଂ କରନ୍ତି ବୋଲି ସାହେବ କହିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କ ନିକଟରେ ବିଭିନ୍ନ ବ୍ରିଡ୍‌ର ଛେଳି ଉପଲବ୍ଧ ରହିଛି, ଯାହାର ମୂଲ୍ୟ ପ୍ରାୟ ୩ରୁ ୪ ଲକ୍ଷ ଟଙ୍କା ମଧ୍ୟରେ ରହିଥାଏ। ନିକଟରେ ମୁମ୍ବାଇର ଜଣେ ବ୍ୟକ୍ତି ସାହେବଙ୍କ ଫାର୍ମରୁ ୬.୫୦ ଲକ୍ଷ ଟଙ୍କା ଦେଇ ଏକ ଛେଳି କିଣିଥିଲେ। ଏହାପୂର୍ବରୁ ତାଙ୍କ ଫାର୍ମରେ ଆଉ ଏକ ଛେଳି ୧୨ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲା। ଶନିବାର ଦେଶରେ ବକ୍‌ରିଦ୍ ପାଳନ ହୋଇଥିବାବେଳେ ଏହାର ପ୍ରାୟ ମାସକ ପୂର୍ବରୁ ତାଙ୍କ ଫାର୍ମର ଛେଳି କିଣିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା ବୋଲି ସାହେବ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖୁଚୁରା ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର,୮।୬

କ୍ରମାଗତ ଭାବେ ଅଟୋ ଶିଳ୍ପରେ ସୁଧାର ଆସିବା ସହିତ ଖୁଚୁରା ଯାନ ବିକ୍ରି ବୃଦ୍ଧି ପାଇଛି ବୋଲି ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ୍ସ (ଏଫ୍ଏଡିଏ/ଫାଡା) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ମାସିକ ଓ ବାର୍ଷିକ ଖୁଚୁରା ଯାନ ବିକ୍ରି ଫଳାଫଳକୁ ଫାଡା ପକ୍ଷରୁ ନିକଟରେ ଘୋଷଣା କରାଯାଇଛି। ଫାଡାର ସୂଚନା ଅନୁଯାୟୀ ୨୦୨୫ ମେ'ରେ ମୋଟ ୪୫,୨୦,୬୬୧ ୟୁନିଟ ଖୁଚୁରା ଯାନ ସର୍ବଭାରତୀୟସ୍ତରରେ ବିକ୍ରି କରାଯାଇଛି। ଏପରି କି ୨୦୨୪ ମେ'ରେ ମୋଟ ୪୩,୨୮,୮୫୯ ୟୁନିଟ ଖୁଚୁରା ଯାନ ସର୍ବଭାରତୀୟସ୍ତରରେ ବିକ୍ରି କରାଯାଇଥିଲା। ଗତବର୍ଷର ଏହି ଅବଧି ତୁଳନାରେ ଚଳିତବର୍ଷ ମେ ମାସ



ଶେଷ ସୁଦ୍ଧା ବିକ୍ରି କରାଯାଇଥିବା ଖୁଚୁରା ଯାନ ପରିମାଣ ବାର୍ଷିକ ଭିତ୍ତିରେ ୪.୪୩% ଅଧିକ ବିକ୍ରି କରାଯାଇଛି। ସେହିଭଳି ୨୦୨୫ ମେ' ମାସରେ ମୋଟ ୩୩,୪୬,୪୨୭ ୟୁନିଟ ଦୁଇ ଚକିଆ ଯାନ ବିକ୍ରି କରାଯାଇଥିଲାବେଳେ ୨,୦୪,୨୩୨ ୟୁନିଟ ୩ ଚକିଆ ଯାନ ଏହି ଅବଧି ମଧ୍ୟରେ ବିକ୍ରି କରାଯାଇଛି। ଏପରି କି କମର୍ସିଆଲ ଭେଇକିଲ୍ସ (ସିଭି) ୧,୬୧,୨୬୫ ୟୁନିଟ, ପାସେଞ୍ଜର ଭେଇକିଲ୍ସ (ପିଭି) ୬,୬୩,୩୯୦ ୟୁନିଟ ଯାନ ଏବଂ ଟ୍ରାକ୍ଟର ୧,୩୨,୯୪୬ ୟୁନିଟ ବିକ୍ରି କରାଯାଇଛି। ସେହିପରି ୨୦୨୪ରେ ମୋଟ ୩୧,୮୯,୬୮୩ ୟୁନିଟ ଦୁଇ ଚକିଆ ଯାନ ବିକ୍ରି କରାଯାଇଥିଲା ବେଳେ ୧,୭୮,୪୦୦ ୟୁନିଟ ୩ ଚକିଆ ଯାନ ଏହି ଅବଧି ମଧ୍ୟରେ ବିକ୍ରି କରାଯାଇଛି। ଏପରି କି କମର୍ସିଆଲ ଭେଇକିଲ୍ସ (ସିଭି) ୧,୬୪,୧୧୭ ୟୁନିଟ, ପାସେଞ୍ଜର ଭେଇକିଲ୍ସ (ପିଭି) ୬,୫୬,୫୧୧ ୟୁନିଟ ଏବଂ ଟ୍ରାକ୍ଟର ୧,୨୬,୬୯୨ ୟୁନିଟ ଯାନ ବିକ୍ରି କରାଯାଇଥିଲା। ଅପରପକ୍ଷରେ ୩ ଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି (୧୪.୪୮%) ଦେଖିବାକୁ ମିଳିଥିଲାବେଳେ ୨ ଚକିଆ ଯାନରେ ପ୍ରାୟ ୫% (୪.୯୧%) ବିକ୍ରି ବୃଦ୍ଧି ଘଟିଛି। ସିଭି ଯାନରେ ବିକ୍ରି ପରିମାଣ ୧.୭୪% ହ୍ରାସ ଘଟିଥିଲାବେଳେ ପିଭି ଯାନ କ୍ଷେତ୍ରରେ ୧.୦୫% ବିକ୍ରି ଏବଂ ଟ୍ରାକ୍ଟର ବିକ୍ରି ୪.୯୪% ବୃଦ୍ଧି ଘଟିଛି। ମୋଟ ଉପରେ ଦେଶର ଖୁଚୁରା ଯାନ ବିକ୍ରି ୪.୪୯% ବୃଦ୍ଧି ଘଟିଛି ବୋଲି ଫାଡା ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଫାଡାର ସଭାପତି ସି.ଏସ. ଭିଘ୍ନେଶ୍ୱର କହିଥିଲେ, ଶିଳ୍ପର ଗାଡ଼ି ବିକ୍ରି ସ୍ୱାଭାବିକ ହୋଇଥିଲାବେଳେ ମାସିକ ବିକ୍ରିରେ ମଧ୍ୟ ବୃଦ୍ଧି ଘଟିଛି। ୨୦୨୫ ମେ' ମାସରେ ବାର୍ଷିକ ଭିତ୍ତିରେ ୪%ରୁ ଅଧିକ ଖୁଚୁରା ଯାନ ବିକ୍ରି ହୋଇଛି।

# ନେଟ୍ ମିଟରିଂ ପ୍ରକ୍ରିୟାକରଣ ଫିସ୍ ଛାଡ଼

ଭୁବନେଶ୍ୱର,୮।୬

ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏକ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଶେଷ କରି ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଳି ଯୋଜନା (ପିଏମ୍ଏସ୍‌ଜିଏମ୍‌ବିୱାଇ) ଅଧୀନରେ ଏହି ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶାରେ ରୁଫଟପ୍ ସୋଲାର ବ୍ୟବସ୍ଥା ସ୍ଥାପନକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଅଭିଯାନକୁ ଜୋରଦାର କରାଯାଇଛି। ଏପରି କି ଗ୍ରାହକମାନଙ୍କ ସୁବିଧା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଳି ଯୋଜନା ଅଧୀନରେ ରୁଫଟପ୍ ସୋଲାର ବ୍ୟବସ୍ଥା ପାଇଁ ନେଟ୍ ମିଟରିଂ ପ୍ରକ୍ରିୟାକରଣ ଫିସ୍ ୫୦୦ଟଙ୍କା ଛାଡ଼ କରାଯାଇଛି। ଏହାଦ୍ୱାରା ଅନ୍‌ଲାଇନ୍ ଡିମାଣ୍ଡ ନୋଟ୍ ସୃଷ୍ଟି ଏବଂ ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଦେୟ ପ୍ରଦାନ ଆବଶ୍ୟକତା ଦୂର ହୋଇଛି। ସେହିଭଳି ପୂର୍ବରୁ ଟିପିସିଓଡିଏଲ୍ ୧୦ କିଲୋୱାଟ୍ ପର୍ଯ୍ୟନ୍ତ ବ୍ୟବସ୍ଥା ପାଇଁ ଟେକ୍ନିକାଲ୍ ଫିଜିବିଲିଟି ଷ୍ଟଡିର ଆବଶ୍ୟକତାକୁ ରଦ୍ଦ କରିଥିଲା ଏବଂ ସେକ୍ସନ୍ ମ୍ୟାନେଜରଙ୍କୁ ସମସ୍ତ କାର୍ଯ୍ୟ ପାଇଁ ସିଙ୍ଗଲ୍ ପଏଣ୍ଟ କଣ୍ଟାକ୍ଟ ଭାବେ ନିଯୁକ୍ତ କରି ସାଇଟ୍ ନିରୀକ୍ଷଣ, ନେଟ୍ ମିଟରିଂ ଚୁକ୍ତିନାମା ସ୍ୱାକ୍ଷର, ନେଟ୍ ମିଟର୍ ସ୍ଥାପନ ଇତ୍ୟାଦି ପାଇଁ ଲାଗୁଥିବା ସମୟକୁ ମଧ୍ୟ ହ୍ରାସ କରିଥିଲା। ଏହି ଯୋଜନାକୁ ଅଧିକରୁ ଅଧିକ ଗ୍ରାହକ ଅନୁକୂଳ କରିବା ପାଇଁ ଟିପିସିଓଡିଏଲ୍ ନିୟାମକ ଢାଞ୍ଚା ମଧ୍ୟରେ ପ୍ରକ୍ରିୟାଗୁଡିକୁ ସରଳ କରିବା ପାଇଁ ନିରନ୍ତର ପ୍ରୟାସ କରୁଛି। ଏ ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ଅକ୍ଷୟ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ। ଏହି ଅଭିଯାନ କେବଳ ରୁଫଟପ୍ ସୋଲାର ସ୍ଥାପନ ନୁହେଁ; ବରଂ ଏହା ଆମ ସମାଜ ପାଇଁ ଏକ ସ୍ଥାୟୀ ପରିବର୍ତ୍ତନ ସୃଷ୍ଟି କରିବା ଉପରେ ଧ୍ୟାନ ଦେଇଛି। ଆମେ ସାଧାରଣ ଲୋକ ଏବଂ ବ୍ୟବସାୟିକ ଅନୁଷ୍ଠାନଗୁଡିକୁ ସୌର ଶକ୍ତି ଗ୍ରହଣ କରିବାକୁ ଏବଂ ଏକ ସବୁଜ ଓଡ଼ିଶା ଗଠନରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ।

# ଟ୍ରେଣ୍ଡ୍‌ସରେ 'ରଜ ମଉଜ'ର ଶୁଭାରମ୍ଭ

ମୁମ୍ବାଇ,୮।୬ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଟ୍ରେଣ୍ଡ୍‌ସରେ 'ରଜ ମଉଜ'ର ଶୁଭାରମ୍ଭ କରାଯାଇଛି। ଅପରପକ୍ଷରେ ଶ୍ରେଷ୍ଠ ରଜ ଲୁକ୍ସ ପ୍ରତିଯୋଗିତା ସହ ରଜ ଅଭିଯାନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତବର୍ଷର ରଜ ଅଭିଯାନକୁ ଗ୍ରାହକଙ୍କ ପାଇଁ ଅଧିକ ରୋମାଞ୍ଚକର ଏବଂ ଲାଭଦାୟକ କରିବା ପାଇଁ ଟ୍ରେଣ୍ଡ୍‌ସ ଏକ ସ୍ୱତନ୍ତ୍ର ପଦକ୍ଷେପ ଆରମ୍ଭ କରିଛି; ଯେଉଁଥିରେ ୩,୪୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର କିଣାକିଣି କରୁଥିବା ଗ୍ରାହକମାନେ ମାତ୍ର ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇପାରିବେ। ଏଥିସହ ଏହି ଅବଧି ମଧ୍ୟରେ ଗ୍ରାହକମାନେ ଶ୍ରେଷ୍ଠ ରଜ ଲୁକ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆକର୍ଷଣୀୟ ପୁରସ୍କାର ମଧ୍ୟ ଜିତିପାରିବେ। ଏ ନେଇ ଟ୍ରେଣ୍ଡ୍‌ସ ଗ୍ରାହକମାନଙ୍କଠାରୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆବେଦନ ଆମନ୍ତ୍ରଣ କରୁଛି, ଯେଉଁଥିରେ ସେମାନେ ନିଜର ଏକ ସେଲ୍ଫି କ୍ଲିକ୍ କରି ସେମାନଙ୍କ ଇନଷ୍ଟାଗ୍ରାମ କିମ୍ବା ଫେସବୁକ୍ ପ୍ରୋଫାଇଲରେ ପୋଷ୍ଟ କରିବା ସହିତ ଇନଷ୍ଟାଗ୍ରାମରେ @Trends.Official ପୃଷ୍ଠାକୁ ଟ୍ୟାଗ୍ କରି ଶ୍ରେଷ୍ଠ ରଜ ଲୁକ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟାୟାର୧ ଓ ୨ ସହର ଏବଂ ଏହା ବାହାରେ ଭାରତର ଉପଭୋକ୍ତାମାନଙ୍କ ସହ ଏହାର ଉପଲବ୍ଧତା ଏବଂ ଯୋଗାଯୋଗକୁ ସୁଦୃଢ଼ କରି ଟ୍ରେଣ୍ଡ୍‌ସ ପ୍ରକୃତରେ ଭାରତରେ ଫ୍ୟାଶନକୁ ଗଣତାନ୍ତ୍ରିକ କରୁଛି। ଏହା ଭାରତର ପ୍ରିୟ ଫ୍ୟାଶନ ଶପିଂ ଗନ୍ତବ୍ୟସ୍ଥଳରେ ପରିଣତ ହୋଇଛି। ଟ୍ରେଣ୍ଡ୍‌ସ ଷ୍ଟୋରଗୁଡ଼ିକରେ ଆଧୁନିକ ଲୁକ୍ ଏବଂ ପରିବେଶ ରହିଛି, ଯେଉଁଥିରେ ଉତ୍ତମ ଗୁଣବତ୍ତା ଏବଂ ଫ୍ୟାଶନ ସାମଗ୍ରୀର ଏକ ଆକର୍ଷଣୀୟ ପରିସର ରହିଛି, ଯାହାକି ସ୍ଥାନୀୟ ଅଞ୍ଚଳର ଉପଭୋକ୍ତାମାନଙ୍କ ପସନ୍ଦ, ଅନୁରୂପ ଏବଂ ସୁଲଭ ମୂଲ୍ୟରେ ଉପଲବ୍ଧ। ଗ୍ରାହକ ପୋଷାକ କ୍ରୟ ପାଇଁ ଖର୍ଚ୍ଚ କରୁଥିବା ଟଙ୍କାର ସର୍ବାଧିକ ଲାଭ ପାଇଥାନ୍ତି। ଗ୍ରାହକମାନେ ଟ୍ରେଣ୍ଡ୍‌ସ ଷ୍ଟୋରଗୁଡ଼ିକରେ ଟ୍ରେଣ୍ଡି ଓମେନ୍ସ ୱେୟାର, ମେନ୍‌ସ ୱେୟାର, କିଡ୍ସ ୱେୟାର ଏବଂ ଫ୍ୟାଶନ ଆସେସୋରିଜ୍‌କୁ ଉତ୍ତମ ମୂଲ୍ୟରେ କିଣିବାର ଏକ ଅନନ୍ୟ ଏବଂ ଉତ୍କୃଷ୍ଟ ଅନୁଭୂତି ପାଇପାରିବେ।




# ରିଲାଏନ୍ସ ଡିଜିଟାଲର ନୂତନ ଅଭିଯାନ

ମୁମ୍ବାଇ,୮।୬

ରିଲାଏନ୍ସ ଡିଜିଟାଲ୍‌ର ନୂତନ ଅଭିଯାନ 'ଶପ୍ ଆଣ୍ଡ୍ ୱିନ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଭିଯାନ ଜରିଆରେ ଗ୍ରାହକମାନେ ଆକର୍ଷଣୀୟ ରିହାତି ସାଙ୍ଗକୁ ପ୍ରାୟ ୩୦ କୋଟି ଟଙ୍କାର ପୁରସ୍କାର ଜିତିବାର ସୁଯୋଗ ରହିଛି। ଏହି ସ୍ୱତନ୍ତ୍ର କ୍ରୟ ଅଫର ୨୦୨୫ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅବଧି ମଧ୍ୟରେ ରିଲାଏନ୍ସ ଡିଜିଟାଲ୍ ଷ୍ଟୋର, ମାଇଁ ଜିଓ ଷ୍ଟୋର ଏବଂ ଅନ୍‌ଲାଇନ୍ reliancedigital.in ରେ ଶପିଙ୍ଗ୍ କରୁଥିବା ଗ୍ରାହକମାନେ ପ୍ରାୟ ୩୦ କୋଟି ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ସହିତ ଆକର୍ଷଣୀୟ ଉପହାର ଜିତିବାର ସୁଯୋଗ ପାଇବେ। ବିଶେଷ କରି ଗ୍ରାହକମାନେ ୨୫ଟି କାର, ୪୦ଟି ବାଇକ ଏବଂ ୪୫୦ରୁ ଅଧିକ ଇଲେକ୍‌ଟ୍ରୋନିକ୍ ଉତ୍ପାଦ ଜିତିବାର ସୁଯୋଗ ରହିଛି। ଏପରି କି ଲାପଟପ୍ ଏବଂ ୱାଶିଂ ମେଶିନ୍ କ୍ରେତାଙ୍କ ପାଇଁ ନିଶ୍ଚିତ ଉପହାର ସାମିଲ ରହିଛି। ସେହିଭଳି ଏହି ନୂତନ ଅଭିଯାନ ଆରମ୍ଭ କରି ରିଲାଏନ୍ସ ଆପଣଙ୍କ ଶପିଙ୍ଗ୍ ଅଭିଜ୍ଞତାରେ ଅତିରିକ୍ତ ଆନନ୍ଦ ଆଣିଦେଉଛି। ଯେଉଁଠାରେ ଏକ ସୁଯୋଗ ରହିଛି, ପ୍ରତ୍ୟେକ କ୍ରୟ ଉପରେ ପୁରସ୍କାର ପ୍ରଦାନ କରିଥାଏ। ଏହାସହିତ ୨୦୨୫ ଜୁନ୍ ୧୫ ପର୍ଯ୍ୟନ୍ତ ଆଇସିଆଇସିଆଇ ବ୍ୟାଙ୍କ କାର୍ଡ ବ୍ୟବହାର କରି ଗ୍ରାହକମାନେ ପ୍ରାୟ ୧୫,୦୦୦ ଟଙ୍କା




ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ। ଏପରି କି ଲାପଟପ୍ କ୍ରେତାମାନେ ପ୍ରାୟ ୧ କୋଟି ଟଙ୍କାର ସ୍କଲାରଶିପ୍ ରାଶି ଜିତିବାର ସୁଯୋଗ ମଧ୍ୟ ପାଇବେ। ସୂଚନାଯୋଗ୍ୟ, ରିଲାଏନ୍ସ ଡିଜିଟାଲ୍ ହେଉଛି, ଭାରତର ସର୍ବବୃହତ ଇଲେକ୍‌ଟ୍ରୋନିକ୍ସ ରିଟେଲର; ଯାହାର ଉପସ୍ଥିତି ୬୦୦ରୁ ଅଧିକ ସହରରେ ରହିଛି। ୬୫୦ରୁ ଅଧିକ ବଡ଼ ଫର୍ମାଟ୍ ରିଲାଏନ୍ସ ଡିଜିଟାଲ୍ ଷ୍ଟୋର୍ ଏବଂ ୯୯୦ରୁ ଅଧିକ ମାଇଁ ଜିଓ ଷ୍ଟୋର୍ ସହିତ ରହିଛି, ଯାହା ଦେଶର ପ୍ରତ୍ୟେକ କୋଣରେ ଗ୍ରାହକମାନଙ୍କୁ ସେବା ଯୋଗାଇଥାଏ, ସର୍ବୋତ୍ତମ ଟେକ୍ନୋଲୋଜିକୁ ସମସ୍ତଙ୍କ ପାଇଁ ସୁଗମ କରିଥାଏ। ୩୦୦ରୁ ଅଧିକ ଅନ୍ତର୍ଜାତୀୟ, ଜାତୀୟ ବ୍ରାଣ୍ଡ ଏବଂ ସର୍ବୋତ୍ତମ ମୂଲ୍ୟରେ ୫୦୦୦ରୁ ଅଧିକ ଉତ୍ପାଦ ସହିତ ରିଲାଏନ୍ସ ଡିଜିଟାଲ୍ ପାଖରେ ଗ୍ରାହକମାନଙ୍କୁ ସେମାନଙ୍କ ଜୀବନଶୈଳୀ ପାଇଁ ଠିକ୍ ଟେକ୍ନୋଲୋଜି ସମାଧାନ ଖୋଜିବାରେ ସାହାଯ୍ୟ କରିବା ପାଇଁ ମଡେଲର ସର୍ବବୃହତ ସିଲେକ୍ସନ୍ ଅଛି।

# ଋଣ ସଚେତନତା ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର,୮।୬

ସାରା ଦେଶରେ ଏକ ଉତ୍ସର୍ଗୀକୃତ ଋଣ ସଚେତନତା ଅଭିଯାନର ଶୁଭାରମ୍ଭ ପାଇଁ ଟ୍ରାନ୍ସୟୁନିୟନ ସିବିଲ ପକ୍ଷରୁ ସା-ଧନ ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏପରି କି ମାଇକ୍ରୋଫାଇନାନ୍ସ ବ୍ୟବସ୍ଥାରେ ଋଣ ସାକ୍ଷରତାକୁ ବଢ଼ାଇବା ଓ ଉଚିତ ଋଣ ପ୍ରଥା ଆରମ୍ଭ କରିବା ଲାଗି ପ୍ରସ୍ତୁତ ଏହି ଅଭିଯାନ ସାରା ଭାରତର ମାଇକ୍ରୋଫାଇନାନ୍ସ ଗ୍ରାହକ ଓ ଋଣ ପ୍ରଦାନକାରୀଙ୍କୁ ସମର୍ଥନ କରିବ। ସେହିଭଳି ଏହି ସହଯୋଗିତା ତଥ୍ୟ ଭିତ୍ତିକ ସୂଚନା, ଟୁଲ ଓ ତାଲିମ ଜରିଆରେ ଋଣ ଆକଳନ ଓ ନିରୀକ୍ଷଣ ଦକ୍ଷତାରେ ଉନ୍ନତି ଆଣି ମାଇକ୍ରୋଫାଇନାନ୍ସ ଅନୁଷ୍ଠାନ (ଏମ୍ଏଫ୍ଆଇ) ଗୁଡ଼ିକୁ ସଶକ୍ତ କରିବ। ଫଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଦାୟିତ୍ୱବାନ ଋଣ ପ୍ରଦାନର ପ୍ରସାର ହୋଇପାରିବ। ଏହି ଅଭିଯାନରେ ବିବିଧ ଭାଷାର ଡିଜିଟାଲ ବିଷୟବସ୍ତୁ ଓ ଗୋଷ୍ଠୀ ପରିଚାଳନା ଆଉଟରିଚ କାର୍ଯ୍ୟକ୍ରମ ରହିବ, ଯାହା ଫଳରେ ବିଭିନ୍ନ ଅଞ୍ଚଳରେ ଏହା ଲୋକମାନଙ୍କ ପାଖରେ ପହଞ୍ଚିପାରିବ।


# Classified Everyday

0674-2580101, 9692975378




SALE

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call-9861642492.** D-738

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Tolet for Shop 400sqft. SCR_18, Janapath, Hotel Apsara Building-Ground floor, Bapujinagar-9. Call-8249485846, 8895618001. D-872




Newly open Jyoti SPA positively health benefits (expert therapist). 8458067955. D-870

Wellness relax body massage & joint pain treatment by trend therapist. 7327020180. D-76917

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

## AFFIDAVIT

By virtue of an affidavit before Executive Magistrate, Bhadrak, I, Snehamayee Behera (22 years), D/o- Madan Mohan Behera, Vill- Raghunathpur, P.O.- Aliha, P.S.- Simulia, Dist.- Balasore, PIN-756182 declare that I have changed my name from Mami Behera to Snehamayee Behera. Henceforth, I shall be known as Snehamayee Behera for all purposes. D-876

I, Saroj Kumar Pattanaik, S/o- Niranjan Pattanaik of Vill- Udayapur, P.O.- Udayapur, P.S.- Nuagaon, Dist.- Nayagarh, PIN-752083, Odisha declare by this affidavit No.- 175/2025, dtd. 29.5.2025, that now onwards I shall be known as Saroj Kumar Patnaik for all future purposes. D-874

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Najima Bibi, age-30 years, W/o- Munaf Khan, At- Panisanda, P.O.- Sukhsanda Patna, Bhograi, Balasore. That before my marriage name is Najima Khatun, D/o- Mohammad Ayub Alli Khan, that I as Najima Bibi, W/o- Munaf Khan, At- Panisanda, P.O.- S.S. Patna, Bhograi, Balasore, PIN- 756036, Odisha declare by this affidavit No.- 2018, dtd. 06.06.2025 that now onwards I shall be known as Najima Bibi for all future purposes. D-877

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


## LEGAL NOTICE

Notice under order 5 Rule 20 of C.P.C

ସିଭିଲ ଜଜ୍ ସିନିୟର ଡିଭିଜନ୍, ପ୍ରଥମ ଅତିରିକ୍ତ ଅଦାଲତ, କଟକ ସିଭିଲ ସୁଟ୍ ନଂ- ୧୦୭୦/୨୦୨୨

ଯଶସ୍ୱିନୀ ସାହୁ ଓଗେର ...... ବାଦୀମାନେ

ବନାମ

ଆଶିଷ କୁମାର ରିଡ଼ ଓଗେର .... ପ୍ରତିବାଦୀମାନେ

ପ୍ରତିବାଦୀ ନଂ-୭- ଅର୍ଚ୍ଚନା ମିଶ୍ର, ବୟସ ବ୫୬ର୍ଷ, ପିତା- ସ୍ୱର୍ଗତ ନିର୍ମଳ ଚନ୍ଦ୍ର ମିଶ୍ର, ସା-ଟିଭି ସେଣ୍ଟର ପାଖ, ତୁଳସିପୁର, ପୋ.ଅ.- ତୁଳସିପୁର, ଥାନା- ବିଡ଼ାନାସି, ସହର/ଜିଲ୍ଲା- କଟକ।

ପ୍ରତିବାଦୀ ନଂ-୮- ଅନୁରାଧା ମିଶ୍ର, ବୟସ ବ୫୫ର୍ଷ, ପିତା: ସ୍ୱର୍ଗତ ନିର୍ମଳ ଚନ୍ଦ୍ର ମିଶ୍ର, ସା-ଟିଭି ସେଣ୍ଟର ପାଖ, ତୁଳସିପୁର, ପୋ.ଅ.- ତୁଳସିପୁର, ଥାନା- ବିଡାନାସି, ସହର/ଜିଲ୍ଲା- କଟକ।

ପ୍ରତିବାଦୀ ନଂ-୯- ଅଭିନାଶ ମିଶ୍ର, ବୟସ ବ୫୦ର୍ଷ, ପିତା: ସ୍ୱର୍ଗତ ନିର୍ମଳ ଚନ୍ଦ୍ର ମିଶ୍ର, ସା-ଟିଭି ସେଣ୍ଟର ପାଖ, ତୁଳସିପୁର, ପୋ.ଅ.- ତୁଳସିପୁର, ଥାନା- ବିଡ଼ାନାସି, ସହର/ଜିଲ୍ଲା-କଟକ।

ପ୍ରତିବାଦୀ ନଂ-୧୧- ସୁମନ୍ତ ମଣି, ବୟସ ବ୫୫ର୍ଷ, ପିତା: ସ୍ୱର୍ଗତ କୃପାନନ୍ଦ ମଣି, ସା-ଟିଭି ସେଣ୍ଟର ପାଖ, ତୁଳସିପୁର, ପୋ.ଅ.- ତୁଳସିପୁର, ଥାନା- ବିଡ଼ାନାସି, ସହର/ଜିଲ୍ଲା- କଟକ।

ପ୍ରତିବାଦୀ ନଂ.-୧୨- ସୁଶାନ୍ତ ମଣି, ବୟସ ବ୫୧ର୍ଷ, ପିତା: ସ୍ୱର୍ଗତ କୃପାନନ୍ଦ ମଣି, ସା-କେଦାର ଗୌରୀ ଆପାର୍ଟମେଣ୍ଟ, ବ୍ଲକ ନଂ-୯, ସାମନ୍ତରାପୁର, ଥାନା- ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ପ୍ରତିବାଦୀ ନଂ-୧୩- ସୁକୁମାର ମଣି, ବୟସ ବ୪୯ର୍ଷ, ପିତା: ସ୍ୱର୍ଗତ କୃପାନନ୍ଦ ମଣି, ସା- କେଦାର ଗୌରୀ, ଆପାର୍ଟମେଣ୍ଟ, ବ୍ଲକ ନଂ-୯, ସାମନ୍ତରାପୁର, ଥାନା- ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଜଣାଇ ଦିଆଯାଉଅଛିକି ଯେ, ଉପରଲିଖିତ ମକଦ୍ଦମାରେ ତୁମ୍ଭେ ପ୍ରତିବାଦୀ ନଂ.-୭ ଠାରୁ ୯ ଓ ନଂ.-୧୧ ଠାରୁ ୧୩ ପର୍ଯ୍ୟନ୍ତ ଜାଣିଶୁଣି ନୋଟିସ୍‌ଗୁଡ଼ିକୁ ଗ୍ରହଣ କରିବାକୁ କିମ୍ବା ମକଦ୍ଦମାରେ ହାଜରହେବାକୁ ଟାଳଟୁଳ ନୀତି ଅବଲମ୍ବନ ହେତୁ ଉକ୍ତ ମକଦ୍ଦମା ତା୨୫.୦୬.୨୦୨୫ରିଖ ୧୦.୩୦ (ପୂର୍ବାହ୍ନ) ବିଚାର ପାଇଁ ଧାର୍ଯ୍ୟ କରାଯାଇଅଛି। ଧାର୍ଯ୍ୟ ଦିନ ଆପଣମାନେ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ଓକିଲ ଜରିଆରେ ମାନନୀୟ ଅଦାଲତରେ ହାଜର ହୋଇ କାରଣ ଦର୍ଶାଇ ନ ପାରିଲେ ମକଦ୍ଦମା ଆପଣଙ୍କ ବିରୁଦ୍ଧରେ ଏକତରଫା ବିଚାର କରାଯିବ।

ନିମ୍ନରେ ଆମ୍ଭ ସ୍ୱାକ୍ଷର ଓ ଅଦାଲତଙ୍କର ମୋହର କ୍ରମେ ଦିଆଗଲା।

ଆଜ ଦିନ ତା୨୦।୦୫।୨୦୨୫ ମସିହା।

କଟକ

ତା ୨୦.୦୫.୨୦୨୫ରିଖ

ସ୍ୱା./-ସିଭିଲ ଜଜ୍ ସିନିୟର ଡିଭିଜନ, ପ୍ରଥମ ଅତିରିକ୍ତ ଅଦାଲତ, କଟକ

ଧ-୮୭୩


## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ



ସ୍ୱର୍ଗତ ରବି ନାରାୟଣ ଭଞ୍ଜ

ଦେଉଳସାହି, ଢେଙ୍କାନାଳ ଟାଉନ

ଆପଣ ଆମକୁ ଛାଡ଼ି କେଉଁ ଅଫେରା ରାଇଜକୁ ଚାଲିଗଲେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।

ଆପଣଙ୍କ ହତଭାଗ୍ୟ-
ଶୋକସନ୍ତପ୍ତ ଭଞ୍ଜ ପରିବାର, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ

ଧ-୮୭୫

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଦୀର୍ଘାୟୁ ହେବାର ସରଳ ଉପାୟ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ସଜନା ଗଛର ଅଗପତ୍ରକୁ ବାଟି ୨-୩ ଚାମଚ ୫ ରୁ ୭ ଦିନ ସକାଳୁ ଖାଲି ପେଟରେ ସେବନ କରିବା ଦ୍ୱାରା ଉଚ୍ଚ ରକ୍ତଚାପକୁ ପ୍ରତିରୋଧ କରାଯାଇ ପାରିଥାଏ। ଏପରିକି କଅଁଳିଆ ପତ୍ରକୁ ଚୋବାଇ ଖାଇବା ଦ୍ୱାରା ଏହା ଉଚ୍ଚ ରକ୍ତଚାପକୁ ହ୍ରାସ କରାଇବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ସଜନା ପତ୍ରରେ ବହୁ ପୋଷକତତ୍ତ୍ୱ ରହିଛି। ଏହି ପତ୍ର ଖାଇବା ଦ୍ୱାରା ଆମ ଶରୀରରେ ଦୁର୍ବଳତା ଦୂର ହେବା ସହ ଶକ୍ତି ବୃଦ୍ଧି ପାଇବା, ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ। ଏହା ମଧ ରକ୍ତହୀନତାକୁ ଦୂର କରିଥାଏ। ଏହାବ୍ୟତୀତ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବାରେ ସାହାଯ୍ୟ କରିଥାଏ।''





ଆମ ଭାରତୀୟ ସଂସ୍କୃତି, ପରମ୍ପରା ଅତି ମହାନ୍। ଆମ ପୂର୍ବ ପୁରୁଷମାନେ ନିଜ ନିଜର କୌଳିକ, ଆଧ୍ୟାତ୍ମିକ ଚିନ୍ତାଧାରା ସହ ଦୈନନ୍ଦିନ ନିଜ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବା ପାଇଁ ଆମ ଭାରତୀୟ ଆୟୁର୍ବେଦରେ ଉଲ୍ଲେଖ କରାଯାଇଥିବା ବିଭିନ୍ନ ବୃକ୍ଷଲତା, ଗୁଳ୍ମର ଚେର, ଡାଳ, ପତ୍ର, ଫୁଲ, ଫଳ, ବୃକ୍ଷର ଛାଲିକୁ ଔଷଧ ଭାବେ ବ୍ୟବହାର କରୁଥିଲେ। ଫଳରେ ସେମାନେ ସୁସ୍ଥ, ଆରୋଗ୍ୟ ରହିବା ସହ ଦୀର୍ଘାୟୁ ହୋଇ ପାରୁଥିଲେ। କେବଳ ସେତିକି ନୁହେଁ, ଦୈନନ୍ଦିନ ପରିଶ୍ରମ କରିବା ସହ ବିନା ରାସାୟନିକ ସାର ପ୍ରୟୋଗରୁ ଉତ୍ପାଦିତ ଧାନ, ମୁଗ, ବିରି, କୋଳଥ, କାନ୍ଦୁଲ ଏବଂ ବିଭିନ୍ନ ପନିପରିବାକୁ ଖାଇ ବହୁବର୍ଷ ଯାଏ ବିନା ରୋଗରେ ବଞ୍ଚି ରହୁଥିଲେ। କିନ୍ତୁ ଆଜିର ମନୁଷ୍ୟର ଚିନ୍ତାଧାରା, ଆଳସ୍ୟପଣିଆ ଆଦିର ପ୍ରଭାବ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି। ଆବଶ୍ୟକତାଠାରୁ ଅଧିକ ପରିମାଣରେ ରାସାୟନିକ ସାରର ପ୍ରୟୋଗ ହେତୁ ଖାଦ୍ୟଶସ୍ୟ ଉତ୍ପାଦନର ମାତ୍ରା ବଢୁଛି, କିନ୍ତୁ ଉକ୍ତ ଖାଦ୍ୟ ଖାଇବା ହେତୁ ଆମ ଶରୀରରେ ବହୁ ଜଟିଳ ରୋଗ ସୃଷ୍ଟି ହେଉଛି। ଏଥିସହ ବହୁ ବ୍ୟକ୍ତି ହୋଟେଲ ଜଳଖିଆ, ହୋଟେଲ ପ୍ରସ୍ତୁତ ଖାଦ୍ୟ, ପିଜା, ବର୍ଗର, ଚାଉମିନ୍, ନୁଡୁଲ୍ସ, ଖାଇବାକୁ ପସନ୍ଦ କରୁଛନ୍ତି। କମ୍ ଦାମର ଅଧିକ ତେଲରେ ପ୍ରସ୍ତୁତ ଅତ୍ୟଧିକ ମସଲା, ରାଗ ଆଦି ଖାଇବା ହେତୁ ବିଭିନ୍ନ ରୋଗର ଶିକାର ମଧ ହେଉଛନ୍ତି। ପୂର୍ବରୁ ଲୋକଙ୍କୁ ଜ୍ୱର, କାଶ, ଝାଡ଼ା, କୁଣ୍ଡିଆ ଆଦି ରୋଗ ହେଉଥିବା ବେଳେ ସାଂଘାତିକ ରୋଗରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ଅତି ନଗଣ୍ୟ ଥିଲା। କିନ୍ତୁ ଆଜିର ସମାଜରେ ଉଚ୍ଚ ରକ୍ତଚାପ, ମଧୁମେହ, କ୍ୟାନ୍ସର, କିଡ୍ନୀ ସମସ୍ୟା, ହୃଦ୍‌ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି।

ପ୍ରକୃତିଦତ୍ତ ଯେଉଁ ସବୁ ବୃକ୍ଷଲତା ରହିଛି ସେଥିରୁ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ ହୋଇଥାଏ। ଏପରିକିଛି ବୃକ୍ଷ ରହିଛି ଯାହାର ଡାଳ, ପତ୍ର, ଚେର, ଛାଲି, ଓ ଫଳକୁ ଖାଇ ଆମେ ବହୁତ ଜଟିଳ ତଥା ଦୁରାରୋଗ୍ୟ ରୋଗରୁ ସମୂଳେ ଉପଶମ ହେବା ସହ ରୋଗରୁ ଆରୋଗ୍ୟ ହୋଇପାରିବା। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଦୀର୍ଘାୟୁ ଭାବେ ବଞ୍ଚିପାରିବାର ସରଳ ଉପାୟ ରହିଛି। ସେଥିମଧ୍ୟରୁ ସଜନା ଛୁଇଁ ଗଛର ପତ୍ରକୁ ଆମେ ଖାଦ୍ୟ ଭାବେ ଏବଂ ଔଷଧ ଭାବେ ଖାଇ ବହୁ ଜଟିଳ ରୋଗରୁ ରକ୍ଷା ପାଇପାରିବା।

**ସଜନା ଛୁଇଁ**

ସଜନା ଛୁଇଁ ବ୍ୟତୀତ ଏହି ଗଛର ପତ୍ରରେ ବହୁ ଔଷଧୀୟ ଗୁଣ ରହିଛି। ଏହାର କଞ୍ଚା ପତ୍ରକୁ ବାଟି ରସକୁ ସେବନ କରିବା ସହ ଶାଗକୁ ଖାଦ୍ୟ ରୂପେ ଗ୍ରହଣ କରାଯାଇଥାଏ। ଏହି ବୃକ୍ଷ ବିନା ରାସାୟନିକ ସାର ପ୍ରୟୋଗରେ ହୋଇଥାଏ। ଏହାର ପତ୍ର, ଫୁଲ ଓ ଫଳକୁ ଭଜା ଓ ତରକାରି କରି ଖିଆଯାଉଥିବା ବେଳେ ଏହାର ପତ୍ରରେ ପର୍ଯ୍ୟାପ୍ତ ପରିମାଣରେ କ୍ୟାଲ୍‌ସିୟମ, ଆଇରନ, ପୋଟାସିୟମ, ଫସ୍‌ଫରସ୍, ପ୍ରୋଟିନ, ଭିଟାମିନ ଏ,ସି,ଡି,କେ ଭଳି ପୋଷକତତ୍ତ୍ୱ ଭରପୂର ରହିଥାଏ।

ସଜନା ଗଛର ଅଗପତ୍ରକୁ ବାଟି ୨-୩ ଚାମଚ ୫ ରୁ ୭ ଦିନ ସକାଳୁ ଖାଲି ପେଟରେ ସେବନ କରିବା ଦ୍ୱାରା ଉଚ୍ଚ ରକ୍ତଚାପକୁ ପ୍ରତିରୋଧ କରାଯାଇ ପାରିଥାଏ। ଏପରିକି କଅଁଳିଆ ପତ୍ରକୁ ଚୋବାଇ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପକୁ ହ୍ରାସ କରାଇବାରେ ସାହାଯ୍ୟ କରିଥାଏ। ଏହା ସହ ସଜନା ପତ୍ରରେ ବହୁ ପୋଷକତତ୍ତ୍ୱ ରହିଛି। ଏହି ପତ୍ର ଖାଇବା ଦ୍ୱାରା ଆମ ଶରୀରରେ ଦୁର୍ବଳତା ଦୂର ହେବା ସହ ଶକ୍ତି ବୃଦ୍ଧି ପାଇବା, ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ। ତା' ସହ ରକ୍ତହୀନତାକୁ ଦୂର କରିଥାଏ। ଏହାବ୍ୟତୀତ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବାରେ ସାହାଯ୍ୟ କରିଥାଏ।

ସଜନା ଗଛର କଅଁଳିଆ ପତ୍ରକୁ ସିଝାଇ ସେହି ଜଳକୁ ସେବନ କରିବା ଦ୍ୱାରା ମଧୁମେହ ବା ଡାଇବେଟିସ୍ ପରି ଜଟିଳ ରୋଗ ସନ୍ତୁଳିତ ରହିଥାଏ। ଏହାର କାରଣ ହେଲା ସଜନା ପତ୍ରରେ 'ଫାଇଟୋକେମିକାଲ୍ସ' ନାମକ ଏକ ରାସାୟନିକ ତତ୍ତ୍ୱ ରହିଛି। ଏହା ଆମ ଶରୀରର ରକ୍ତରେ ସୁଗାର ସ୍ତରକୁ ସନ୍ତୁଳିତ ରଖିଥାଏ। ଏହି ସିଝା ପାଣି ଆମ ଶରୀରର ଖରାପ କୋଲେଷ୍ଟରଲ, ଲିପିଡ଼ ଓ ଅକ୍ସିଡେଟିଭକୁ ନିୟନ୍ତ୍ରିତ କରିଥାଏ।

**ପସାରୁଣୀ ପତ୍ର**

ଆମ ହାତ ପାହାନ୍ତାରେ ବାଡ଼ି ବଗିଚାରେ ଦୃଷ୍ଟିଗୋଚର ହୋଉଥିବା ବୃକ୍ଷଲତା ମଧ୍ୟରୁ ପସାରୁଣୀ ନାମକ ଲତା ଆମ ସ୍ୱାସ୍ଥ୍ୟ ନିମନ୍ତେ ବହୁ ଉପକାରୀ। ଏହାକୁ ହାତରେ ଘଷିବା ଦ୍ୱାରା ଏକ ଗନ୍ଧ ବାହାରିଥାଏ। ତେଣୁ ଏହାକୁ 'ଗନ୍ଧ ପସାରୁଣୀ' ବୋଲି ମଧ କୁହାଯାଏ, ଏଥିରେ ଗ୍ଲୁକୋସାଇଡ୍ସ, ଅଲକଲ୍ଲୋଏଡ୍ସ, ଫଟିଏସିଡ, ଭଲାଇନ ନାମକ ରାସାୟନିକ ପଦାର୍ଥ ସହ ଭିଟାମିନ-ସି ରହିଛି। ଏହା ବେଦନା ସାମକ, ଆଣ୍ଟିଅକ୍ସିଡେଣ୍ଟ, ଜୀବାଣୁନାଶକ ସହ ରକ୍ତ ପରିଷ୍କାର କରାଇବା, ଜୀର୍ଣ୍ଣ ଶକ୍ତି ବୃଦ୍ଧି କରାଇବା ସହ ଶ୍ୱାସନଳୀକୁ ସତେଜ ରଖିଥାଏ। ଥଣ୍ଡା, କଫ, ଆଜ୍‌ମା ଆଦିକୁ ପ୍ରତିରୋଧ କରିବାର କ୍ଷମତା ମଧ ରହିଛି।

ପସାରୁଣୀ ଲତାରେ ଏପରି ଔଷଧୀୟ ପୋଷକତତ୍ତ୍ୱ ଭରି ରହିଛି ଯାହା ଶରୀର ପାଇଁ ବେଶ୍ ଉପକାରୀ। ପସାରୁଣୀ ପତ୍ରକୁ ପରିଷ୍କାର ଭାବେ ଧୋଇ ସେଥିରେ କିଛି ରସୁଣ, ଆଦା, ଗୋଲମରିଚ, ପିପଳି, ଡାଲଚିନି, ଧନିଆକୁ ମିଶାଇ ଭଲଭାବେ ସିଝାଇ ଦିଅନ୍ତୁ। ଏହାକୁ ଉଷୁମ ଥିବା ଅବସ୍ଥାରେ ସେବନ କଲେ ଥଣ୍ଡା, କାଶରୁ ତୁରନ୍ତ ଉପଶମ ମିଳିଥାଏ। ମାତୃତ୍ୱ ସମୟରେ କିଛି ପରିମାଣର କଅଁଳିଆ ପସାରୁଣୀ ପତ୍ର, କିଛି ଅରୁଆ ଚାଉଳକୁ ବାଟି ପାଣିରେ ସିଝାଇ ଜାଉ କରି ୫ ରୁ ୭ ଦିନ ସେବନ କରିବା ଦ୍ୱାରା ଏହା ମା'ର କ୍ଷୀର ବୃଦ୍ଧି ହୋଇଥାଏ।

କଅଁଳିଆ ପସାରୁଣୀ ପତ୍ରକୁ ସିଝାଇ ସମ ପରିମାଣର ଦେଶୀ ଗାଈ କ୍ଷୀର, ଏକ ଚତୁର୍ଥାଂଶ ଜଡ଼ା କିମ୍ବା ରାଶି ତେଲ ମିଶାଇ ଏହି ମିଶ୍ରଣକୁ ଶରୀରରେ ମାଲିସ କରିବା ଦ୍ୱାରା ଯନ୍ତ୍ରଣା ଦୂର ହୋଇଥାଏ। ଶରୀରରେ ଦୀର୍ଘ ଦିନ ଧରି ଆମ ବାତ ଓ ଖଞ୍ଜା ଯନ୍ତ୍ରଣାରୁ ଉପଶମ ନିମନ୍ତେ କଅଁଳିଆ ପସାରୁଣୀ ପତ୍ରକୁ ଅଳ୍ପ ପାଣିରେ ସିଝାଇ ସେଥିରେ କିଛି ପୁରୁଣା ଗୁଡ଼, ସମପରିମାଣର ଚୋପାଛଡ଼ା ରସୁଣ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଏକ ମାଟି ପାତ୍ରରେ ଘୋଡ଼ାଇ ୭ ଦିନ ପର୍ଯ୍ୟନ୍ତ ରଖନ୍ତୁ। ତା'ପରେ ସେଥିରେ ପିପଳି, ଚାଇଁ କାଠ, ଚିତା ପାରୁ, ସୁଣ୍ଠି (ପ୍ରତ୍ୟେକଟିରୁ ଏକ-ଦେଢ଼ ଗ୍ରାମ୍) ଓଜନର ପାଉଡ଼ର କରି ଭଲ ଭାବେ ମିଶାଇ ଏହି ମିଶ୍ରଣକୁ ୭ ରୁ ୮ ଦିନ ୧ରୁ୨ ଚାମଚ ଲେଖାଏଁ ଦିନକୁ ଥରେ ସେବନ କରିବା ଦ୍ୱାରା ବହୁ ଉପକାର ମିଳିଥାଏ। ପସାରୁଣୀ ପତ୍ର ରସ ଏକ କପ୍, ଅଳ୍ପ ଗୋଲମରିଚ ଗୁଣ୍ଡ, ମିଶାଇ ଖାଲି ପେଟରେ ୧୦ ରୁ ୧୫ ଦିନ ସେବନ କଲେ ଅଜୀର୍ଣ୍ଣ, ଆମ୍ବିଳି ହାକୁଟି ଆଦି ଦୂର ହୋଇଥାଏ।

ଉପରୋକ୍ତ ସମସ୍ତ ବିଷୟକୁ ଅନୁଧ୍ୟାନ କଲେ ଜଣାଯାଏ କି ଆମ ବାଡ଼ି ବଗିଚାରେ ତଥା ଅତି ନିକଟରେ ରହିଥିବା ବୃକ୍ଷଲତା କେତେ ଉପକାରୀ। ଡାକ୍ତରଙ୍କୁ ପରାମର୍ଶ କରି ସ୍ୱାସ୍ଥ୍ୟ ଉପଯୋଗୀ ବୃକ୍ଷଲତାରୁ ପ୍ରସ୍ତୁତ ଔଷଧ ଆମେ ସେବନ କରିବା ଦ୍ୱାରା ବହୁ ଜଟିଳ ରୋଗକୁ ପ୍ରତିରୋଧ କରିବା ସହ ନୀରୋଗ ଭାବେ ଦୀର୍ଘାୟୁ ହୋଇ ବଞ୍ଚି ରହିପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ଦୃଢ଼ ହେବ ରୋଗ ପ୍ରତିରୋଧକ ଶକ୍ତି



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। କାରଣ ଏହାଦ୍ୱାରା ଆମେ ନିଜକୁ ରୋଗଠାରୁ କେତେକାଂଶରେ ଦୂରେଇ ରଖିପାରିବା। ତେବେ ଏହାକୁ ଦୃଢ଼ ରଖିବାର କେତୋଟି ସରଳ ତଥା ସହଜ ଉପାୟ ରହିଛି। ପ୍ରଥମ ହେଲା ପାଣି। ଆମେ ଖାଦ୍ୟ ଖାଇବା ସହ ପାଣି ପିଇଥାଉ। ଯଦି ଜଣେ ପ୍ରତିଦିନ ଆବଶ୍ୟକ ମୁତାବକ ପାଣି ପିଅନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିଥାଏ ବୋଲି ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। କେବଳ ସେତିକି ନୁହେଁ, ଆଉ ଏକ ସରଳ ଉପାୟ ମଧ୍ୟ ରହିଛି। ତାହା ହେଲା ଖାଦ୍ୟପେୟ। ଜଣେ ଯଦି ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତି, ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ଅନେକାଂଶରେ ଦୃଢ଼ ରହିଥାଏ। ତୃତୀୟ କଥା ହେଲା ବ୍ୟାୟାମ। ଯଦି ଆପଣ ପ୍ରତିଦିନ ବ୍ୟାୟାମ କରନ୍ତି, ତେବେ ଏହାର ସୁପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡ଼ିଥାଏ। ପ୍ରତିଦିନ ଅତିକମ୍‌ରେ ୩୦ ମିନିଟ୍ ଚାଲନ୍ତୁ। ଏହାବ୍ୟତୀତ ନିଜ ସାମର୍ଥ୍ୟ ମୁତାବକ ବ୍ୟାୟାମ କରନ୍ତୁ। ଏହି ତାଲିକାରେ ଯୋଗ, ପ୍ରାଣାୟାମ ସାମିଲ କଲେ ଆହୁରି ଭଲ।

## ଅଜୀର୍ଣ୍ଣ ସମସ୍ୟା ହୋଇଥିଲେ...



ଆଜିକାଲି ମନଲୋଭା ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ପ୍ରାୟ ଅନେକେ ମନ ବଳାଇ ଥାଆନ୍ତି। ଏହି ସମୟରେ ନିଜ ଲୋଭକୁ ସମ୍ବରଣ କରି ନ ପାରି ଆମେ ଅଜୀର୍ଣ୍ଣ ସମସ୍ୟା ସମ୍ମୁଖୀନ ହୋଇଥାଉ। କାରଣ ସେତେବେଳେ ଜଣେ ଏଭଳି ଖାଦ୍ୟ ଖାଇଥାଆନ୍ତି ଯାହା ସହଜରେ ହଜମ ହୋଇ ନ ଥାଏ। ତେବେ ଏଭଳି ସ୍ୱାସ୍ଥ୍ୟ ସମସ୍ୟାଠାରୁ ନିଜକୁ ଦୂରେଇ ନ ରଖିଲେ ପରବର୍ତ୍ତୀ ସମୟରେ ତାହା ଜଟିଳ ଆକାର ଧାରଣ କରିବାର ଆଶଙ୍କା ରହିଛି। ତେଣୁ ସବୁବେଳେ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଆଉ ଏକ କଥା ହେଲା ଖାଇବାର ସମୟ। ସବୁବେଳେ ଠିକ୍ ସମୟରେ ଖାଆନ୍ତୁ। ଖାଇବା ମଧ୍ୟରେ ଯଦି ଅଧିକ ବ୍ୟବଧାନ ରହିଲା, ତେବେ ତାହା ପେଟରେ ଏସିଡିଟି ସୃଷ୍ଟି କରିଥାଏ। ଏହାବ୍ୟତୀତ ଖାଉଥିବା ଖାଦ୍ୟ ମଧ ହଜମ ହୋଇ ନ ଥାଏ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଇଲେ ଭଲ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଯଦି ବିଳମ୍ବିତ ରାତ୍ରଭୋଜନ ଅଭ୍ୟାସ ରହିଛି ତେବେ ତାହାକୁ ବଦଳାନ୍ତୁ। କାରଣ ଏହା ହେଉଛି ଅଜୀର୍ଣ୍ଣ ସମସ୍ୟାର ଆଉ ଏକ କାରଣ। ରାତ୍ରଭୋଜନ ଏବଂ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିଲେ ଭଲ।

## ଜାଣନ୍ତି କି

ପ୍ଲାଷ୍ଟିକ ପ୍ରଦୂଷଣର ପ୍ରମୁଖ ଶିକାର ହେଉଛି ପୃଥିବୀର ସମୁଦ୍ର ଓ ମହାସମୁଦ୍ର। ଏକ ହିସାବରୁ ଜଣାଯାଏ ଯେ, ପ୍ରତିବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ର ତଟବର୍ତ୍ତୀ ଅଧିବାସୀଙ୍କ ବ୍ୟବହାର ଯୋଗୁ ସମୁଦ୍ରରେ ଆବର୍ଜନା ରୂପେ ମିଶିଥାଏ। ଅର୍ଥାତ୍, ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି, ଯାହା ଏକ ଟ୍ରକ୍ ଭର୍ତ୍ତି ଆବର୍ଜନା ସଙ୍ଗେ ସମାନ। ୨୦୧୩ ମସିହା ସୁଦ୍ଧା ପୃଥିବୀର ସମୁଦ୍ରରେ ପ୍ରାୟ ୮୬୦ ଲକ୍ଷ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶିଛି। ଏହି ପ୍ଲାଷ୍ଟିକ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କ୍ଷୁଦ୍ର କଣିକାରେ ପରିଣତ ହୁଏ ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ' କହନ୍ତି। ଏହା ଘଟଣାକ୍ରମେ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ, ଡଲ୍‌ଫିନ୍, ତିମି, ସାମୁଦ୍ରିକ ପକ୍ଷୀଙ୍କ ଶରୀରକୁ ସଂଚରିତ ହୁଏ। ଏହା ସେମାନଙ୍କ ପାକସ୍ଥଳୀରେ ଭରିଯିବା ହେତୁ ସେମାନଙ୍କ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇ ପରିଶେଷରେ ସମାନଙ୍କ ମୃତ୍ୟୁ ଘଟେ। ପ୍ଲାଷ୍ଟିକ ଜାତ କିଛି ପଦାର୍ଥ (ଯଥା ମାଛ ଧରିବା ପାଇଁ ସମୁଦ୍ରରେ ବିଛା ଯାଉଥିବା ଜାଲ) ସାମୁଦ୍ରିକ ଜୀବଙ୍କ ଶରୀରରେ ଗୁଡ଼ାଇ ହୋଇଯିବା ଦ୍ୱାରା ସେମାନଙ୍କ ଚଳପ୍ରଚଳ କ୍ଷମତା ଓ ଗତିଶୀଳତା ଯଥେଷ୍ଟ ହ୍ରାସ ପାଇ ପରିଶେଷରେ ସେମାନେ ଶିକାରୀ ଜୀବ ଦ୍ୱାରା ଶିକାର ହୋଇଥାନ୍ତି। ଏକ ହିସାବରୁ ଜଣାଯାଏ ଯେ, ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ସାମୁଦ୍ରିକ ପକ୍ଷୀଙ୍କ ମୃତ୍ୟୁ ଘଟୁଛି। ଅନ୍ୟ ଏକ ଆକଳନରୁ ଜଣାଯାଏ ଯେ, ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ମସିହା ବେଳକୁ ସମୁଦ୍ରରେ ବିସର୍ଜିତ ମୋଟ ପ୍ଲାଷ୍ଟିକର ଓଜନ ସମୁଦାୟ ମାଛଙ୍କ ଓଜନକୁ ମଧ ଟପିଯିବ।



## କଥାବାର୍ତ୍ତା ଶୈଳୀ ଓ ମାନସିକତା

ଆମର ମାନସିକତା କିପରି ଅଧିକାଂଶ ସମୟ ନକାରାତ୍ମକ ନ ରହିବ ସେ ନେଇ ଆମେ ସଚେତନ ହେବା ନିହାତି ଦରକାର। କାରଣ ଏହାର ପ୍ରଭାବ ଆମର ଜୀବନଶୈଳୀ ଉପରେ ପଡ଼ିଥାଏ। ତେବେ ଏହାର ଏକ ସରଳ ତଥା ସହଜ ଉପାୟ ରହିଛି। ଆମେ ଯଦି ସାଙ୍ଗସାଥୀଙ୍କ ସହ ଅଧିକାଂଶ ସମୟ ଥଣ୍ଡା ମିଜାସରେ କଥା ହେବା ତେବେ ତାହାର ସୁପ୍ରଭାବ ଆମର ମାନସିକତା ଉପରେ ଅନେକାଂଶରେ ପଡ଼ିବ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। 'କଥାବାର୍ତ୍ତା ଶୈଳୀ ଓ ମାନସିକତା' ଶୀର୍ଷକ ବିଷୟକୁ ନେଇ ବେଜିଂ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ସେମାନଙ୍କର ସାଙ୍ଗସାଥୀଙ୍କ ସହ ଥଣ୍ଡା ମିଜାସରେ କଥା ହେଉଥିଲେ ସେମାନଙ୍କର ମାନସିକତା ପୂର୍ବାପେକ୍ଷା ଅଧିକ ସକାରାତ୍ମକ ରହୁଥିଲା ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି।

## କିପରି ନେବେ ଆଖିର ଯତ୍ନ



ଆଖିର ଯତ୍ନ ନେବାକୁ ହେଲେ କେତୋଟି ପ୍ରମୁଖ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ପ୍ରଥମଟି ହେଉଛି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ। ଆଖିକୁ ସୁସ୍ଥ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ କରନ୍ତୁ। ତା'ସହ ଭିଟାମିନ୍ ଏ, ବି ଓ ସି'ଯୁକ୍ତ ଖାଦ୍ୟ ଯଥା ଗାଜର, ସବୁଜ ପନିପରିବା ଓ ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ନିଶାଦ୍ରବ୍ୟ ସେବନ ଠାରୁ ନିଜକୁ ଦୂରେଇ ରଖନ୍ତୁ। ଯଦି ଆପଣଙ୍କର ଡାଇବେଟିସ୍ କିମ୍ବା ଉଚ୍ଚ ରକ୍ତଚାପ ସମସ୍ୟା ରହିଛି ତେବେ ଏହାର ପ୍ରଭାବ ଆଖି ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। ଯଦି ଆପଣ ଅଧିକ ସମୟ କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଆଖିକୁ ଧୁଅନ୍ତୁ ଏବଂ କିଛି ସମୟ ବିଶ୍ରାମ ଦିଅନ୍ତୁ। ଏହି ସମୟରେ ଆଣ୍ଟିଗ୍ଲେୟାର ଚଷମା ପିନ୍ଧନ୍ତୁ। ତେଣୁ ଆମେ ସମସ୍ତେ ନିଜ ନିଜ ଚକ୍ଷୁର ଯତ୍ନ ନେବା ନିହାତି ଦରକାର। ଚକ୍ଷୁ ସମସ୍ୟା ଥିଲେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

- ସବୁବେଳେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।
- ସବୁବେଳେ ଏକ ରୁଟିନ୍ ଲାଇଫ୍ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ।
- କାହାର ପ୍ରରୋଚନାରେ ପଡ଼ି କୌଣସି ଔଷଧ ଖାଇବା ପୂର୍ବରୁ ସେ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ଲୁଣ କିମ୍ବା ଚର୍ବି ଜାତୀୟ ଖାଦ୍ୟ ଯେତେ କମ୍ ଖାଇବ ତାହା ସେତେ ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ଅସନ୍ତୁଳିତ ରଖେ।
- ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେରଖନ୍ତୁ ଖାଇ ସାରି ସଙ୍ଗେ ସଙ୍ଗେ ଶୁଅନ୍ତୁ ନାହିଁ।
- ଅଙ୍ଗୁରରେ ଭିଟାମିନ୍-କେ, କ୍ୟାଲ୍‌ସିୟମ୍, ପଟାସିୟମ୍ ଓ ମ୍ୟାଗ୍ନେସିୟମ୍ ରହିଛି। ଏହାକୁ ଖାଇଲେ ଅସ୍ଥି ଶକ୍ତ ରହିଥାଏ।
- ଆପଣଙ୍କ ବୟସ ଯଦି ୫୦ ଟପିଲାଣି ତେବେ ନିୟମିତ ସମୟ ଅନ୍ତରାଳରେ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଚେକ୍ କରି ନିଅନ୍ତୁ। କାରଣ ବେଳେବେଳେ ଏହାର ଲକ୍ଷଣ ସହଜରେ ଜଣାପଡ଼ି ନ ଥାଏ।



## କିପରି ହୋଇଥାଏ ବ୍ରେନ୍ ଷ୍ଟ୍ରୋକ୍



କିପରି ସଂଘଟିତ ହୁଏ ବ୍ରେନ୍ ଷ୍ଟ୍ରୋକ୍- ଏ ବିଷୟରେ ଆମେ ନିଶ୍ଚୟ କିଛି ଜାଣିବା ନିହାତି ଦରକାର। ମସ୍ତିଷ୍କକୁ ରକ୍ତ ଯୋଗାଉଥିବା ଧମନୀ ଅଭ୍ୟନ୍ତରରେ ରକ୍ତ ଜମାଟ ବାନ୍ଧିଲେ ସ୍ନାୟୁକୋଷ ନିକଟକୁ ରକ୍ତ ସଂଚାଳନ ହୋଇପାରେ ନାହିଁ। ଏହାଦ୍ୱାରା ସ୍ନାୟୁକୋଷଗୁଡ଼ିକ ଆଶାନୁରୂପ ଅକ୍ସିଜେନ ପାଇପାରନ୍ତି ନାହିଁ କି ଗ୍ଲୁକୋଜ ତଥା ପୁଷ୍ଟି ପାଇପାରନ୍ତି ନାହିଁ। ଅନ୍ୟପକ୍ଷରେ ମସ୍ତିଷ୍କକୁ ରକ୍ତ ଯୋଗାଉଥିବା ରକ୍ତନଳୀ ହଠାତ୍ ଫାଟିଗଲେ ମଧ ସ୍ନାୟୁକୋଷ ନିକଟକୁ ରକ୍ତ ସଂଚାଳନ ସମ୍ଭବ ହୋଇ ନ ଥାଏ। ଏହାର ପରିଣତିରେ ଆକ୍ରାନ୍ତ ସ୍ନାୟୁକୋଷଗୁଡ଼ିକର ମୃତ୍ୟୁ ଘଟି ସେମାନେ ଅକାମୀ ହୋଇପଡ଼ନ୍ତି। ଏହାର ପ୍ରଧାନ ଲକ୍ଷଣଗୁଡ଼ିକ ସଂକ୍ଷେପରେ ଫାଷ୍ଟ (FAST) ଭାବରେ ଉଲ୍ଲେଖ କରାଯାଏ। 'F' ଅର୍ଥ 'ଫେସିଆଲ ଡର୍ପି'। ଏ କ୍ଷେତ୍ରରେ ମୁଖମଣ୍ଡଳର ଗୋଟିଏ ପଟ ବଙ୍କା ହୋଇଯାଏ। ହସିଲେ ଓଠ ବାଙ୍କିଯାଏ। ପାଟିରୁ ଲାଳ ଗଡ଼ିବାକୁ ରୋକି ହୁଏନି। 'ଏ'ର ଅର୍ଥ ହେଲା ଆର୍ମ ବା ଲେଗ୍ (ହାତ-ଗୋଡ଼ର ଦୁର୍ବଳତା)। ହାତ ଉଠେଇ ହୁଏନି କି କିଛି ଧରି ହୁଏନି। ହାତ ଓ ଗୋଡ଼ ଅଶକ୍ତ ବା ଅଚଳ ହୋଇପଡ଼େ। 'S' ହେଉଛି ସ୍ପିଚ୍ ଡିଫିକଲ୍ଟି। ଷ୍ଟ୍ରୋକ୍ ରୋଗୀ ଭଲ ଭାବରେ କଥାବାର୍ତ୍ତା କରିପାରେନା। ପୂରା ବାକ୍ୟଟିଏ ବି ପୂରା ଭାବରେ ଉଚ୍ଚାରଣ କରିପାରେନି। 'T' ହେଉଛି ଟାଇମ। ଅର୍ଥାତ୍ କାଳବିଳମ୍ବ ନ କରି ରୋଗୀକୁ ହସ୍ପିଟାଲକୁ ନେଇଯିବା ଦରକାର। ତେବେ ଷ୍ଟ୍ରୋକ୍ ଲକ୍ଷଣ ପ୍ରକାଶ ପାଇବାର ଚାରି ଘଣ୍ଟାରୁ କମ୍ ସମୟ ଭିତରେ ରୋଗୀକୁ ହସ୍ପିଟାଲରେ ପହଞ୍ଚେଇବା ବାଞ୍ଛନୀୟ। ଉଚ୍ଚ ରକ୍ତଚାପ, ଡାଇବେଟିସ୍, ହୃଦ୍‌ରୋଗ, ପୃଥୁଳତା ବା ଓବେସିଟି ସମସ୍ୟା ଥିଲେ, ନିଶାଦ୍ରବ୍ୟ ସେବନ, ଆଳସ୍ୟ ଜୀବନଶୈଳୀ, ରକ୍ତରେ କୋଲେଷ୍ଟରଲ ମାତ୍ରା ବେଶି ରହିଲେ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇପଡ଼ିବା ଆଶଙ୍କା ବେଶି ଥାଏ। ଏଥିରୁ ରକ୍ଷା ପାଇବା ପାଇଁ ନିୟମିତ ବ୍ୟାୟାମ କରିବା ସହ ଶରୀରର ଓଜନ ନିୟନ୍ତ୍ରଣ କରନ୍ତୁ। ବେଶି ତେଲ, ଛଣାଛଣି ଖାଦ୍ୟ ଖାଆନ୍ତୁ ନାହିଁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ରକ୍ତଚାପ ଏବଂ କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁନ୍ ୯/୨୦୨୫ Bhubaneswar, Monday, June 9/ 2025

# ସିଏମ୍ ଟ୍ରଫି: ବରଗଡ଼ ଏଫ୍‌ସି ଚାମ୍ପିୟନ

## ତୃଣମୂଳ ସ୍ତରରେ ଖେଳାଳିଙ୍କୁ ପ୍ରତିଭା ପ୍ରଦର୍ଶନର ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିଛି : ସୂରଜ



ଚାମ୍ପିୟନ ବରଗଡ଼ ଏଫ୍‌ସି ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ରାଉରକେଲା,୮।୬(ବିପ୍ଳବ ରଞ୍ଜନ ଦାଶ)**

୧୫ ବର୍ଷରୁ କମ୍ ଆନ୍ତଃଜିଲା ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଫାଇନାଲରେ ବରଗଡ଼ ଏଫ୍‌ସି ୩-୨ ଗୋଲରେ ଭୁବନେଶ୍ୱର ଏଫ୍‌ସିକୁ ହରାଇ ଚାମ୍ପିୟନ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ''ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ୟମରେ ରାଜ୍ୟରେ ପ୍ରଥମଥର ପାଇଁ ସିଏମ୍ ଟ୍ରଫି ଫୁଟ୍‌ବଲ ଚାମ୍ପିୟନଶିପ୍ ଆୟୋଜନ କରାଯାଇଛି। ତୃଣମୂଳ ସ୍ତରରୁ ଓଡ଼ିଶାର ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ, ତାହା ଲକ୍ଷ୍ୟ ଥିଲା। ଚାମ୍ପିୟନ ବରଗଡ଼ ଏଫ୍‌ସି ଏବଂ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି। ସିଏମ୍ ଟ୍ରଫି ତୃଣମୂଳ ସ୍ତରର ଖେଳାଳିଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିପାରିଛି। ଏହି ପ୍ରତିଯୋଗିତାରୁ ଶ୍ରେଷ୍ଠ ୧୦୦ କ୍ରୀଡ଼ାବିତ୍‌ଙ୍କୁ ଚୟନ କରାଯାଇ ପ୍ରଶିକ୍ଷଣ ଦିଆଯିବ। ଏଥିସହିତ ଆଗାମୀ ଦିନରେ ବିଭିନ୍ନ କ୍ରୀଡ଼ା ଯଥା ଆଥ୍‌ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଖୋଖୋ, କବାଡ଼ି, ହକି ଓ ଅନ୍ୟାନ୍ୟ କ୍ରୀଡ଼ାକୁ ମଧ୍ୟ ସିଏମ୍ ଟ୍ରଫି ଚାମ୍ପିୟନଶିପ୍‌ରେ ସାମିଲ କରାଯିବ'' ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ। ସିଏମ୍ ଟ୍ରଫି ପ୍ରତିଯୋଗିତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହ ଏହି ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିଛି। ରାଜ୍ୟରେ କ୍ରୀଡ଼ା ବିକାଶର ଜୟଯାତ୍ରା ଆଗକୁ ମଧ୍ୟ ଏହିପରି ଜାରି ରହିବ ବୋଲି ଟଙ୍କଧର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦୁର୍ଗାଚରଣ ତନ୍ତି ଓ ଶାରଦା ନାୟକ, କ୍ରୀଡ଼ା ସଚିବ ଦୀପଙ୍କର ମହାପାତ୍ର, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ, ରାଉରକେଲା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ନୀତୀଶ ୱାଦାୱାନି, ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲ୍‌କର୍ନୀ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ସମ୍ପାଦକ ଅଭିଜିତ ପାଲ୍ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଚାମ୍ପିୟନ ବରଗଡ଼ ଏଫ୍‌ସିକୁ ଟ୍ରଫି ସହ ୩,୦୦,୦୦୦ ଏବଂ ରନରଅପ୍ ଭୁବନେଶ୍ୱରକୁ ୨,୦୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଯାଜପୁର ଏଫ୍‌ସିର କୁମାର ସୋରେନ୍ ଶ୍ରେଷ୍ଠ ଗୋଲ୍‌କିପର, ବରଗଡ଼ ଏଫ୍‌ସିର ଶିବ ମୁଣ୍ଡା ଶ୍ରେଷ୍ଠ ଡିଫେଣ୍ଡର ଓ ପ୍ରଦୀପ ଟୁଡୁ ଶ୍ରେଷ୍ଠ ଷ୍ଟ୍ରାଇକର, ଭୁବନେଶ୍ୱର ଏଫ୍‌ସିର ଆଶିଷ କୁମାର ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ବିବେଚିତ ହୋଇଛନ୍ତି। ସେହିପରି ବରଗଡ଼ ଏଫ୍‌ସି ଗୋଲ୍‌କିପର ସୌମ୍ୟରଞ୍ଜନ ଦେବତା ପ୍ଲେୟର ଅଫ୍ ଦି ଫାଇନାଲ ଏବଂ ଭୁବନେଶ୍ୱର ଏଫ୍‌ସିର ଶ୍ରୀଜଲ କିସ୍କୁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଛନ୍ତି। ପ୍ରକାଶଯୋଗ୍ୟ, ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଆନ୍ତଃକ୍ଲବ ମ୍ୟାଚ୍‌ଗୁଡ଼ିକ ଜାନୁଆରୀ ୧୬ରେ ସମସ୍ତ ୩୦ ଜିଲାରେ ଆରମ୍ଭ ହୋଇଥିଲା। ୪୪୮ଟି ମ୍ୟାଚ୍ ପରେ ଏହା ଏପ୍ରିଲ ୧୯ରେ ଶେଷ ହୋଇଥିଲା। ଏହାପରେ ପ୍ରତିଯୋଗିତାର ଆନ୍ତଃଜିଲା ପର୍ଯ୍ୟାୟ ମେ' ୨୮ରେ ଆରମ୍ଭ ହୋଇ ଜୁନ୍ ୮ରେ ଶେଷ ହୋଇଛି। ଏଥିରେ ୫୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି ଅର୍ଥାତ୍ ପ୍ରତିଯୋଗିତାରେ ମୋଟ ୫୦୦ ମ୍ୟାଚ ଖେଳାଯାଇଛି। ଏହାକୁ ଓଡ଼ିଶା କ୍ରୀଡ଼ା ଇତିହାସରେ ସବୁଠାରୁ ଲମ୍ବା ଫୁଟ୍‌ବଲ ଟୁର୍ନାମେଣ୍ଟ ବୋଲି କୁହାଯାଉଛି।

### ପୁରସ୍କାର

ଚାମ୍ପିୟନ ବରଗଡ଼: ଟ୍ରଫି ସହ ୩,୦୦,୦୦୦
ରନରଅପ୍ ଭୁବନେଶ୍ୱର: ୨,୦୦,୦୦୦ ଟଙ୍କା
ଶ୍ରେଷ୍ଠ ଗୋଲକିପର: କୁମାର ସୋରେନ, ଯାଜପୁର ଏଫ୍‌ସି
ଶ୍ରେଷ୍ଠ ଡିଫେଣ୍ଡର: ଶିବ ମୁଣ୍ଡା, ବରଗଡ଼ ଏଫ୍‌ସି
ଶ୍ରେଷ୍ଠ ଷ୍ଟ୍ରାଇକର: ପ୍ରଦୀପ ଟୁଡୁ , ବରଗଡ଼ ଏଫ୍‌ସି
ଶ୍ରେଷ୍ଠ ମିଡ୍‌ଫିଲ୍ଡର: ଆଶିଷ କୁମାର, ଭୁବନେଶ୍ୱର ଏଫ୍‌ସି
ପ୍ଲେୟର ଅଫ୍ ଦି ଫାଇନାଲ: ସୌମ୍ୟରଞ୍ଜନ ଦେବତା, ବରଗଡ଼ ଏଫ୍‌ସି
ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ: ଶ୍ରୀଜଲ କିସ୍କୁ, ଭୁବନେଶ୍ୱର ଏଫ୍‌ସି

# ୧୩ରୁ ଖଣ୍ଡିତରର ସର୍ବଭାରତୀୟ କବାଡ଼ି

## ■ ଭାଗ ନେବେ ୨୨ ପୁରୁଷ, ୧୦ ମହିଳା ଦଳ
## ■ ପ୍ରୋ-କବାଡ଼ି ଖେଳାଳି ମୁଖ୍ୟ ଆକର୍ଷଣ

**ରସୁଲପୁର,୮।୬(ରଞ୍ଜିତ ରାଉତ)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଯାଜପୁର କବାଡ଼ି ଆସୋସିଏଶନ-ଖଣ୍ଡିତର ପକ୍ଷରୁ ୭୦ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ଆସନ୍ତା ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଖଣ୍ଡିତର କବାଡ଼ି ଷ୍ଟାଡିୟମ୍‌ରେ ଆୟୋଜନ କରାଯାଇଛି। ଏଥିରେ ରାଜ୍ୟ ବାହାରର ୧୪ ପୁରୁଷ ଦଳକୁ ମିଶାଇ ମୋଟ୍ ୨୨ ଓ ରାଜ୍ୟ ବାହାରୁ ୫ ଦଳ ସମେତ ୧୦ ମହିଳା ଦଳ ଭାଗନେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ବାହାରୁ ଆସୁଥିବା ପୁରୁଷ ଦଳରେ ୧୦/୧୨ଜଣ ପ୍ରୋ-କବାଡି ପ୍ରିମିୟମ ଲିଗ୍ ଖେଳାଳି ରହିଛନ୍ତି ଯାହାକି ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଏଥର ଉଦ୍‌ଘାଟନୀକୁ ଅଧିକ ଆଡମ୍ବରପୂର୍ଣ୍ଣ ଭାବେ କରାଯିବ। ପୁରସ୍କାର ରାଶିରେ ମଧ୍ୟ ବୃଦ୍ଧି କରାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଖେଳାଳିଙ୍କ ଲାଗି ପୁରସ୍କାର ରାଶିର ବ୍ୟବସ୍ଥା କରାଯାଇଛି। ଆସୋସିଏଶନ ସଭାପତି ପ୍ରଦୀପ ସେଠୀଙ୍କ ଅଧ୍ୟକ୍ଷତାରେ ରବିବାର ଖଣ୍ଡିତରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସମରେନ୍ଦ୍ର ଦାଶ, ଉପ-ସଭାପତି କୃଷ୍ଣକାନ୍ତ ପଣ୍ଡା, ଅଭୟ ମହାନ୍ତି, ଅରୁଣ ସାହୁ, ଗୋବିନ୍ଦ ଶତପଥୀ, ଉପଦେଷ୍ଟା ରବୀନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

ଏଥର ଟୁର୍ନାମେଣ୍ଟରେ ରାଜ୍ୟ ବାହାରୁ ଗୁଜରାଟ, ନାଗପୁର (ମହାରାଷ୍ଟ୍ର) ଭୋପାଳ ଓ ଜବଲପୁର (ମଧ୍ୟପ୍ରଦେଶ), ଗୁରୁଗ୍ରାମ ଓ ଜିନ୍ଦ (ହରିୟାଣା), ନିଜାମପୁର ଓ ଜେ.ଡି ଏକାଡେମୀ (ଦିଲ୍ଲୀ), ଆଗ୍ରା (ୟୁ.ପି.), ଦକ୍ଷିଣ-ପୂର୍ବ ରେଲୱେ, ପୂର୍ବ ରେଲୱେ, କୋଲକାତା ପୋଲିସ, ଛତିଶଗଡ଼ ରାଜ୍ୟ କବାଡ଼ି ଦଳ, ବିଳାସପୁର (ଛତିଶଗଡ଼) ଓ ଓଡ଼ିଶାରୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଦ୍ୟାଳୟ (ପୁରୀ), ଭଞ୍ଜନଗର (ଗଞ୍ଜାମ), କଟକ, କିଶୋର କ୍ଲବ, କଳିଙ୍ଗ କ୍ଲବ, ରେନ୍‌ବୋ କ୍ଲବ, ପଟିଆ (ଭୁବନେଶ୍ୱର), ଯାଜପୁର କବାଡ଼ି ଆସୋସିଏଶନ ଆଦି ଦଳ ଅଂଶଗ୍ରହଣ କରିବେ।

ରାଜ୍ୟ ବାହାରୁ ଅଂଶଗ୍ରହଣ କରୁଥିବା ମହିଳା ଦଳଗୁଡ଼ିକ ହେଲେ ଅଶୋକ ସଂଘ (କୋଲକାତା) ଦକ୍ଷିଣ-ପୂର୍ବ ରେଲୱେ, ପୂର୍ବ ରେଲୱେ, ଛତିଶଗଡ଼ ଓ ଗୁଜରାଟ। ରାଜ୍ୟ ଦଳ ସମେତ ଓଡ଼ିଶାରୁ କିଟ୍ ବିଶ୍ୱ ବିଦ୍ୟାଳୟ, କଳିଙ୍ଗ କବାଡ଼ି ଏକାଡେମୀ, କଟକ, କିଶୋର କ୍ଲବ ସମେତ ଆୟୋଜକ ଯାଜପୁର କବାଡ଼ି ଆସୋସିଏଶନ ଦଳ ମଧ୍ୟ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ।

ଅଲ୍‌ଇଣ୍ଡିଆ କବାଡ଼ି ଫେଡେରେଶନ ଅଫ ଇଣ୍ଡିଆ (ଏକେଏଫ୍‌ଆଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ୫୦ଜଣରୁ ଊର୍ଦ୍ଧ୍ୱ ଅଫିସିଆଲ ଖେଳ ପରିଚାଳନା କରିବେ। ଟୁର୍ନାମେଣ୍ଟର ପୁରୁଷ ବିଜେତା ଦଳକୁ ୧.୫ଲକ୍ଷ, ରନର-ଅପ୍ ଦଳକୁ ୧ ଲକ୍ଷ ଓ ମହିଳା ଦଳର ବିଜେତାଙ୍କୁ ୫୦ହଜାର, ରନର୍ସଅପ ଦଳକୁ୩୦ ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯିବ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଉଛନ୍ତି।

# ରିଙ୍କୁଙ୍କ ନିର୍ବନ୍ଧ ସମ୍ପନ୍ନ


ନିର୍ବନ୍ଧ ଅବସରରେ ଏମ୍‌ପି ପ୍ରିୟା ସରୋଜଙ୍କ ସହ କ୍ରିକେଟର ରିଙ୍କୁ ସିଂ।

**ଲକ୍ଷ୍ନୌ, ୮।୬:** ଭାରତୀୟ କ୍ରିକେଟର ରିଙ୍କୁ ସିଂ ରବିବାର ଆନୁଷ୍ଠାନିକ ଭାବେ ସମାଜବାଦୀ ପାର୍ଟି ଏମ୍‌ପି ପ୍ରିୟା ସରୋଜଙ୍କ ସହ ନିର୍ବନ୍ଧ କରିଛନ୍ତି। ଏହି ନିର୍ବନ୍ଧ କାର୍ଯ୍ୟକ୍ରମରେ କ୍ରିକେଟ୍ ଓ ରାଜନୀତି ଜଗତର କେତେଜଣ ଜଣାଶୁଣା ବ୍ୟକ୍ତି ଯୋଗଦେଇଥିଲେ। ସୋସିଆଲ ମିଡିଆରେ ଦୁହିଙ୍କ ନିର୍ବନ୍ଧ ବେଳର ଅନେକ ଫଟୋ ଓ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଉତ୍ତରପ୍ରଦେଶର ବିରୋଧୀ ଦଳ ନେତା ଅଖିଳେଶ ଯାଦବ ଓ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ଦେଖିବାକୁ ମିଳିଛି। ପ୍ରଥମଥର ଏମ୍‌ପି ହୋଇଥିବା ପ୍ରିୟାଙ୍କ ବାପା ତୁଫାନି ସରୋଜ ଜଣେ ଦୁଇଥରର ଏମ୍‌ପି ଓ ବର୍ତ୍ତମାନ ସମାଜବାଦୀ ପାର୍ଟିର ବିଧାୟକ ଅଛନ୍ତି। ଅନ୍ୟପକ୍ଷେ ଗତ ଦୁଇବର୍ଷ ହେଲା ଟିମ୍ ଇଣ୍ଡିଆ ପାଇଁ ଖେଳୁଥିବା ରିଙ୍କୁ ନିକଟରେ ଶେଷହୋଇଥିବା ଆଇପିଏଲ୍‌ରେ ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ସେ ୧୩ ମ୍ୟାଚ୍‌ରେ ୨୯.୪୨ ଆଭରେଜ୍ ଓ ୧୫୩.୭୩ ଷ୍ଟ୍ରାଇକ୍‌ରେଟ୍‌ରେ ୨୦୬ ରନ୍ କରିଥିଲେ।

# ଗ୍ରାନୋଲର୍ସ-ଜେବାଲସ୍ ଡବଲ୍ସ ଚାମ୍ପିୟନ

## ଫ୍ରେଞ୍ଚ୍ ଓପନ ଟେନିସ୍

**ପ୍ୟାରିସ୍, ୮।୬(ଏ.ପି.)**

ଦୁଇ ଭେଟେରାନ୍ ଖେଳାଳି ମାର୍ସେଲ ଗ୍ରାନୋଲର୍ସ ଓ ହେରାସିଓ ଜେବାଲସ୍ ଫ୍ରେଞ୍ଚ୍ ଓପନ ଡବଲ୍ସ ଫାଇନାଲ ଜିତିଛନ୍ତି। ଏହା ହେଉଛି ସେମାନଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ସ୍ପେନ୍‌ବାସିନ୍ଦା ଗ୍ରାନୋଲର୍ସଙ୍କ ବୟସ ୩୯ ବର୍ଷ ହୋଇଥିବା ବେଳେ ତାଙ୍କ ଆର୍ଜେଣ୍ଟାଇନ୍ ପାର୍ଟନରଙ୍କ ବୟସ ୪୦। ଏହି ଯୋଡ଼ିଙ୍କର ଏହା ହେଉଛି ୪ର୍ଥ ଗ୍ରାଣ୍ଡସ୍ଲାମ ଫାଇନାଲ। ଏଠାରେ କ୍ଲେକୋର୍ଟରେ ସେମାନେ ବ୍ରିଟିଶ୍ ଯୋଡ଼ି ଜୋ ସାଲିବୁରି ଓ ନିଲ୍ ସ୍କୁପସ୍କିଙ୍କୁ ୬-୦, ୬-୭(୫), ୭-୫ରେ ହରାଇ ଦେଇଛନ୍ତି।


ଟ୍ରଫି ସହ ମାର୍ସେଲ ଗ୍ରାନୋଲର୍ସ ଓ ହେରାସିଓ ଜେବାଲସ୍।

ପ୍ୟାରିସ୍‌ରେ ୫ମ ସିଡ୍ ମାନ୍ୟତାପ୍ରାପ୍ତ ଗ୍ରାନୋଲର୍ସ ଓ ଜେବାଲସ୍ ୨୦୧୯ ୟୁଏସ୍ ଓପନ୍ ଓ ୨୦୨୧ ଏବଂ ୨୦୨୩ ୱିମ୍ବେଲଡନ୍‌ରେ ରନରଅପ୍ ହୋଇଥିଲେ। ଓପନ୍ ଯୁଗରେ ସାଲିବୁରି ଓ ସ୍କୁପସ୍କି ଯୋଡ଼ି ପ୍ରଥମ ଅଲ୍ ବ୍ରିଟିଶ୍ ଟିମ୍ ଭାବେ ଏଠାରେ ପୁରୁଷ ଡବଲ୍ସ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ।

### ଟାଗର, ମ୍ୟାକ୍‌ଡୋନାଲ୍ଡ ଜିତିଲେ ଜୁନିୟର ଟାଇଟଲ

ଅଷ୍ଟ୍ରିଆର ଲିଲି ଟାଗର ଟୁର୍ନାମେଣ୍ଟରେ ଗୋଟିଏ ହେଲେ ସେଟ୍ ଡ୍ରପ୍ ନ କରି ଫ୍ରେଞ୍ଚ୍ ଓପନ ବାଳିକା ଟାଇଟଲ ଜିତିଛନ୍ତି। ଚଳିତବର୍ଷ ରୋଲାଣ୍ଡ ଗାରୋସ୍‌ଠାରେ ଜୁନିୟର ବର୍ଗରେ ପ୍ରଥମ ପଦାର୍ପଣ କରିଥିବା ୧୭ ବର୍ଷୀୟା ଟାଗର ଫାଇନାଲରେ ୮ମ ସିଡ୍ ବ୍ରିଟେନ୍‌ର ହାନା କ୍ଲୁଗ୍‌ମ୍ୟାନ୍‌ଙ୍କୁ ୬-୨, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ମ୍ୟାଚ୍‌ରେ ସେ ସମସ୍ତ ୫ ବ୍ରେକ୍ ପଏଣ୍ଟ ସେଭ୍ କରିପାରିଥିଲେ। ଫ୍ରେଞ୍ଚ୍ ଓପନ୍‌ରେ ଏକ ଜୁନିୟର ସିଙ୍ଗଲ୍ସ ଟାଇଟଲ ଜିତିବାରେ ସେ ପ୍ରଥମ ଅଷ୍ଟ୍ରେଲୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ବାଳକ ବିଭାଗର ଏକ ଅଲ୍ ଜର୍ମାନ୍ ଫାଇନାଲରେ ନିଲ୍ସ ମ୍ୟାକ୍‌ଡୋନାଲ୍ଡ ୬-୭(୫), ୬-୦, ୬-୩ରେ ସ୍କୋଏନ୍‌ହସ୍‌ଙ୍କୁ ପରାସ୍ତ କରିଥିଲେ।

# ଇଂଲଣ୍ଡରେ ଟିମ୍ ଇଣ୍ଡିଆର ଟ୍ରେନିଂ ଆରମ୍ଭ

**ଲଣ୍ଡନ, ୮।୬(ପି.ଟି.):** ଆସନ୍ତା ୨୦ ତାରିଖରୁ ଇଂଲଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ରବିବାରଠାରୁ ଟ୍ରେନିଂ ଆରମ୍ଭ କରିଛି। ଭାରତୀୟ ପେସର ଯଶ୍‌ପ୍ରୀତ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଆକାଶଦୀପ ସିଂଙ୍କ ସହ ନୂଆ ଅଧିନାୟକ ଗିଲ୍, ରିଷଭ ପନ୍ତ ଓ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଲର୍ଡ୍ସଠାରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମାର୍ଗଦର୍ଶନରେ ଟ୍ରେନିଂ ନେଉଛନ୍ତି। ୨୦୦୭ ପରେ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ସିରିଜ୍ ବିଜୟ ଲକ୍ଷ୍ୟରେ ଥିବା ଗିଲ୍‌ଙ୍କ ଭାରତୀୟ ଟେଷ୍ଟ ଦଳରେ ପ୍ରାୟତଃ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ସିରିଜ୍‌ର ପ୍ରଥମ ମ୍ୟାଚ୍ ହେଡିଂଲେରେ ଖେଳାଯିବ। ପରବର୍ତ୍ତୀ ୪ ମ୍ୟାଚ୍ ଯଥାକ୍ରମେ ଏଜ୍‌ବାଷ୍ଟନ, ଲର୍ଡ୍ସ, ଓଲ୍ଡ ଟ୍ରାଫୋର୍ଡ ଓ ଦି ଓଭାଲରେ ଖେଳାଯିବାର ଅଛି। ବର୍ତ୍ତମାନ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଚାଲିଥିବା ଅନ୍‌ଅଫିସିଆଲ ଦ୍ୱିତୀୟ ଟେଷ୍ଟରେ ଭାରତ ଏ' ପାଇଁ କିଛି ସିନିୟର ଦଳର ଖେଳାଳି ଖେଳୁଛନ୍ତି।

# ଦ୍ୱିତୀୟ ଦିନରେ ଭାରତକୁ ୬ ସ୍ୱର୍ଣ୍ଣ

**ତାଇପେ ସିଟି, ୮।୬:** ତାଇୱାନ୍ ଓପନ ଇଣ୍ଟରନ୍ୟାଶନାଲ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ରବିବାର ଭାରତୀୟ ଆଥ୍‌ଲେଟମାନେ ୬ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୩ ଥରର ଜାତୀୟ ଚାମ୍ପିୟନ ବିଥ୍ୟା ରାମରାଜ, ରୋହିତ ଯାଦବ, ପୂଜା, କ୍ରିଷ୍ଣ କୁମାର ଓ ଅନୁରାଣୀ ନିଜ ନିଜ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସନ୍ତୋଷ ଟି, ବିଶାଲ ଟିକେ, ଧରମ୍‌ବୀର ଚୌଧାରୀ, ଓ ମନୁ ଟି ଏସ୍‌ଙ୍କୁ ନେଇ ଗଠିତ ପୁରୁଷ ଦଳ ୪X-୪୦୦ ମି. ଇଭେଣ୍ଟରେ ୩:୦୫.୫୮ ସେକେଣ୍ଡ ଟାଇମିଂ ସହ ପୋଡିୟମରେ ଶୀର୍ଷସ୍ଥାନ ଅଧିକାର କରିଛି। ଯଶ୍ ପଲାକ୍ଷ ପୁରୁଷ ୪୦୦ ମି. ହର୍ଡଲ୍ସରେ (୪୨.୨୨ ସେ.) ରୌପ୍ୟ ପଦକ ଜିତିଛନ୍ତି। ବିଥ୍ୟା(୫୬.୫୩ ସେ.) ମହିଳା ୪୦୦ ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ପୁରୁଷ ଜାଭେଲିନ୍‌ରେ ରୋହିତ ୭୪.୪୨ ମି. ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂଜା ମହିଳା ୮୦୦ ମି. ଫାଇନାଲରେ ୨:୦୨.୭୯ ସେ. ଟାଇମିଂ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। କ୍ରିଷ୍ଣ କୁମାର ପୁରୁଷ ୮୦୦ ମି. ଫାଇନାଲରେ ଓ ଅନୁରାଣୀ ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ